Daily Edition:
RNI No.ODIODI/2010/33791

ସୋମବାର, ୧ ମଇ, ୨୦୨୩
ଭାଗ ୧୩, ସଂଖ୍ୟା ୨୩୪

Monday 1 May - 2023
Volume XIII, Issue No 234

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ଯୁଗାବ୍ଦ ୫୧୨୫, ସମ୍ବତ ୨୦୮୦
ମେଷ ୧୮, ୧୧ଶୀ

www.srutinews.com

ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଖବରକାଗଜ

# ଇତିହାସ ରଚିଲା ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ'ର ୧୦୦ତମ ଅଧ୍ୟାୟ



ନୂଆଦିଲ୍ଲୀ, ୩୦/୪(ଏଜେନ୍ସି) : ରବିବାର ଇତିହାସ ରଚିଲା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେଡିଓ ଅଭିଭାଷଣ ମାଧ୍ୟମରେ ମନର କଥା 'ମନ୍ କି ବାତ'ର ୧୦୦ତମ ଅଧ୍ୟାୟ। ସମଗ୍ର ଦେଶର କୋଣ ଅନୁକୋଣରେ ଦେଶବାସୀ ଏହାକୁ ଶୁଣିଥିଲେ । ରାଷ୍ଟ୍ରଗଠନରେ ଏକ ସଫଳ ଜନ ଆନ୍ଦୋଳନର ରୂପ ନେଇଥିବା ଏହି ରେଡିଓ ଅଭିଭାଷଣ କୋଟି କୋଟି ଭାରତୀୟମାନଙ୍କ ମନର କଥା, ସେମାନଙ୍କ ଭାବନାର ପରିପ୍ରକାଶ । ଦେଶବାସୀଙ୍କ ଚିନ୍ତା, ଚେତନା,ଭାବନା, ମନୋବଳ, ଆତ୍ମବିଶ୍ୱାସ, ନିଷ୍ଠା, କର୍ତ୍ତବ୍ୟ ପରାୟଣତା, ସେବା ମନୋଭାବ, ଦେଶାତ୍ମବୋଧ ସଂସ୍କୃତି ଓ ପରମ୍ପରାଠାରୁ ପରିବେଶ ପ୍ରତ୍ୟେକଟି ବିଷୟବସ୍ତୁ ଉପରେ ଭାରତୀୟଙ୍କ ଉତ୍କର୍ଷତା ଓ ପୁରୁଷାର୍ଥରେ ଅନୁପ୍ରାଣୀତ ହୋଇ ଆଗାମୀ ଯୁବପୀଢି କିପରି ଭାବେ ନବଭାରତ ଗଠନରେ ନିଜର ସର୍ବୋତ୍କୃଷ୍ଟ ଯୋଗଦାନ ଦେଇପାରିବେ ଓ ଭାରତୀୟତାକୁ ଆଧାର କରି ଭାରତ ବିଶ୍ୱବିଜୟୀ ହୋଇପାରିବ ସେ ଦିଗରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏହା ଏକ ସଫଳ ପ୍ରୟାସ ବୋଲି କୁହାଯାଇପାରେ । ସେଥିପାଇଁ ଖାଲି ଭାରତ ନୁହେଁ ବିଶ୍ୱର ଅଧିକାଂଶ ଦେଶରେ ଏହି ବିଶେଷ ୧୦୦ତମ ଅଧ୍ୟାୟକୁ ଶୁଣିବା ପାଇଁ ଭାରତୀୟମାନେ ଯୋଡି ହୋଇଥିଲେ ।

ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଥିଲେ ଯେ, ଯେପରି ମନ୍ଦ ଉପରେ ଭଲର ବିଜୟ ହୁଏ ଠିକ ସେପରି 'ମନ୍ କି ବାତ' ମଧ୍ୟ ଦେଶବାସୀଙ୍କ ଭଲ ଗୁଣର, ସକାରାତ୍ମକତାର ଗୋଟିଏ ନିଆରା ପର୍ବ ପାଲଟିଯାଇଛି । ଦେଶବାସୀଙ୍କ ନୂଆ ନୂଆ ସଫଳତାର କଥା ଯ 'ମନ୍ କି ବାତ୍'ରେ ଦେଶର କୋଣ-ଅନୁକୋଣରୁ ଲୋକେ ଯୋଡ଼ି ହେଲେ, ପ୍ରତ୍ୟେକ ବୟସର ଲୋକ ଯୋଡ଼ିହୋଇଛନ୍ତି । ବେଟି ବଚାଓ-ବେଟି ପାଓ କଥା ହେଉ, ସ୍ୱଚ୍ଛ ଭାରତ ଆନ୍ଦୋଳନ ହେଉ, ଖଦିକୁ ଭଲ ପାଇବା କଥା ହେଉ ବା ପ୍ରକୃତିର କଥା, ସ୍ୱାଧୀନତାର ଅମୃତ ମହୋତ୍ସବ କିମ୍ବା ଅମୃତ ସରୋବର କଥା ହେଉ – ମନ୍ କି ବାତ ଯେଉଁ ପ୍ରସଙ୍ଗ ସହ ଯୋଡ଼ି ହେଲା ତାହା ଗୋଟିଏ ଜନ ଆନ୍ଦୋଳନରେ ପରିଣତ ହେଲା । ଯେତେବେଳେ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ସହିତ 'ମନ୍ କି ବାତ୍'ର ଅଧ୍ୟାୟଟି ହୋଇଥିଲା ସାରା ବିଶ୍ୱରେ ଏହା ଉପରେ ଆଲୋଚନା ହୋଇଥିଲା ।

ସେ ଆହୁରି କହିଥିଲେ ଯେ, ତାଙ୍କ ପାଇଁ ତ 'ମନ୍ କି ବାତ୍' ହେଉଛି ଅନ୍ୟମାନଙ୍କ ଗୁଣକୁ ପୂଜା କରିବା ସଦୃଶ । ତାଙ୍କର ମାର୍ଗଦର୍ଶକ ଶ୍ରୀ ଲକ୍ଷ୍ମଣରାଓ ଇନାମଦାର୍‌ଙ୍କୁ ମନେ ପକାଇ ମୋଦୀ କହିଥିଲେ ଯେ, ସେ କହୁଥିଲେ ଆମେ ଅନ୍ୟମାନଙ୍କ ଗୁଣକୁ ପୂଜା କରିବା ଉଚିତ । ସମ୍ମୁଖରେ ଯେ କେହି ବି ଥାଉ, ଆମର ସପକ୍ଷବାଦୀ ଥାଉ କି ଆମର ବିରୋଧୀ, ଆମେ ତାଙ୍କଠାରେ ରହିଥିବା ସଦଗୁଣକୁ ଜାଣିବା ଏବଂ ସେଗୁଡ଼ିକୁ ଶିଖିବାର ପ୍ରଚେଷ୍ଟା କରିବା ଉଚିତ । ତାଙ୍କର ଏହି କଥା ମୋତେ 'ମନ୍ କି ବାତ' କାର୍ଯ୍ୟକ୍ରମ ପାଇଁ ପ୍ରେରଣା ଦେଇଆସିଛି ଓ ଅନ୍ୟମାନଙ୍କ ସଦ୍ଗୁଣଗୁଡ଼ିକୁ ଶିଖିବାର ଗୋଟିଏ ବହୁତ ବଡ଼ ମାଧ୍ୟମ ପାଲଟିଯାଇଛି ବୋଲି ସେ କହିଥିଲେ। ଏ ବର୍ଷ ଆମେ ଯେତେବେଳେସ୍ୱାଧୀନତାର ଅମୃତକାଳରେ ଆଗେଇ ଚାଲିଛନ୍ତି, ତା'ସହିତ ଜି-୨୦ ର ଅଧ୍ୟକ୍ଷତା ମଧ୍ୟ କରୁଛେ । ଏହା ବି ଏକ କାରଣ ଯାହାଦ୍ୱାରା ଶିକ୍ଷା ସଙ୍ଗେ ସଙ୍ଗେ ଭିନ୍ନ ଭିନ୍ନ ବୈଶ୍ୱିକ ସଂସ୍କୃତିକୁ ସମୃଦ୍ଧ କରିବା ଦିଗରେ ଆମର ସଂକଳ୍ପ ଆହୁରି ମଜଭୁତ ହୋଇପାରିଛି । ଆମ ଉପନିଷଦର ଗୋଟିଏ ମନ୍ତ୍ର ଶତାବ୍ଦୀ ଶତାବ୍ଦୀ ଧରି ଆମ ମନକୁ ପ୍ରେରଣା ଦେଇଆସିଛି । 'ଚରୈବେତି ଚରୈବେତି ଚରୈବେତି' । ଅର୍ଥାତ ନିରନ୍ତର ଚାଲୁଥାଅ, ଚାଲୁଥାଅ, ଚାଲୁଥାଅ । ଆଜି ଏହି ଚରୈବେତିର ଭାବନା ସହିତ 'ମନ୍ କି ବାତ'ର ୧୦୦ତମ ଅଧ୍ୟାୟ ପୂର୍ଣ୍ଣ ହୋଇଛି।

## ସ୍ୱର୍ଗତ ଡି. ପ୍ରକାଶ ରାଓଙ୍କ ନାମ ଉଲ୍ଲେଖ କଲେ ପ୍ରଧାନମନ୍ତ୍ରୀ

*ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜର ୧୦୦ ତମ 'ମନ୍ କି ବାତ'ରେଡିଓ ଅଭିଭାଷଣକୁ ରାଜ୍ୟର କୋଣ ଅନୁକୋଣରୁ ଶୁଣୁଥିବା ଓଡିଆମାନଙ୍କ ପାଇଁ ସେତେବେଳେ ଆନନ୍ଦର ମୁହୂର୍ତ୍ତ ଆଣି ଦେଇଥିଲା ଯେତେବେଳେ ସେ ଓଡିଶାର ସ୍ୱର୍ଗତ ଡି ପ୍ରକାଶ ରାଓଙ୍କ ଶିକ୍ଷା ପାଇଁ ଯୋଗଦାନ ଓ ସମର୍ପଣ ଭାବନାକୁ ମନେ ପକାଇଥିଲେ । ତାହା ବିକି କିପରି ଭାବେ ସ୍ୱର୍ଗତ ଡି ପ୍ରକାଶ ରାଓ କଟକରେ ଯେଉଁମାନେ ସ୍କୁଲ ଶିକ୍ଷାଗ୍ରହଣରୁ ବଞ୍ଚିତ ହେଉଥିଲେ ସେମାନଙ୍କ ପାଇଁ ସ୍କୁଲଟିଏ କରିପାରିଥିଲେ ତାହା ସ୍ମରଣ କରିଥିଲେ । ପ୍ରଧାନମନ୍ତ୍ରୀ ତାଙ୍କର ମନର କଥା କାର୍ଯ୍ୟକ୍ରମରେ ଅନେକ ଓଡିଆଙ୍କ ନିସ୍ୱାର୍ଥପରତା ଓ ପରାକାଷ୍ଠାକୁ ଅତୀତରେ ଉପସ୍ଥାପିତ କରି ଆମ ରାଜ୍ୟକୁ ଗର୍ବିତ କରିଛନ୍ତି । ୧୦୦ ତମ ଅଧ୍ୟାୟରେ ମଧ୍ୟ ସେ ଓଡିଶା ଓ ଓଡିଆଙ୍କ ଯୋଗଦାନକୁ ଭୁଲିନଥିଲେ । ପ୍ରକାଶରାଓ ଆଜି ଏ ଦୁନିଆରେ ନାହାଁନ୍ତି ସତ କିନ୍ତୁ ତାଙ୍କର ଯୋଗଦାନ ବଞ୍ଚିତମାନଙ୍କୁ ଶିକ୍ଷାଦାନର ଅଦମ୍ୟ ପ୍ରୟାସ ନିଶ୍ଚିତଭାବେ ଦେଶବାସୀଙ୍କୁ ଅନୁପ୍ରାଣିତ କରିବ।*









## ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

'ମଇ ଦିବସ' ଅବସରରେ ମୁଁ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନିଜ ନିଜ ପରିସରରେ ପ୍ରତ୍ୟେକ ନିଷ୍ଠାପର ଭାବେ କର୍ମ କରି ନିଜ ପାଇଁ ତଥା ରାଜ୍ୟ ପାଇଁ ଗର୍ବ ଓ ଗୌରବର କାରଣ ହେବା ନିମନ୍ତେ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR : 15001/13/0038/2324 DADLS-13





ଓଡ଼ିଶା ସରକାର

## ମଇ ଦିବସ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଶ୍ରମିକମାନେ ହେଉଛନ୍ତି ରାଷ୍ଟ୍ରର ଶକ୍ତି । ରାଷ୍ଟ୍ର ନିର୍ମାଣରେ ସେମାନଙ୍କ ଭୂମିକାକୁ ଆମେ ସର୍ବଦା ଶ୍ରଦ୍ଧାର ସହ ସ୍ମରଣ କରିବା ଆବଶ୍ୟକ । ମଇ ଦିବସ ଅବସରରେ ଆମର ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଶ୍ରମିକ ଓ ସେମାନଙ୍କ ପରିବାରର କଲ୍ୟାଣ ପାଇଁ ରାଜ୍ୟ ସରକାର କାର୍ଯ୍ୟକାରୀ କରୁଥିବା ବିଭିନ୍ନ କାର୍ଯ୍ୟକ୍ରମର ସୁଯୋଗ ନେବା ପାଇଁ ଅନୁରୋଧ କରୁଛି ।

ଶ୍ରମିକ କଲ୍ୟାଣ ହିଁ ରାଷ୍ଟ୍ରର କଲ୍ୟାଣ ।

(ନବୀନ ପଟ୍ଟନାୟକ)

OIPR : 15001/13/0038/2324 DADLS-13



ଓଡ଼ିଶା ସରକାର



## ବାର୍ତ୍ତା

ମଇ ୧ ତାରିଖ 'ଶ୍ରମିକ ଦିବସ' ଉପଲକ୍ଷେ ରାଜ୍ୟର ସମସ୍ତ ଶ୍ରମିକ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ।

ରାଜ୍ୟର ସମୃଦ୍ଧି ଓ ସାମଗ୍ରିକ ବିକାଶରେ ଶ୍ରମିକମାନଙ୍କର ଶ୍ରମ, ନିଷ୍ଠା ଓ ପ୍ରତିବଦ୍ଧତାକୁ ସମ୍ମାନ ଜଣାଉଛି ।

ଏହି ଅବସରରେ ଶ୍ରମିକ ଭାଇଭଉଣୀମାନଙ୍କର ସୁଖ, ସମୃଦ୍ଧି ଓ କଲ୍ୟାଣ ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ପ୍ରାର୍ଥନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା

OIPR : 15001/13/0038/2324 DADLS-13



# ଶ୍ରୀରାମ ଚରିତ ମାନସ





ଗୋସ୍ୱାମୀ ତୁଳସୀଦାସଙ୍କ ରଚିତ ଶ୍ରୀରାମଚରିତ ମାନସ କେବଳ ଏକ ଧାର୍ମିକ ଗ୍ରନ୍ଥ ନୁହେଁ । ସାମାଜିକ ଜୀବନ ଉପରେ ଏହାର ଗଭୀର ପ୍ରଭାବ ସମଗ୍ର ବିଶ୍ୱରେ ସ୍ୱୀକୃତ । ମାନସର ମର୍ମଜ୍ଞ ବିଦ୍ୱାନ, କେନ୍ଦ୍ରାପଡା ଅଭୟା ସଂସ୍କୃତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ, ସ୍ୱର୍ଗତ ପଣ୍ଡିତ ବାଞ୍ଛାନିଧି ଦାଶଙ୍କ ଦ୍ୱାରା ଲୋକପ୍ରିୟ ନବାକ୍ଷରୀ ଛନ୍ଦରେ ହୋଇଥିବା ଏହାର ଭାବଗର୍ଭକ ଅନୁବାଦ 'ଶ୍ରୁତି'ରେ ସଂପୂର୍ଣ୍ଣ ପ୍ରକାଶିତ ହେବା ପରେ ଆମ ପାଠକମାନଙ୍କ ଅନୁରୋଧରେ ପୁନଃ ପ୍ରକାଶିତ ହେଉଛି । ପୂର୍ବପରି ଏହା ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା ।

ଚୌପାଇ

**ଲଖନ କହା ହଁସି ହମରେଁ ଜାନା ।**
**ସୁନହୁ ଦେବ ସବ ଧନୁଷ ସମାନା ॥**
**କା ଛତି ଲାଭୁ ଜୁନ ଧନୁ ତୋରେଁ ।**
**ଦେଖା ରାମ ନୟନ କେ ଭୋରେଁ ॥୧॥**

ହସି କହନ୍ତି ଶ୍ରୀଲକ୍ଷ୍ମଣ ।
ଭୋ ଦେବ ଶୁଣ ମୋ ବଚନ ॥
ଧନୁ ମଧ୍ୟରେ ବଡ ସାନ ।
ତୁମ୍ଭେ ବାଛୁଛ ମୁନି ରାଣ ॥
କିନ୍ତୁ ହେ ମୁନି ସବୁ ଧନୁ ।
ଏକ ବୋଲିଣ ଆମ୍ଭେ ଜାଣୁ ॥
ଯୋ ଚାପ ଅତି ଜୀର୍ଣ୍ଣଶୀର୍ଣ୍ଣ ।
ତାହାକୁ କରି ଦେଲେ ଭଗ୍ନ ॥
କି ଲାଭ କ୍ଷତି ମିଳେ ତହୁଁ ।
ଆମ୍ଭେ ତା ବୁଝି ପାରୁ ନାହୁଁ ॥
ଦେଖିଲେ ରାମ ଭ୍ରମ ହୋଇ ।
ଦିଶିଲା ନୂଆ ପ୍ରାୟ ସେହି ॥
ଧରୁ ଧରୁ ତା ଭାଙ୍ଗି ଗଲା ।
ଏଥିରେ କିସ ଦୋଷ ହେଲା ॥

**ଛୁଅତ ଟୂଟ ରଘୁପତିହୁ ନ ଦୋସୂ ।**
**ମୁନି ବିନୁ କାଜ କରିଅ କତ ରୋସୂ ॥**
**ବୋଲେ ଚିତଇ ପରସୁ କୀ ଓରା ।**
**ରେ ସଠ ସୁନେହି ସୁଭାଉ ନ ମୋରା ॥୨॥**

ଛୁଇଁଲା ମାତ୍ରେ ସେ କୋଦଣ୍ଡ ।
ଭାଙ୍ଗି ହୋଇଲା ବେନି ଖଣ୍ଡ ॥
ଏଥିରୁ ବିଚାରୁଛି ମୁହିଁ ।
ରଘୁପତିଙ୍କ ଦୋଷ ନାହିଁ ॥
ବିନା କାରଣେ ଆହେ ମୁନି ।
କ୍ରୋଧ କରୁଛ କାହା ଘେନି ॥
ପରଶୁରାମ କ୍ରୋଧ ବହି ।
ନିଜ ପରଶୁ ଆଡେ ଚାହିଁ ॥
କହିଲେ ଆରେ ଦୁରାଚାର ।
ସ୍ୱଭାବ ଶୁଣିନାହୁଁ ମୋର ॥

**ବାଲକୁ ବୋଲି ବଧଉଁ ନହିଁ ତୋହୀ ।**
**କେବଲ ମୁନି ଜଡ଼ ଜାନହି ମୋହୀ ॥**
**ବାଲ ବ୍ରହ୍ମଚାରୀ ଅତି କୋହୀ ।**
**ବିସ୍ୱ ବିଦିତ ଛତ୍ରିୟକୁଲ ଦ୍ରୋହୀ ॥୩॥**

ତୋତେ ମୁଁ ବାଳକ ଅବୋଧ ।
ବିଚାରି କରୁନାହିଁ ବଧ ॥
କେବଳ ମୁନି ବୋଲି ମତେ ।
ଜାଣିଛୁ କିରେ ମୂର୍ଖ ସତେ ॥
ସହଜେ ବାଳବ୍ରହ୍ମଚାରୀ ।
ପୁଣି ମୁଁ କ୍ରୋଧ ବନ୍ତ ଭାରି ॥
କ୍ଷତ୍ରିୟ କୁଳ କାଳ ଯମ ।
ବିଶ୍ୱେ ପ୍ରସିଦ୍ଧ ମୋର ନାମ ॥

**ଭୁଜ ବଲ ଭୂମି ଭୂପ ବିନୁ କୀହ୍ନୀ ।**
**ବିପୁଲ ବାର ମହି ଦେଓ୍ୱହ୍ନ ଦୀହ୍ନୀ ॥**
**ସହସବାହୁ ଭୁଜ ଛେଦନିହାରା ।**
**ପରସୁ ବିଲୋକୁ ମହୀପ କୁମାରା ॥୪॥**

ନିଜର ଭୁଜ ବଳେ ଜାଣ ।
ମେଦିନୀ କଲି ନୃପ ହୀନ ॥

❖❖❖... କ୍ରମଶଃ

# ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ ସୂର୍ଯ୍ୟ ମନ୍ଦିର ପାଦଦେଶରେ ମୋଦିଜୀଙ୍କ ମନ କି ବାତ କାର୍ଯ୍ୟକ୍ରମ




କୋଣାର୍କ, ୩୦/୪(ଶ୍ରୁ.ମି.) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ସୂର୍ଯ୍ୟ ମନ୍ଦିର ପରିସରରେ ଭାରତ ବର୍ଷର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ମନ କି ବାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଖବରରୁ ପ୍ରକାଶ ଯେ ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ବ୍ୟତୀତ ଦେଶର ୧୩ଗୋଟି ଐତିହ୍ୟ ସ୍ଥଳୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତ କାର୍ଯ୍ୟକ୍ରମ ଏକ ସଙ୍ଗରେ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱ ଐତିହ୍ୟ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସୂର୍ଯ୍ୟମନ୍ଦିରର ପାଦଦେଶରେ ଅନୁଷ୍ଠିତ ଏହି ମନ କି ବାତ କାର୍ଯ୍ୟକ୍ରମକୁ ଟର୍ଚ୍ଚ ଲାଇଟ ଦେଖାଇ ପର୍ଯ୍ୟଟକ, ଛାତ୍ର ଛାତ୍ରୀ, ବୁଦ୍ଧିଜୀବୀ, ନେହେରୁ ଯୁବ କେନ୍ଦ୍ର ର ଯୁବ ସ୍ୱେଚ୍ଛାସେବୀ ଓ ବୁଦ୍ଧିଜୀବୀମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରାଚୀନ ସମୟର ଶାସନ ପଦ୍ଧତି, ସାମ୍ପ୍ରତିକ ସମୟର ଶାସନ ପଦ୍ଧତି, ସ୍ୱଚ୍ଛତା, ଲୋକାଭିମୁଖୀ ଶାସନ, ପ୍ରଧାନମନ୍ତ୍ରୀ ମୋଦୀଙ୍କ ଜନକଲ୍ୟାଣକାରୀ ପଦକ୍ଷେପ ସମ୍ପର୍କରେ ମନ୍ଦିର ଗାତ୍ରରେ ଉଲ୍ଲେଖନୀୟ ପଦକ୍ଷେପ ମାନ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସମଗ୍ର ପୁରୀ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟର ଏନସିସି, ସ୍କାଉଟ, ଗାଇଡ ଛାତ୍ର ଛାତ୍ରୀ, ଆର୍ତ୍ତତ୍ରାଣ କାର୍ତ୍ତିକେଶ୍ୱର ବିଦ୍ୟାପୀଠର ନାଭାଲ ୟୁନିଟ, ସୂର୍ଯ୍ୟ ମନ୍ଦିର ପରିଦର୍ଶନରେ ଆସିଥିବା ପର୍ଯ୍ୟଟକ ଓ ପୁରୀ ଜିଲ୍ଲା ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ସମେତ ୮୦୦ରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ଛାତ୍ରୀ ମାନେ ଏଥିରେ ଅଂଶଗ୍ରହଣ କରି ନିଜ ନିଜର ମତ ବିନିମୟ କରିଥିଲେ । ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୭ଟାରୁ ଆରମ୍ଭ ହୋଇ ୭ଘ ୩୦ମିନିଟ ସମୟରେ ଶେଷ ହୋଇଥିଲା । ଏହି କାର୍ଯ୍ୟକ୍ରମ ହେଉଛି ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୧୦୦ତମ ମନ କି ବାତ କାର୍ଯ୍ୟକ୍ରମ । ଏହି କାର୍ଯ୍ୟକ୍ରମରେ ଦେଶ ପ୍ରଗତିର ଚିତ୍ର ଓ ତାହାର ସଫଳତା ବିଷୟରେ ଉଲ୍ଲେଖନୀୟ କାର୍ଯ୍ୟାବଳୀ ସ୍ଥାନିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଛାତ୍ର ଛାତ୍ରୀ, ପର୍ଯ୍ୟଟକ ଓ ସ୍ୱେଚ୍ଛାସେବୀ ମାନେ ମନଭରି ଉପଭୋଗ କରିଥିଲେ । ଏହି ପରିପ୍ରେକ୍ଷୀରେ ଏଏସଆଇ କର୍ତ୍ତୃପକ୍ଷଙ୍କ ସମେତ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟର ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ପ୍ରଧାନମନ୍ତ୍ରୀଙ୍କ ଶହେ ତମ ମନ କି ବାତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଯୋଗଦେଲେ



ରାଜକନିକା, ୩୦/୦୪(ଶ୍ରୁ.ମି.) : ପ୍ରଧାନମନ୍ତ୍ରୀଙ୍କର ଶହେତମ ମନ କି ବାତ କାର୍ଯ୍ୟକ୍ରମରେ ସାଧାରଣ ଲୋକଙ୍କ ସହିତ ସାମିଲ ହୋଇ ରାଜକନିକା ବରାଙ୍ଗ ଗାଁରେ ପ୍ରଧାନମନ୍ତ୍ରୀଙ୍କୁ ଶୁଣିଲେ କେନ୍ଦ୍ରାପଡ଼ା ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା । ପ୍ରଧାନମନ୍ତ୍ରୀଙ୍କର ମନ କି ବାତ କାର୍ଯ୍ୟକ୍ରମ ଦ୍ୱାରା ଦେଶର କୋଣ ଅନୁକୋଣର ସାଧାରଣରୁ ସାଧାରଣ ଲୋକ ସିଧା ସଳଖ ପ୍ରଧାନମନ୍ତ୍ରୀଙ୍କ ସହିତ କଥା ହେବାର ସୁଯୋଗ ପାଇଛନ୍ତି । ଆଜି ସେଞ୍ଚୁରୀ ହୋଇଥିବା ମନ କି ବାତ କାର୍ଯ୍ୟକ୍ରମ ପୂର୍ବରୁ ବିଶ୍ୱରେ କେବେ ହୋଇନାହିଁ କୌଣସି ଦେଶ ଶହେ ତମ ମନ କି ବାତ କାର୍ଯ୍ୟକ୍ରମ କରି ପାରିନାହାନ୍ତି ଯାହା ଆମର ପ୍ରଧାନମନ୍ତ୍ରୀ କରି ଦେଖାଇଛନ୍ତି ବୋଲି ବୈଜୟନ୍ତ ପଣ୍ଡା କହିଛନ୍ତି । ତେବେ ଏହି କାର୍ଯ୍ୟକ୍ରମରେ ବରାଙ୍ଗ ଗାଁର ଦଳମତ ନିର୍ବିଶେଷରେ ଶତାଧିକ ପୁରୁଷ ମହିଳା ସାମିଲ ହୋଇ ଏଲ ଇ ଡି ମାଧ୍ୟମରେ ଦେଖିବା ସହିତ ଶୁଣିଥିଲେ । ସିଲୁ ସିଂଙ୍କ ନେତୃତ୍ୱରେ ଏକ ସଭା ମଧ୍ୟ ହୋଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ାର ପୂର୍ବତନ ସାଂସଦ ବୈଜୟନ୍ତ ପଣ୍ଡା ଓ ଜିଲ୍ଲା ଉପ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ବିଜେପି ନେତା ବୈକୁଣ୍ଠନାଥ ପରିଡା, ରଜତ ଦାସ, ପବିତ୍ର ମୋହନ ମିଶ୍ର, ଦାଶରଥି ପରିଡା, ବନମାଳୀ ମହାନ୍ତି, ଦୀନବନ୍ଧୁ ମାଲିକ, ଅକ୍ଷୟ ଖଟୁଆ, ଯଶବନ୍ତ ରାଉତ, କ୍ଷେତ୍ରବାସୀ ସାହାଣୀ, କୃଷ୍ଣଚନ୍ଦ୍ର ସାହୁ, ପ୍ରକାଶ ନନ୍ଦ, ସୁକାନ୍ତ ଖଟୁଆ, ନିଶିକାନ୍ତ ପଲେଇ, ସୁରେଶ ନାଥ, ସୁକାନ୍ତ ରାଉତ, ସୁରେନ୍ଦ୍ର ବେହେରା, ନିହାର ନାୟକ ଉପସ୍ଥିତ ଥିଲେ ।

# ବୈଶାଖ ମାସ ଶେଷ ଶନିବାର

## କୋଣାର୍କ ନବଗ୍ରହ ପୀଠ ଲୋକାରଣ୍ୟ ଓ ଶ୍ରଦ୍ଧାଳୁଙ୍କ ପୂଜାର୍ଚ୍ଚନା



କୋଣାର୍କ, ୩୦/୯(ଶ୍ରୁ.ମି.) : ବୈଶାଖ ମାସ ଶେଷ ଶନିବାର ଅବସରରେ କୋଣାର୍କ ସ୍ଥିତ ନବଗ୍ରହ ପୀଠରେ ଶ୍ରଦ୍ଧାଳୁ ମାନଙ୍କ ଆଶାତୀତ ଭିଡ ଦେଖିବାକୁ ମିଳିଛି । ଖବରରୁ ପ୍ରକାଶ ଯେ ବୈଶାଖ ମାସ ଶେଷ ଶନିବାର ପରିପ୍ରେକ୍ଷୀରେ ପରିବାର ସଦସ୍ୟଙ୍କ ଗ୍ରହ ଶାନ୍ତି ଓ ରିଷ୍ଟ ଖଣ୍ଡନ ନିମନ୍ତେ ଓଡିଶାର କୋଣ ଅନୁକୋଣରୁ ଶ୍ରଦ୍ଧାଳୁ ଭକ୍ତମାନଙ୍କ ବେଶ ଭିଡ ପରିଲକ୍ଷିତ ହୋଇଥିଲାବେଳେ ଗ୍ରହରାଜ ମାନଙ୍କ ପୂଜାର୍ଚ୍ଚନା କରିଥିଲେ । ନବଗ୍ରହ ପୀଠରେ ଶ୍ରଦ୍ଧାଳୁ ଭକ୍ତମାନେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ କରିଥିଲେ । ଶାରୀରିକ ଓ ମାନସିକ ଭାବେ ବିକଳାଙ୍ଗ ପିଲା ମାନଙ୍କୁ ନବଗ୍ରହ ପୀଠ ସ୍ଥିତ ବାଲିରେ ଗାତ ଖୋଳି ପୋତିଲେ ଉପଶମ ମିଳେ ବୋଲି ବିଶ୍ୱାସ ରହିଛି । ଏହି ପରିପ୍ରେକ୍ଷୀରେ ଶତାଧିକ ଶ୍ରଦ୍ଧାଳୁ ଭକ୍ତମାନେ ନିଜ ନିଜର ଶାରୀରିକ ଓ ମାନସିକ ଭାବେ ବିକୃତ ପିଲା ମାନଙ୍କ ଗାତ ଖୋଳି ପୋତୁଥିବା ଦୃଶ୍ୟ ବେଶ ମନୋରମ । ଏହି ଧାର୍ମିକ ପରମ୍ପରା ଅନୁଯାୟୀ ନବଗ୍ରହ ପୀଠରେ ଶତାଧିକ ମାନସିକ ଉପବାସ ଧାରୀ ମହିଳା ଶ୍ରଦ୍ଧାଳୁ ଭକ୍ତମାନେ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଆଦି କାର୍ଯ୍ୟ ସଂପାଦନ କରି ପରିବାରର କଲ୍ୟାଣ ନିମନ୍ତେ ଆଶିଷ ଭିକ୍ଷା କରିଥିଲେ । ଏହି ପରିପ୍ରେକ୍ଷୀରେ ନବଗ୍ରହ ପୀଠରେ ବୈଶାଖ ମାସ ଶେଷ ଶନିବାର ଅବସରରେ ଲୋକାରଣ୍ୟ ହୋଇଥିଲା । ହୋମଯଜ୍ଞ ଆଦି କାର୍ଯ୍ୟ ଅବସରରେ ନବଗ୍ରହ ପୀଠରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥିଲା ।

# କୋଣାର୍କ ସୁରକ୍ଷା ସମିତି ଓ ସୂର୍ଯ୍ୟନାରାୟଣ ବନ ସୁରକ୍ଷା ସମିତି ମହାସଂଘ ପକ୍ଷରୁ ଜଳ ସେବା

କୋଣାର୍କ, ୩୦/୪(ଶ୍ରୁ.ମି.) : ବୈଶାଖ ମାସ ଶେଷ ଶନିବାର ଉପଲକ୍ଷେ କୋଣାର୍କ ସୂର୍ଯ୍ୟ ମନ୍ଦିର ନିକଟରେ ଥିବା ନବଗ୍ରହ ପୀଠ ପରିସରରେ କୋଣାର୍କ ସୁରକ୍ଷା ସମିତି ଓ ସୂର୍ଯ୍ୟନାରାୟଣ ବନ ସୁରକ୍ଷା ସମିତି ମହାସଂଘ ପକ୍ଷରୁ ଜଳ ସେବା କେନ୍ଦ୍ର ଖୋଲାଯାଇ ହଜାର ହଜାର ଶ୍ରଦ୍ଧାଳୁଙ୍କ ନିମନ୍ତେ ଦହି ସରବତ ମାଗଣାରେ ବଣ୍ଟନ କରାଯାଇଥିଲା । ସୂର୍ଯ୍ୟ ନାରାୟଣ ଇ.ଡି.ସି ମହାସଂଘ ର ସଭାପତି ଭାଗିରଥି ସ୍ୱାଇଁ ସମ୍ପାଦକ ତଥା ବାଣପଦା ଇ.ଡି.ସି ସଭାପତି ବିଶ୍ୱଜିତ୍ ନାୟକ, କୁଞ୍ଜମଠ ଇ.ଡି.ସି ସଭାପତି ଆଲୋକ ଦାସ, ରାଉଳ ପାଟଣା ଇ.ଡି.ସି ସଭାପତି ପହଲା କାଣ୍ଡି, ମାଙ୍କରଗୋରଡି ଇ.ଡି.ସି ସଭାପତି ବିନାୟକ ସ୍ୱାଇଁ, କୁରୁଜଙ୍ଗ ଇ.ଡି.ସି ସଭାପତି ଦେବେନ୍ଦ୍ର ପାତ୍ରଙ୍କ ସହାୟତାରେ ଉକ୍ତ ପୀଠରେ ଜଳ ଛତ୍ର ସହ ସୁବାସିତ ଦହିପଣାର ବ୍ୟବସ୍ଥା କରାଯାଇଥିଲା । ଯାହା ଫଳରେ ପ୍ରଚଣ୍ଡ ଖରାରେ ହଜାର ହଜାର ଶ୍ରଦ୍ଧାଳୁ ପିଇବା ପାଇଁ ଭିଡ ଜମାଇଥିବା ଦେଖିବାକୁ ମିଳିଥିଲା । କୋଣାର୍କ ସୁରକ୍ଷା ସମିତିର ନିରଞ୍ଜନ ତ୍ରିପାଠୀ, ବିରଞ୍ଚି ନାରାୟଣ ରଥ ଓ ସମସ୍ତ କର୍ମକର୍ତ୍ତା ଉକ୍ତ କାର୍ଯ୍ୟକ୍ରମକୁ ସୁନ୍ଦର ରୂପେ ସମ୍ପାଦନ କରିଥିବା ଦେଖିବାକୁ ମିଳିଥିଲା ।



# ଯୁବ କଳାକାର ଯୁବ ଶକ୍ତି ସମ୍ମାନରେ ସମ୍ବର୍ଦ୍ଧିତ



ରାଜକନିକା, ୩୦/୦୪(ଶ୍ରୁ.ମି.) : ରାଜକନିକା ଦୋସଉତୁଣୀ ଗାଁର ବାବା ମୋହାପୁରୁଷ ନାଟ୍ୟ ପରିଷଦ ଆୟୋଜିତ ନାଟକ ଦୁଃଖ ସରିବନି ମରିବା ଯାଏଁ ନାଟକରେ ଯୁବ କଳାକାର ସୋମ୍ୟ କାନ୍ତ ନାୟକଙ୍କୁ ଶ୍ରେଷ୍ଠ ଚରିତ୍ର ଅଭିନୟରେ ଯୁବ ଶକ୍ତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଛି । ଦୋସଉତୁଣୀ ଗାଁରେ ବାବା ମୋହା ପୁରୁଷଙ୍କ ଜୟନ୍ତୀ ଅବସରରେ ଦୁଇଦିନ ଧରି ନାଟକ ପରିବେଷଣ କରାଯାଇଥିଲା । ସୋମ୍ୟକାନ୍ତ ନାୟକ ମଞ୍ଚସ୍ଥ ଦୁଃଖ ସରିବନି ମରିବା ଯାଏଁନାଟକରେ ଚରିତ୍ର ଅଭିନୟ କରି ଶ୍ରେଷ୍ଠ କଳାକାର ଭାବରେ ଯୁବ ଶକ୍ତି ସନମାନରେ କମିଟି ପକ୍ଷରୁ ସମ୍ବର୍ଦ୍ଧିତ ହୋଇଥିବା ଜଣାପଡିଛି । ଏଠାରେ ପ୍ରକାଶଥାଉ ସୋମ୍ୟକାନ୍ତ କେବଳ ନାଟକ ନୁହେଁ ଟେଲିଭିଜନ କଳାକାର ଭାବେ ଅନେକ ସନମାନ ଓ ସମ୍ବର୍ଦ୍ଧନା ପାଇ ସାରିଛନ୍ତି । କମିଟିର ସଭାପତି ସଦାନନ୍ଦ ରାଉତ ଓ ସମ୍ପାଦକ ଲକ୍ଷ୍ମଣ କୁମାର ରାଉତଙ୍କ ସହିତ ଅନେକ ବରିଷ୍ଠ ବିଚାରକ ଉପସ୍ଥିତ ରହି ଏହି ନାଟକ ଦେଖିବା ପରେ ଚରିତ୍ର କଳାକାର (ବାପା ଭୂମିକାରେ) ଅଭିନୟ କରି ସମସ୍ତ ବିଚାରକ ମଣ୍ଡଳୀ ଓ ଦର୍ଶକଙ୍କୁ କନ୍ଦାଇ ବା ସହିତ ସମାଜରେ ବୃଦ୍ଧ ବାପା ମା ମାନେ କିଭଳି ନିଜ ଜନ୍ମିତ ପିଲା ମାନଙ୍କ ଦ୍ୱାରା ଲାଞ୍ଛିତ ଓ ଅବହେଳିତ ହେଉଛନ୍ତି ତାହାର ନିଛକ ଅଭିନୟ ପରିପାଦନ କରି ଏହି ସମ୍ମାନରେ ସମ୍ମାନିତ ହୋଇଥିବା ଜଣାପଡିଛି ।

# ନନ୍ଦନକାନନ କାଞ୍ଜିଆ ହ୍ରଦରେ ବୁଡି ଯୁବକ ମୃତ



ବାରଙ୍ଗ, ୩୦/୪(ଶ୍ରୁ.ମି.) : ନନ୍ଦନକାନନ କାଞ୍ଜିଆ ହ୍ରଦରେ ବୁଡି ଜଣେ ଯୁବକ ମୃତ । ମୃତ ଯୁବକଙ୍କ ନାମ ଅପନି ବେହେରା(କାଳିଆ), ଘର ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ । ମୃତ ଯୁବକ ନନ୍ଦନକାନନ ସ୍ଥିତ ଜଗନ୍ନାଥ ମନ୍ଦିର ପଛ ପାର୍ଶ୍ୱ ଟାଙ୍ଗୀରେ ନିଜ ଭଉଣୀ ଓ ଭିଣୋଇ ଘରେ ରହୁଥିଲେ । ଆଜି ଅର୍ଥାତ ରବିବାର ସକାଳ ୬.୩୦ ରୁ ଘରୁ ଗାଧୋଇବାକୁ କାଞ୍ଜିଆ ହ୍ରଦ ଆସିଥିବାବେଳେ ଆଉ ଘରକୁ ଫେରିନଥିଲା । କିଛି ଲୋକ ସେଠାକୁ ଗାଧୋଇବାକୁ ଯାଇଥିବା ବେଳେ ତାଙ୍କୁ ପାଣିରେ ଭାସୁଥିବା ଦେଖିବାକୁ ପାଇଥିଲେ । ମୃତ ଯୁବକଙ୍କ ବାତ ରୋଗ ଥିବାରୁ ସେ ଗାଧୋଇବା ସମୟରେ ଏଭଳି ଦୁର୍ଘଟଣା ଘଟିଥିବା ଅନୁମାନ କରାଯାଉଛି । ନନ୍ଦନକାନନ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି । ମୃତ ଯୁବକଙ୍କ ବୟସ ୩୪ ହେବ ବୋଲି ପୋଲିସ ଅନୁମାନ କରୁଥିବାବେଳେ, ଶବ ବ୍ୟବଚ୍ଛେଦ ପରେ ସଠିକ ତଥ୍ୟ ମିଳିବ ବୋଲି ପୋଲିସ କହୁଛି ।

# ମାନ୍ୟବର ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କଳାହାଣ୍ଡି ଜିଲ୍ଲା ଗ୍ରସ୍ତ

## ଜିଲ୍ଲାରେ ଏମ ରାମପୁର ଏବଂ କେସିଙ୍ଗା ଠାରେ ଅତିରିକ୍ତ ଦେୱାନି ଜଜ୍ ତଥା ଜେ ଏମ ଏଫ୍ ସି କୋର୍ଟର ନୂତନ କୋଠାର ଶୁଭ ଉଦଘାଟନ




ଭବାନୀପାଟଣା/କେସିଙ୍ଗା, ୩୦/୪(ଶ୍ରୁ.ମି.) : ଆଜି କଳାହାଣ୍ଡି ଜିଲ୍ଲା ଏମ ରାମପୁର ଏବଂ କେସିଙ୍ଗା ଠାରେ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ଡ ଏସ ମୂରଲୀଧରଙ୍କ କରକମଳରେ ଅତିରିକ୍ତ ଦେୱାନୀ ଜଜ୍ ତଥା ଜେ ଏମ ଏଫ୍ ସିର ନୂତନ କୋଠାର ଶୁଭ ଉଦଘାଟନ ହୋଇଯାଇଛି । ଏହି ଅବସରରେ ସକାଳ ଘ ୮.୫୦ ସମୟରେ ଏମ ରାମପୁର ନୂତନ କୋଠା ଉଦଘାଟନ ସମୟରେ ହାଇକୋର୍ଟ ଜଜ୍ ତଥା ଅଧ୍ୟକ୍ଷ, କୋଠାବାଡ଼ି କମିଟି ହାଇକୋର୍ଟ ଡ ଜଷ୍ଟିସ ବି ଆର୍ ଷଡ଼ଙ୍ଗୀ, ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲ ଶ୍ରୀ ପ୍ରତାପ କୁମାର ପାତ୍ର, ହାଇକୋର୍ଟ ରେଜିଷ୍ଟ୍ରାର ଭିଜିଲାନ୍ସ ଶ୍ରୀ ଅଖିଳ କୁମାର ପଶ୍ଚିମକବାଟ, ଜିଲ୍ଲା ଓ ଦୌରା ଜଜ୍ କଳାହାଣ୍ଡି ଶ୍ରୀ ଦୀପ୍ତି ରଞ୍ଜନ କାନୁନଗୋ, ଜିଲ୍ଲାପାଳ କଳାହାଣ୍ଡି ଶ୍ରୀମତୀ ପି ଅନ୍ୱେଷା ରେଡ୍ଡୀ, ଆରକ୍ଷି ଅଧୀକ୍ଷକ, କଳାହାଣ୍ଡି ଶ୍ରୀ ଅଭିଳାଷ ଜି, ଏମ ରାମପୁର ଓକିଲ ସଂଘ ଅଧ୍ୟକ୍ଷ ଶ୍ରୀ ଜୟ ନାରାୟଣ ସିଂହଦେଓ, ସମ୍ପାଦକ, ଓକିଲ ସଂଘ, ଏମ ରାମପୁର ଶ୍ରୀ ଯତୀନ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ମୁଖ୍ୟ ଅତିଥି ତଥା ଅତିଥି ମାନଙ୍କୁ ଘୁମୁରା ନୃତ୍ୟର ତାଳେ ତାଳେ ସ୍ୱାଗତ କରଯାଇଥିଲା । ମଞ୍ଚାସିନ ଅତିଥି ହାଇକୋର୍ଟ ମୁଖ୍ୟ ବିଚାରପତି ଡ ଏସ ମୂରଲୀଧର, ହାଇକୋର୍ଟ ଜଜ୍ ଡ ଜଷ୍ଟିସ ବି ଆର୍ ଷଡ଼ଙ୍ଗୀ, ଓକିଲ ସଂଘ ସଭାପତି ଶ୍ରୀ ଜୟ ନାରାୟଣ ସିଂହଦେଓ, ସମ୍ପାଦକ ଶ୍ରୀ ଯତୀନ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଓଡ଼ିଶା ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ଉତ୍କଳଜନନୀ ଗାନ କରାଯାଇଥିଲା । ଜିଲ୍ଲା ଓ ଦୌରାଜଜ ଶ୍ରୀ ଦୀପ୍ତି ରଞ୍ଜନ କାନୁନଗୋ ସମସ୍ତଙ୍କୁ ସ୍ୱାଗତ କରିଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ ଏମ ରାମପୁର ଓକିଲ ସଂଘ ର ନିରନ୍ତର ଆଗ୍ରହ ଓ ଚେଷ୍ଟା ଯୋଗୁ ସମସ୍ତ ସୁବ୍ୟବସ୍ଥା ସହ ଏହି ନୂତନ କୋଠା ସମସ୍ତଙ୍କୁ ଉଚିତ୍ ନ୍ୟାୟ ଦେବାରେ ସକ୍ଷମ ହେବ ଏବଂ ଏଥିପାଇଁ ଓକିଲ ତଥା ବିଚାର ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ବୋଲି କହିଥିଲେ । ହାଇକୋର୍ଟ ଜଜ୍ ଡ ଜଷ୍ଟିସ ବି ଆର୍ ଷଡ଼ଙ୍ଗୀ ନିଜ ବକ୍ତବ୍ୟରେ ସାଧାରଣ ଲୋକଙ୍କ ସେବାରେ ଏହି କୋର୍ଟ ଉଦ୍ଦିଷ୍ଟ ଏବଂ ତଳ ରୁ ତଳ ସ୍ତର ପର୍ଯ୍ୟନ୍ତ ଲୋକଙ୍କୁ ନ୍ୟାୟ ଦେବାରେ ହେଳା ନ କରିବାକୁ ଯୁବ ଆଇନଜୀବୀମାନଙ୍କୁ ଆହ୍ୱାନ କରିବା ସହ ଏବଂ ଏହି ସ୍ଥାନରୁ ମଧ୍ୟ ଅନ୍ ଲାଇନ୍ ମାଧ୍ୟମରେ ହାଇକୋର୍ଟ କେସକୁ ଲଢି ହେବ ବୋଲି କହିଥିଲେ । ସଭାରେ ବରିଷ୍ଠ ଆଇନଜୀବୀ ଗଙ୍ଗାଧର ମହାନ୍ତି, ବିଶ୍ୱମ୍ଭର ମହାନ୍ତି, ବିମଳ ଚନ୍ଦ ଏବଂ ଆଇନଜୀବୀ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂହ ଦେଓ ଙ୍କୁ ମୁଖ୍ୟ ଅତିଥି ମାନପତ୍ର ସହ ସମ୍ବର୍ଦ୍ଧନା କରିଥିଲେ । ଏହି ନୂତନ କୋଠାରେ ସି ସି ଟିଭି, ଶିଶୁ ଯତ୍ନ, ସ୍ତନ୍ୟପାନ ଗୃହ, ପାର୍କିଂ ସ୍ଥଳ, ଦିବ୍ୟାଙ୍ଗ ପାଇଁ ରାମ୍ପ, ସାକ୍ଷୀ ଗୃହ, ଆଭାସି ଗୃହ, ଇ ସେବା କେନ୍ଦ୍ର, ଇ ଫାଇଲିଂ, କେଣ୍ଟିନ, ମଡେଲ କୋର୍ଟ ର ସୁବ୍ୟବସ୍ଥା କରାଯାଇଛି । ସେଭଳି ଦିବା ଘ ୧୧.୧୫ ମି ସମୟରେ କେସିଙ୍ଗା ସ୍ଥିତ ଅତିରିକ୍ତ ଦେୱାନୀ ଜଜ୍ ତଥା ଜେ ଏମ ଏଫ୍ ସି ର ନୂତନ କୋଠା ମୁଖ୍ୟ ଅତିଥି ହାଇକୋର୍ଟ ମୁଖ୍ୟ ବିଚାରପତି ଡ ଏସ ମୂରଲୀଧରଙ୍କ କରକମଳରେ ଉଦଘାଟନ ହୋଇଥିଲା । ସଭା ଆରମ୍ଭ ପୂର୍ବରୁ ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ଉତ୍କଳଜନନୀ ପରିବେଷଣ ସହ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରଯାଇଥିଲା । କେସିଙ୍ଗା ଠାରେ ହାଇକୋର୍ଟ ମୁଖ୍ୟ ବିଚାରପତି ଡ ଏସ ମୂରଲୀଧର, ହାଇକୋର୍ଟ ଜଜ୍ ଡ ଜଷ୍ଟିସ ବି ଆର୍ ଷଡ଼ଙ୍ଗୀ, କେସିଙ୍ଗା ଓକିଲ ସଂଘ ସଭାପତି ଶ୍ରୀ ପ୍ରକାଶ କୁମାର ଦାସ ଏବଂ ସମ୍ପାଦକ ଶ୍ରୀ ଆଲୋକ ରଞ୍ଜନ ଦାସ ମଞ୍ଚା ସିନ ଥିଲେ । ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କେସିଙ୍ଗା ନୂତନ ଜେ ଏମ ଏଫ୍ ସି କୋର୍ଟ ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ଅବହେଳା କରିବ ନାହିଁ ଏବଂ ଲୋକଙ୍କ ନ୍ୟାୟପାଳିକା ଉପରେ ବିଶ୍ୱାସକୁ ଅତୁଟ ରଖିବାରେ ଆଇନଜୀବୀ ଏବଂ ବିଚାରବିଭାଗୀୟ ଅଧିକାରୀଙ୍କ ମହତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ । ଏହି ଅବସରରେ ସ୍ୱର୍ଗତ ଗୋପାଳ କୃଷ୍ଣ ପଟ୍ଟନାୟକ, ପ୍ରମୋଦ ରଥ, ମଳୟ ଭୋଇଙ୍କୁ ମରନୋତ୍ତର ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ନୂତନ କୋଠାରେ ମଧ୍ୟ ସମସ୍ତ ସୁବ୍ୟବସ୍ଥା କରାଯାଇଛି । ସୂଚନା ଯୋଗ୍ୟ ଯେ ଏମ ରାମପୁର ଜେ ଏମ ଏଫ୍ ସି କୋର୍ଟ ତା ୧.୧୦.୧୯୮୨ରୁ ଏବଂ କେସିଙ୍ଗା କୋର୍ଟ ତା ୧.୩.୨୦୧୪ ରୁ କାର୍ଯ୍ୟକାରୀ ହେଉଥିଲା ତାହା ବର୍ତ୍ତମାନ ନୂତନ କୋଠାରେ ଆସନ୍ତା କାଲି ୧.୫.୨୦୨୩ରୁ କାର୍ଯ୍ୟକାରୀ ହେବ ।

# ଉପୁଲାଇ ଗ୍ରାମରେ ଶନିଶ୍ଚର ଦେବଙ୍କ ୫୮ତମ ଜନ୍ମବାର୍ଷିକ ଉତ୍ସବ

## ସମ୍ମାନିତ ହେଲେ ବଜରଙ୍ଗଦଳ ସଂଯୋଜକ ସୁଶିଲ କୁମାର ମଲ୍ଲିକ



ଯାଜପୁର, ୩୦/୪(ଶ୍ରୁ.ମି.) : ଯାଜପୁର ଜିଲ୍ଲା କୋରେଇ ବ୍ଲକ ଉପୁଲାଇ ଗ୍ରାମରେ ଶନିଶ୍ଚରଙ୍କ ୫୮ତମ ଜନ୍ମବାର୍ଷିକ ଓ ମେଳା ଶନିବାର ଅନୁଷ୍ଠିତ ହୋଇଯାଇଅଛି । ଶନିଶ୍ଚର ମେଳା ଦେଖିବାକୁ ହଜାର ହଜାର ଶ୍ରଦ୍ଧାଳୁମାନେ ଭୋରୁ ଭୋରୁ ଆସି ଅପରାହ୍ନ ଚାରିଟା ପର୍ଯ୍ୟନ୍ତ ଭିଡ ଲାଗିରହିଥିଲା । ଶ୍ରଦ୍ଧାଳୁ ମାନେ ଧାଡ଼ିରେ ଆସି ପୂଜାର୍ଚ୍ଚନା କରିବା ସହ ଶନିଗ୍ରହରାଜଙ୍କୁ ଦର୍ଶନ କରିଥିଲେ । ଭକ୍ତମାନେ ପାଖ ପୋଖରୀରୁ ପାଣି ଆଣି ଶନିଦେବଙ୍କ ଜଳାଭିଷେକ କରିଥିଲେ । ଏହି ଅବସରରେ ନାରାୟଣ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ସାମ୍ବାଦିକ ପବିତ୍ର ମୋହନ ରାଉତ ରାୟଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଶ୍ରୀମତୀ ସାବିତ୍ରୀ ରାଉତ, ମୁଖ୍ୟ ବକ୍ତା ପ୍ରବଚକ ମାନସ ଚନ୍ଦ୍ର ପ୍ରହଲ୍ଲାଦ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆୟୁକ୍ତ ଆୟକର ଓ ଜି ଏସ ଟି ର ପୀୟୁଷ ପାଣି, ସ୍ଥାନୀୟ ସରପଞ୍ଚ ସନ୍ତୋଷ କୁମାର ସ୍ୱାଇଁ, ଯୁବ ସମାଜ ସେବୀ ଓ ବଜରଙ୍ଗଦଳ ବ୍ୟାସନଗର ସଂଯୋଜକ ଶୁଶିଲ କୁମାର ମଲ୍ଲିକ, ଯୁବ ସାମ୍ବାଦିକ ଏବଂ ସମାଜସେବୀ ଟୁନା ଗୁରୁ, ଅବସର ପ୍ରାପ୍ତ ଶିକ୍ଷକ ମୀନକେତନ ଦାସ, ଦୁଷ୍ମନ୍ତ ରାଉତରାୟ, କିରଣ ଧଳ ଯୋଗଦେଇଥିବା ବେଳେ ପରିଚାଳନା କମିଟି ସମ୍ପାଦକ ବିକ୍ରମ କେଶରୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ବ୍ରାହ୍ମଣ ଶ୍ରୀଧର ଆଚାର୍ଯ୍ୟ ଓ କୈଳାସ ଚନ୍ଦ୍ର ଆଚାର୍ଯ୍ୟ ଯଜ୍ଞ କାର୍ଯ୍ୟ ପରିଚାଳନା କରିଥିବାବେଳେ ଶରତ ପଣ୍ଡା ସହଯୋଗ କରିଥିଲେ ଏବଂ କମିଟିର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ ପୂଜା ବିଧି ଅନୁଷ୍ଠିତ ହୋଇଥିଲା । ମଧ୍ୟାହ୍ନରେ ଭକ୍ତମାନଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା ।

# ଗଞ୍ଜେଇ ବୋଝେଇ ଗାଡ଼ି ଜବତ ବେଳେ ଅଘଟଣ

## ନାରକୋଟେକ ଟିମକୁ ନକଲି ପୋଲିସ ଭାବିଲେ ଲୋକେ; ସୁଯୋଗ ଦେଖି ଜଣେ ଅଭିଯୁକ୍ତ ଫେରାର



ତେଲକୋଇ, ୩୦/୪(ଶ୍ରୁ.ମି.) : ନାର୍କୋଟେକ୍ ବିଭାଗର ଏକ ଟିମ ଗଂଜେଇ ବୋଝେଇ ପିକଅପ ଭ୍ୟାନ ଧରିଲା ବେଳେ ସ୍ଥାନୀୟ ଲୋକଙ୍କ ଦ୍ୱାରା ହଟହଟା ହେବାକୁ ପଡ଼ିଛି। ଲୋକେ ନକଲି ପୁଲିସ ଭାବି ହୋ ହାଲ୍ଲା କରୁଥିବାବେଳେ ଏହାର ସୁଯୋଗ ନେଇ ଜଣେ ଅପରାଧୀ ଫେରାର ହୋଇଯାଇଛି। ଏଭଳି ଏକ ଘଟଣା ଆଜି କେନ୍ଦୁଝର ଜିଲ୍ଲା ତେଲକୋଇ ଥାନା ଅଧିନ ୪୯ ନମ୍ବର ଜାତୀୟ ରାଜପଥ ଜଗମୋହନ ପୁର ଛକରେ ଘଟିଛି। ପରେ ସ୍ଥାନୀୟ ପୁଲିସ ପ୍ରଶାସନ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ସମସ୍ତଙ୍କୁ ତେଲକୋଇ ଥାନାକୁ ନେଇଛି। ତେବେ ମିଳିଥିବା ସୂଚନା ଅନୁଯାୟୀ, ଅନୁଗୋଳ ଜିଲ୍ଲା କିଶୋର ନଗର ଅଞ୍ଚଳରୁ ଓଡ଼ି ୧୯ଏମ ୬୯୮୩ ନମ୍ବର ବିଶିଷ୍ଟ କୁଣ୍ଡା ବୋଝେଇ ପିକ୍‌ଅପ ଭ୍ୟାନରେ ବ୍ୟାପକ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ନେଇ ଭୁବନେଶ୍ୱର ସ୍ଥିତ ନାର୍କୋଟେକ୍ ବିଭାଗ ପାଖରେ ବିଶେଷ ସୂତ୍ରରୁ ଖବର ପହଞ୍ଚି ଥିଲା। ଏହାପରେ ବିଭାଗ ପକ୍ଷରୁ ଏକ ଟିମ୍ ଗଞ୍ଜେଇ ଗାଡ଼ିକୁ ପିଛା କରି ଜଗମୋହନ ପୁର ଛକରେ ଗଞ୍ଜେଇ ବୋଝେଇ ପିକଅପକୁ ଜବତ କରାଯାଇଥିଲା। ଏହା ସହିତ ଦୁଇ ଜଣଙ୍କୁ ଗିରଫ କରିଥିଲା ନାର୍କୋଟେକ୍ ବିଭାଗ। ତେବେ ନାର୍କୋଟେକ୍ ବିଭାଗର କର୍ମଚାରୀମାନେ ଦିଲ୍ଲୀ ରାଜ୍ୟର ନମ୍ବର ଥିବା ଦୁଇଟି ଗାଡ଼ିରେ ଆସିଥିବାରୁ ସ୍ଥାନୀୟ ଲୋକେ ସେମାନଙ୍କୁ ନକଲି ପୁଲିସ ଭାବି ହୋ ହାଲ୍ଲା କରିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଦ୍ୱୟ ଫେରାର ଉଦ୍ୟମ କରିଥିଲେ। ସେଥି ମଧ୍ୟରୁ ଜଣଙ୍କୁ ଧରା ଯାଇଥିବା ବେଳେ ଅନ୍ୟ ଜଣେ ଫେରାର ହୋଇ ଯାଇଥିଲା। ଏହାକୁ ନେଇ ଘଟଣା ସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ଖବର ପାଇ ସ୍ଥାନୀୟ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝା ସୁଝା କରି ସମସ୍ତଙ୍କୁ ତେଲକୋଇ ଥାନାକୁ ଆଣିଥିଲା। ଗଞ୍ଜେଇ ଗାଡ଼ି ଜବତ କରିଥିବା ଟିମ୍ ନାର୍କୋଟିକ ବିଭାଗର ହୋଇଥିବା ସ୍ପଷ୍ଟ ହୋଇଛି। ବିଭାଗ ପକ୍ଷରୁ ଘଟଣାର ଅଧିକ ତଦନ୍ତ ଆରମ୍ଭ ହୋଇଥିବାବେଳେ ଆସନ୍ତାକାଲି ଘଟଣା ସମ୍ପର୍କରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ ବୋଲି ନାର୍କୋଟେକ୍ ବିଭାଗର ଜଣେ ଅଧିକାରୀ ଗଣ ମାଧ୍ୟମକୁ କହିଛନ୍ତି।





# ଆଜିଠୁ ପଛୁଆ ବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ସଂପର୍କୀତ ସର୍ଭେ

କଟକ, ୩୦/୪(ଶ୍ରୁ.ମି.) : ମଇ ପହିଲାରୁ କଟକ ସହରରେ ପଛୁଆବର୍ଗ ଲୋକଙ୍କ ସାମାଜିକ ଓ ଶିକ୍ଷାଗତସ୍ଥିତି ସଂପର୍କୀତ ସର୍ଭେ ଆରମ୍ଭ ହେବା ଏହି ସର୍ଭେ ବିଭିନ୍ନ ୱାର୍ଡରେ ମେ ୨୭ ପର୍ଯ୍ୟନ୍ତ ଚାଲିବ। ଏଥିପାଇଁ ସିଏମସି ଅଂଚଳର ବିଭିନ୍ନ ୱାର୍ଡରେ ମୋଟ ୧୧୭ଟି ସର୍ଭେସେଣ୍ଟର ଖୋଲାଯାଇଛି ବୋଲି ସିଏମସିର ସହକାରୀକମିଶନର ତ୍ରିଶୂଳମାର୍ଦ୍ଦି ସୂଚନା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ୧୨ ଟା ଓ ଦିନ ୩ଟାରୁ ୬ଟା ମଧ୍ୟରେ ପଛୁଆବର୍ଗର ଲୋକମାନେ ଉକ୍ତ ସେଣ୍ଟରରେ ପହଂଚି ସେମାନଙ୍କ ତଥ୍ୟ ପ୍ରଦାନ କରି ପଞ୍ଜୀକରଣକରାଇବେ। ପରିବାରର ରାସନ କାର୍ଡ ସହ ସମସ୍ତ ସଦସ୍ୟଙ୍କର ଯେକୌଣସି ଗୋଟିଏ ପରିଚୟପତ୍ର ଯଥା-ଆଧାରକାର୍ଡ କିମ୍ବା ଭୋଟର ପରିଚୟପତ୍ର କିମ୍ବା ପ୍ୟାନ କାର୍ଡ ନଚେତ ପାସପୋର୍ଟ ନେଇ ସର୍ଭେ ସେଣ୍ଟରକୁ ଯିବେ। ପରିବାରର ମୁଖ୍ୟ କିମ୍ବା ଜଣେ ବରିଷ୍ଠ ସଦସ୍ୟ ପରିବାରର ସମସ୍ତ ତଥ୍ୟ ସର୍ଭେ ସେଣ୍ଟରରେ ପ୍ରଦାନ କରିପାରିବେ। ପ୍ରକାଶ ଥାଉକି, ଏହି ସର୍ଭେ କେବଳ ଓଡିଶା ସରକାରଙ୍କ ଦ୍ୱାରା ଅଧିସୂଚୀତ ୨୦୮ ପ୍ରକାର ପଛୁଆ ବର୍ଗ ଲୋକଙ୍କ ପାଇଁ ଉଦ୍ଦିଷ୍ଟ। କାର୍ଯ୍ୟକ୍ରମକୁ ସାକାର କରିବା ପାଇଁ ପାଖାପାଖି ୨୦୦ ଗଣନାକାରୀ ସହ ୧୭ ଜଣ ନିରୀକ୍ଷକଙ୍କୁ ନେଇ ପ୍ରଥମ ପର୍ଯ୍ୟାୟରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଙ୍ଗନୱାଡି କର୍ମୀ ଓ ଶିକ୍ଷକଙ୍କୁ ସାମିଲ କରାଯାଇ ସେମାନେ କିପରି ତଥ୍ୟ ସଂଗ୍ରହ କରିବେ ସେ ସଂପର୍କରେ ତାଲିମ ଦିଆଯାଇଥିଲା। ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟରେ ଜନ ସଚେତନତା ସୃଷ୍ଟି ପାଇଁ ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ପୋଷ୍ଟର ଓ ବ୍ୟାନର ଲଗାଯାଇଥିଲା। ବିଶେଷକରି କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁସହରରେ ଏକ ସଚେତନତା ରଥ ବୁଲାଯାଇ ପଛୁଆବର୍ଗ ଲୋକଙ୍କୁ ସର୍ଭେ ସେଣ୍ଟରରେ ପହଂଚି ତଥ୍ୟ ପ୍ରଦାନ କରିବା ସଂପର୍କରେ ଅବଗତ କରାଯାଇଛି।

### ବୁଦ୍ଧିଜୀବୀ ପ୍ରକୋଷ୍ଠ ପକ୍ଷରୁ 'ସମ୍ବଲପୁର ଅନୁଚିନ୍ତା ଶୀର୍ଷକ' ଆଲୋଚନା ଚକ୍ର ଅନୁଷ୍ଠିତ

# ରାଜ୍ୟ ସରକାର ଭୋଟବ୍ୟାଙ୍କ ପାଇଁ ଛଦ୍ମ ଧର୍ମନିରପେକ୍ଷତା ନାଁରେ ତୁଷ୍ଟିକରଣ ରାଜନୀତି ବନ୍ଦ କରନ୍ତୁ



ଭୁବନେଶ୍ୱର, ୩୦/୦୪(ଶ୍ରୁ.ମି.) : ସମ୍ବଲପୁର ଘଟଣା ଓଡିଶାର ହିନ୍ଦୁ ସମାଜ ପାଇଁ ଏକ ସତର୍କ ଘଂଟି। ହନୁମାନ ଜୟନ୍ତୀ ଶୋଭାଯାତ୍ରା ଉପରେ ପୂର୍ବ ପ୍ରସ୍ତୁତି କରାଯାଇ ଆକ୍ରମଣ କରାଗଲା। କେଉଁଠି ମସଜିଦ ଓ ଘର ଉପରୁ ଶୋଭାଯାତ୍ରାରେ ଯାଉଥିବା ଶ୍ରଦ୍ଧାଳୁମାନଙ୍କ ଉପରକୁ ପଥର ଫିଙ୍ଗାଗଲା ତ କେଉଁଠି ସଂଘବଦ୍ଧ ଭାବେ ମାରଣାସ୍ତ୍ର ଧରି ଶ୍ରଦ୍ଧାଳୁଙ୍କ ଉପରେ ଆକ୍ରମଣ କରାଗଲା। ଆଉ ଜଣେ ହିନ୍ଦୁ ଜନଜାତିର ଶ୍ରଦ୍ଧାଳୁଙ୍କୁ ହାଣି ହତ୍ୟା କରାଗଲା। ଆଉ ତଥାକଥିତ ଧର୍ମ ନୀରପେକ୍ଷତା ନାମରେ ଆମର କିଛି ହିନ୍ଦୁ ଗୋଷ୍ଠୀ ଶ୍ରଦ୍ଧାଳୁଙ୍କ ଉପରେ ଆକ୍ରମଣକାରୀଙ୍କ ଏପରି ଘୃଣ୍ୟ କାର୍ଯ୍ୟକୁ ଦେଖି ବି ନୀରବ ରହିଲେ। ପୋଲିସର ଆଖି ଆଗରେ ଏପରି ହେଲା। ଆକ୍ରମଣରେ ପୋଲିସ କର୍ମଚାରୀ ବି ରକ୍ତାକ୍ତ ହେଲେ। ଘଟଣା ସମ୍ପର୍କରେ ସେଠାରେ ଉପସ୍ଥିତ ତଥା ପ୍ରତ୍ୟକ୍ଷଦର୍ଶୀ ପୋଲିସ ଅଧିକାରୀଙ୍କ ପକ୍ଷରୁ ମଧ ସେହିଦିନ ସ୍ଥାନୀୟ ଧନୁପାଲି ଥାନାରେ ଏତଲା ଦିଆଗଲା ହେଲେ ଆକ୍ରମଣକାରୀ ତଥା ଦଙ୍ଗାକାରୀଙ୍କୁ ଗିରଫ କରିବା ପରିବର୍ତ୍ତେ ପୀଡିତ ଶ୍ରଦ୍ଧାଳୁମାନଙ୍କୁ ବେଶୀ ସଂଖ୍ୟାରେ ପୋଲିସ ଗିରଫ କଲା।

ଶୋଭାଯାତ୍ରାର ଢେର ପୂର୍ବରୁ ପୋଲିସ ପ୍ରଶାସନକୁ ଶୋଭାଯାତ୍ରାର ମାର୍ଗ ଓ ଗତି ସହ କେଉଁ କେଉଁ ସ୍ଥାନମାନଙ୍କରେ ଅନ୍ୟ ସମୁଦାୟଙ୍କ ପକ୍ଷରୁ ଗଣ୍ଡଗୋଳ କରାଯାଇପାରେ ବୋଲି ଦର୍ଶାଇ ଉପଯୁକ୍ତ ସ୍ଥାନ ଗୁଡିକରେ ଆଇନଶୃଙ୍ଖଳା ପ୍ରତି ଧ୍ୟାନ ଦେବାକୁ ଶୋଭାଯାତ୍ରା ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଥିଲେ ବି ସେଥିପ୍ରତି ସଠିକ୍ ଦୃଷ୍ଟି ଦେଲାନି ପ୍ରଶାସନ। ପୂର୍ବ ପ୍ରସ୍ତୁତିରେ ଶୋଭାଯାତ୍ରାକାରୀଙ୍କୁ ଆକ୍ରମଣ କରି ରାଜନୈତିକ ବାହୁଛାୟା ତଳେ ଆଶ୍ରୟ ନେଇଗଲେ ଆକ୍ରମଣକାରୀ। ସେଥିପାଇଁ ଖୋଦ୍ ପୋଲିସ ତରଫରୁ ଏତାଲା ଦିଆଯାଇଥିଲେ ବି ଆକ୍ରମଣକାରୀଙ୍କ ଉପରେ କଡା ପଦକ୍ଷେପ ନେବା ବଦଳରେ ଆକ୍ରମଣର ପ୍ରତିବାଦରେ ସୁରକ୍ଷା ପାଇଁ ଗୁହାରି କରିଥିବା ହିନ୍ଦୁମାନଙ୍କୁ ଅଧିକ ସଂଖ୍ୟାରେ ଗିରଫ କଲା ପୋଲିସ। ହିନ୍ଦୁ ପର୍ବପର୍ବାଣି ଗୁଡିକ ଉପରେ ଏହା ଅସହିଷ୍ଣୁତା ନୁହେଁ କି? 'ସାଲେ କାଫେର ଲୋଗୋଙ୍କୋ କାଟ ଦେଙ୍ଗେ, ଇଣ୍ଡିଆ ୱାପସ୍ ନେହିଁ ଜାନେ ଦେଙ୍ଗେ' କହି ସମ୍ବଲପୁରର ମୁସଲମାନମାନେ କ'ଣ କହିବାକୁ ଚାହୁଁଥିଲେ।

ଏଥିପାଇଁ କେତେ ଦିନ ଆଗରୁ ତାଙ୍କର ପ୍ରସ୍ତୁତି ଆରମ୍ଭ ହୋଇଥିଲା। କାରଣ ଆମେ ଏହା କହୁ ନାହୁଁ, ପୋଲିସ ନିଜେ ତା ଏଫଆଇଆରରେ ଲେଖିଛି। ସମ୍ବଲପୁର ଏସ୍‌ପି ବି ପ୍ରାରମ୍ଭିକ ଅନୁସନ୍ଧାନରୁ କହିଥିଲେ ଯେ, ଏପରି ଆକ୍ରମଣ କରିବା ତାଙ୍କ ପୂର୍ବ ପ୍ରସ୍ତୁତି ଥିଲା। ଏତେ ସବୁ ଜାଣି ବି ପ୍ରଶାସନ କାହିଁକି କଡା ନଜର ରଖିଲାନି। ୧୨ ତାରିଖ ଘଟଣାରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲେ ୩୦ତାରିଖରେ ବା ପରବର୍ତୀ ସମୟରେ ଆଉ ଏତେ ଉତ୍ତେଜନା ପ୍ରକାଶ ପାଇନଥାନ୍ତା। ତେବେ ପ୍ରଶାସନ କ'ଣ ଚାହୁଁଛି? ସରକାର କ'ଣ ପାଇଁ ଆକ୍ରମଣକାରୀ ବା ଦଙ୍ଗାକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନନେଇ ଓଲଟା ହିନ୍ଦୁମାନଙ୍କୁ ଅଧିକ ସଂଖ୍ୟାରେ ଗିରଫ କଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହିସବୁ ବିଷୟ ଉପରେ ଭାରତୀୟ ଜନତା ପାର୍ଟି ରାଜ୍ୟ ବୁଦ୍ଧିଜୀବୀ ପ୍ରକୋଷ୍ଠ ପକ୍ଷରୁ ଆୟୋଜିତ 'ସମ୍ବଲପୁର ଅନୁଚିନ୍ତା ଶୀର୍ଷକ' ଏକ ଆଲୋଚନା ଚକ୍ରରେ ବିଭିନ୍ନ ବକ୍ତା ସରକାରଙ୍କ ପାଖରେ ପ୍ରଶ୍ନ ରଖିଛନ୍ତି। ବିଶ୍ୱ ହିନ୍ଦୁ ପରିଷଦର ପଶ୍ଚିମ ପ୍ରାନ୍ତ ସଭାପତି ଡାକ୍ତର ରାଜ କୁମାର ବଡପଣ୍ଡା ଓ ରାଜ୍ୟର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ବକ୍ତା ଏହି ମତବ୍ୟକ୍ତି କରିଛନ୍ତି। ଆଗକୁ ଏଭଳି ବିଶୃଙ୍ଖଳା ଏଡାଇବାକୁ ହେଲେ ଦେଶରେ ସମାନ ନାଗରିକ ସଂହିତା ଭଳି ସମସ୍ତଙ୍କ ପାଇଁ ସମାନ ନିୟମଲାଗୁ କରିବା ସହ ରାଜ୍ୟ ସରକାର ଭୋଟବ୍ୟାଙ୍କ ପାଇଁ ଛଦ୍ମ ଧର୍ମନିରପେକ୍ଷତା ନାମରେ ମୁସଲିମ ତୁଷ୍ଟିକରଣ ବନ୍ଦ କରିବା ଉଚିତ। ଏଥିସହିତ ରାଷ୍ଟ୍ର ବିରୋଧୀ ଶକ୍ତି ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଲୋଚନା ଚକ୍ରରେ ଦାବି କରାଯାଇଥିଲା। ଏଭଳି ରାଷ୍ଟ୍ର ବିରୋଧୀ ତତ୍ୱ ସୃଷ୍ଟି କରୁଥିବା ଗୋଷ୍ଠୀ ଓ ଅନୁଷ୍ଠାନ ଗୁଡିକ ଉପରେ ସରକାର ତୀକ୍ଷଣ ନଜର ରଖିବାକୁ ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା। ସର୍ବୋପରି ଭିନ୍ନ ମତପନ୍ଥରେ ଏବଂ ରାଜନୈତିକ ଅସ୍ପୃଶ୍ୟତା ଆଳରେ ଭାଗଭାଗ ହୋଇ ରହିଥିବା ବିରାଟ ହିନ୍ଦୁ ସମାଜକୁ ଏବେ ଏକଜୁଟ୍ ବା ଏକୀକରଣ ହେବାର ଆବଶ୍ୟକତା ରହିଛି ବୋଲି ଆଲୋଚନା ଚକ୍ରରେ ମତ ପ୍ରକାଶ ପାଇଥିଲା।

ଏହି ଆଲୋଚନା ଚକ୍ରରେ ବରିଷ୍ଠ ନେତା ତଥା ବୁଦ୍ଧିଜୀବୀ ପ୍ରକୋଷ୍ଠ ରାଜ୍ୟ ସଂଯୋଜକ ସଜ୍ଜନ ଶର୍ମା, ବରିଷ୍ଠ ନେତ୍ରୀ ଜୟନ୍ତୀ ପଢ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଗଞ୍ଜାମରେ ୧୦୦ତମ ପ୍ରଧାମନ୍ତ୍ରୀଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମ

ରମ୍ଭା, ୩୦/୪(ଶ୍ରୁ.ମି.) : ପ୍ରଧାନମନ୍ତ୍ରୀ ୧୦୦ତମ ମନକି ବାତ କାର୍ଯ୍ୟକ୍ରମ ଗଞ୍ଜାମ ଚୌଧୁରୀ ସାହି ଠାରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ଜନକଲ୍ୟାଣ ଯୋଜନା ବିଷୟରେ ଚର୍ଚ୍ଚା ହୋଇଥିଲା ବେଟି ବଚାଓ ବେଟି ପଢ଼ାଓ, ସ୍ୱଚ୍ଛ ଭାରତ, ଜଳ ସଂରକ୍ଷଣ, ଲୋକାଲ ଫର୍ ଭୋକଲ, ସିଙ୍ଗଲ ବ୍ୟବହାର ପ୍ଲାଷ୍ଟିକ ବେନ୍, ହର ଘର ତ୍ରିରଙ୍ଗା, ଷ୍ଟାର୍ଟ ଅଫ ଇଣ୍ଡିଆ, ପ୍ରମୋସନ ଅଫ ଟୟ ଇଣ୍ଡଷ୍ଟ୍ରି, ପ୍ରମୋଶନ ଅଫ ଖଦୀ ଓ ମହାମାରୀ କରୋନା ଭାଇରସ ଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଅନୁସୂଚିତ ଜାତି ବିଜେପି ସମ୍ପାଦକ କୀର୍ତ୍ତନ ଦାସ, ମତ୍ସ୍ୟଜୀବୀ ନେତା ତଥା ବିଜେପି ଜିଲ୍ଲା ସମ୍ପାଦକ ଭୀମସେନ ବେହେରା, ଜିଲା ଉପସଭା ନେତ୍ରୀ ରଶ୍ମି ରାଣୀ ମହାପାତ୍ର, ବିଜେପି ନେତା ତଥା ମଣ୍ଡଳ ସଭାପତି ଗୁରୁଚରଣ ରାଉଳ, ସୁରେନ୍ଦ୍ର ସାହୁ, ନିରାକାର ଜେନା, ଶ୍ରୀଧର ବାଡ଼ ତିୟା, ଶରତ ମହାପାତ୍ର, ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଶା ଫାୟାର ସର୍ଭିସ ଡିଜି ପଦରୁ ସନ୍ତୋଷ ଉପାଧ୍ୟାୟଙ୍କ ଅବସର

## ଓଏସସିଆରବି ନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କୁ ଅତିରିକ୍ତ ଦାୟିତ୍ୱ



କଟକ ତା ୩୦/୪(ବିଭୂତି ଦାଶ) ବିଭିନ୍ନ ପଦପଦବୀରେ ରହି ଓଡିଶାବାସୀଙ୍କ ପାଇଁ ପ୍ରାୟ ୩୫ ବର୍ଷ କାଳ ସଫଳତାର ସହ ସେବା କରିବା ପରେ ୧୯୮୮ ବ୍ୟାଚ ର ଡିଜିପି ପାହ୍ୟାର ବରିଷ୍ଠ ଓଡିଆ ଆଇପିଏସ ଅଫିସର ସନ୍ତୋଷ ଉପାଧ୍ୟାୟ ଆଜି ଓଡିଶା ଅଗ୍ନିଶମ ସେବା ଓ ଏମରଜେନସି ସର୍ଭିସେସ ମୁଖ୍ୟ ପଦରୁ ଅବସର ନେଇଛନ୍ତି। ଓଡିଶା ଏସସିଆରବି ନିର୍ଦ୍ଦେଶକ ଥିବା ଅତିରିକ୍ତ ଡିଜି ବିନୟତୋଷ ମିଶ୍ର ସାମୟିକଭାବେ ଶ୍ରୀ ଉପାଧ୍ୟାୟଙ୍କ ଠାରୁ ଓଡିଶା ଫାୟାର ଓ ଏମରଜେନସି ସର୍ଭିସେସ ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଛନ୍ତି। ୧୯୮୮ ରେ ଆଇପିଏସ ଭାବରେ ଓଡିଶା ପୋଲିସରେ ଯୋଗଦାନ କରି ଅଦ୍ୟାବଧି ଯଥାଶକ୍ତି ଓ ଯଥାସାଧ୍ୟ ଉଲ୍ଲେଖନୀୟ ସେବା କରିଚାଲିଥିବା ଶ୍ରୀ ଉପାଧ୍ୟାୟଙ୍କର ସରକାରୀ ଚାକିରିକାଳ ର ଅବସାନ ଘଟିଛି। ଆଜି ଅପରାହ୍ନରେ ତାଙ୍କୁ ସମ୍ପୃକ୍ତ ବିଭାଗରେ ବିଭାଗୀୟ ଅଫିସର ଓ କର୍ମଚାରୀମାନେ ଭବ୍ୟ ସ୍ମରଣୀୟ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ।

ଉତ୍କଳ ବିଶ୍ୱବିଦ୍ୟାଳୟରୁ ଗ୍ରାଜୁଏସନ ସାରିବା ପରେ ଶ୍ରୀ ଉପାଧ୍ୟାୟ ଧାନବାଦର ଇଣ୍ଡିଆନ ସ୍କୁଲ ଅଫ୍ ମାଇନସରେ ଆପ୍ଲାଏଡ ଜିଓଲୋଜି ବିଭାଗରେ ପୋଷ୍ଟ ଗ୍ରାଜୁଏସନ କୋର୍ସ କରିଥିଲେ। ତାପରେ ୧୯୮୮ ରେ ଆଇପିଏସ ପାଇ ଓଡିଶା ପୋଲିସରେ ଯୋଗ ଦେଇ ଆବଶ୍ୟକ ଟ୍ରେନିଂ ସାରି ଜଗତସିଂହପୁର ଓ ତାଳଚେର ଏସଡିପିଓ ପଦରେ କାର୍ଯ୍ୟକରିବା ସହ ସମ୍ବଲପୁର ଅତିରିକ୍ତ ଏସପି ପଦରେ ଯୋଗଦେଇ ସଫଳତାର ସହ କାର୍ଯ୍ୟ କରିଥିଲେ। ତାପରେ ମାଲକାନଗିରି, କୋରାପୁଟ, ପୁରୀ, ମୟୁରଭଂଜ, ଢେଙ୍କାନାଳ ଓ ବଲାଙ୍ଗିର ଆଦି ଜିଲ୍ଲା ଏସପି ପଦରେ ଦକ୍ଷତାର ସହ କାର୍ଯ୍ୟକରିଥିଲେ। ଓଡିଶା ପୋଲିସ ର ବିଭିନ୍ନ ସଂସ୍ଥା ଯଥା ଟ୍ରେନିଂ, କ୍ରାଇମବ୍ରାଂଚ, ଗୁଇନ୍ଦା ବିଭାଗ, ଭିଜିଲାନସ, ଆଇନ ଶୃଙ୍ଖଳା, ଅପରେସନ, କମ୍ୟୁନିକେସନ, ଆଦି ବିଭାଗରେ ଏସପି, ଡିଆଇଜି ଓ ଆଇଜି ଆଦି ପଦରେ ସଫଳତାର ସହ କାର୍ଯ୍ୟ କରି ସରକାର ଓ ଜନସାଧାରଣଙ୍କର ବେଶ ପ୍ରଶଂସାଭାଜନ ହୋଇଥିଲେ। ପୁରୀ ଏସପି ଭାବେ କାର୍ଯ୍ୟକରୁଥିବା ସମୟରେ ସମସ୍ତ ବାଧାବିଘ୍ନ ଓ ପ୍ରତିକୂଳ ପରିସ୍ଥିତିକୁ ଏଡାଇ ମୁଖ୍ୟମନ୍ତ୍ରୀଙ୍କର ପୁରୀ ଗସ୍ତକୁ ସମ୍ପନ୍ନ କରାଇବାରେ ତାଙ୍କର ଭୂମିକା ଥିଲା ଉଲ୍ଲେଖନୀୟ। ସେହିପରି କେନ୍ଦ୍ରାଂଚଳ ରେଂଜ ମୁଖ୍ୟ ପଦରେ ଥିବା ବେଳେ ବର୍ଷାଧିକ କାଳ ଚାଲିଥିବା କଳିଙ୍ଗନଗର ରାସ୍ତାରୋକୋ ଆନ୍ଦୋଳନକୁ ସମାପ୍ତ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେହିପରି ଗୋପାଳ ନନ୍ଦ ଡିଜିପି ପଦରେ ଥିବା ବେଳେ ଜଗତସିଂହପୁର ଜିଲ୍ଲାରେ ହଜାର ହଜାର ଅସ୍ତ୍ରଶସ୍ତ୍ରଧାରୀ ଆନ୍ଦୋଳନକାରୀଙ୍କ କବଳରୁ ପୋଲିସ ଟିମକୁ ମୁକୁଳାଇ ଆଣିବାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଡିଜିପି ଶ୍ରୀ ନନ୍ଦ ଓ ପ୍ରଶାସନ ଭୂୟସୀ ପ୍ରଶଂସା କରିଥିଲେ।

ଶ୍ରୀ ଉପାଧ୍ୟାୟ ଭୁବନେଶ୍ୱର ରେଂଜ, ଦକ୍ଷିଣାଂଚଳ ରେଂଜ, କେନ୍ଦ୍ରାଂଚଳ ରେଂଜ ଡିଆଇଜି ପଦରେ ସଫଳତାର ସହ କାର୍ଯ୍ୟ କରିଥିବା ବେଳେ କେନ୍ଦ୍ରାଂଚଳ ରେଂଜ ମୁଖ୍ୟ ପଦରେ ଡିଆଇଜି ଏବଂ ଆଇଜି ଭାବରେ ୩ ଥର ନିଯୁକ୍ତି ପାଇବା ତାଙ୍କ କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ କୁଶଳତାର ଅନ୍ୟତମ ପ୍ରମାଣ। ଉଲ୍ଲେଖନୀୟ ସେବା ପାଇଁ ସେ ସମ୍ମାନନୀୟ ରାଷ୍ଟ୍ରପତି ପୋଲିସ ପଦକ ମଧ୍ୟ ପାଇଥିଲେ। ନକ୍ସଲ ଉପଦ୍ରୁତ ଅଂଚଳ ଯଥା ମାଲକାନଗିରି ଓ କୋରାପୁଟ ଜିଲ୍ଲା ଏସପି ଏବଂ ବ୍ରହ୍ମପୁର ରେଂଜ ଓ ସୁନାବେଡା ରେଂଜ ଡିଆଇଜି ପଦରେ ସଫଳତାର ସହ କାର୍ଯ୍ୟକରିଥିବାରୁ ତାଙ୍କୁ ଆନ୍ତିକ ସୁରକ୍ଷା ମେଡାଲ ମଧ୍ୟ ପ୍ରଦାନ କରାଯାଇଥିଲା। ଓଡିଶା ମାନବାଧିକାର ଆୟୋଗ( ଓଏଚଆରସି) ରେ ସେ ତଦନ୍ତ ବିଭାଗ ନିର୍ଦ୍ଦେଶକ ପଦରେ ପ୍ରାୟ ୩ ବର୍ଷ କାଳ ସଫଳତାର ସହ କାର୍ଯ୍ୟକରି ବିଭାଗୀୟ ଅଧ୍ୟକ୍ଷଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଛନ୍ତି। ଓଡିଶା ପୋଲିସ ଗୃହ ନିର୍ମାଣ ସଂସ୍ଥା ମୁଖ୍ୟ ପଦରେ କାର୍ଯ୍ୟରତ ଥିବା ସମୟରେ ତାଙ୍କର ବିଚକ୍ଷଣ ପ୍ରଶାସନିକ ଦକ୍ଷତା କାରଣରୁ ପୂର୍ବ ବର୍ଷମାନଙ୍କରେ କ୍ଷତିରେ ଚାଲିଥିବା ଏହି ସଂସ୍ଥା ଲାଭଜନକ ସଂସ୍ଥାରେ ପରିଣତ ହୋଇଥିଲା। ଏଥିପାଇଁ ସରକାରଙ୍କ ପକ୍ଷରୁ ସେ ପ୍ରଶଂସିତ ମଧ୍ୟ ହୋଇଥିଲେ।

ସେ ଆମେରିକାରେ ଆତଙ୍କବାଦ-ବିରୋଧୀ ପ୍ରଶିକ୍ଷଣ(ଟ୍ରେନିଂ) ଓ ଏମସିଟିପି ଟ୍ରେନିଂରେ ମଧ୍ୟ ଯୋଗଦେଇଛନ୍ତି। ୨୦୧୭ରୁ ୨୦୧୯ ପର୍ଯ୍ୟନ୍ତ ଅତିରିକ୍ତ ଡିଜି ଭାବରେ ରାଜ୍ୟ କ୍ରାଇମବ୍ରାଂଚ ମୁଖ୍ୟ ପଦରେ କାର୍ଯ୍ୟରତ ଥିବା ସମୟରେ ସେ କ୍ରାଇମବ୍ରାଂଚ ସମେତ ଅର୍ଥନୈତିକ ଅପରାଧ ଶାଖା, ସ୍ପେଶାଲ ଟାସ୍କ ଫୋର୍ସ, ସାଇବର ଅପରାଧ ଆଦି ସଂସ୍ଥାକୁ ଉଲ୍ଲେଖନୀୟ ଦିଗଦର୍ଶନ ଦେଇ ଅଧିକ କ୍ରିୟାଶୀଳ କରାଇପାରିଥିଲେ। ୨୦୨୦ ଜାନୁଆରୀ ମାସରେ ଡିଜିପି ପାହ୍ୟାକୁ ପଦୋନ୍ନତି ପାଇବା ପରେ ଜେଲ ବିଭାଗ ମୁଖ୍ୟ ପଦରେ ଯୋଗଦେଇ ନିଉ ମଡେଲ ଜେଲ ମାନୁଆଲ-୨୦୨୦ ପ୍ରଣୟନ କରିବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଜେଲ ବିଭାଗରେ ସେ ଅନେକ ସଂସ୍କାରମୂଳକ କାର୍ଯ୍ୟ ଆରମ୍ଭ କରିଥିଲେ। ଜେଲ ବିଭାଗ ମୁଖ୍ୟ ପଦରେ ପ୍ରାୟ ୨ ବର୍ଷରୁ ଅଧିକ କାଳ ସଫଳତାର ସହ କାର୍ଯ୍ୟକରିସାରିବା ପରେ ୨୦୨୨ ଏପ୍ରିଲ ମାସ ରେ ସେ ରାଜ୍ୟ ଅଗ୍ନିଶମ ସେବା ଓ ହୋମଗାର୍ଡ ବିଭାଗ ମୁଖ୍ୟ ପଦରେ ଯୋଗଦେଇଥିଲେ। ସେଠାରେ ମଧ୍ୟ କାର୍ଯ୍ୟରତ ଥିବା ସମୟରେ ସେ ବିଭାଗୀୟ ଅଫିସର ଓ କର୍ମଚାରୀଙ୍କର ବଦଳିନୀତି ତିଆରି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତା ୩୦.୪.୨୦୨୨ରୁ ସେ ଏହି ସଂସ୍ଥାରେ କାର୍ଯ୍ୟରତ ଥିବା ସମୟରେ ତାଙ୍କ ପ୍ରଚେଷ୍ଟାରେ ଓଡିଶା ଫାୟାର ସର୍ଭିସ ସଂସ୍ଥା ନୂଆକରି ଫାୟାର ଆଣ୍ଡ ଏମରଜେନସି ସର୍ଭିସେସ ସଂସ୍ଥାରେ ପରିଣତ ହୋଇଥିଲା ଏବଂ ସେ ନିଜେ ଏହାର ୧ମ ମୁଖ୍ୟ ପଦଭାର ଗ୍ରହଣ କରିଥିଲେ। ଏହି ସଂସ୍ଥା ମୁଖ୍ୟ ପଦରେ କାର୍ଯ୍ୟରତ ଥିବା ସମୟରେ ରାଜ୍ୟର ୩୧୪ଟି ବ୍ଲକରେ ଅତିକମ୍ ରେ ୧ଟି ଲେଖାଏଁ ଫାୟାର ଷ୍ଟେସନ ଖୋଲିବା ଉପରେ ଗୁରୁତ୍ୱ ଦେଇ ସେ ସଫଳତା ହାସଲ କରିଥିଲେ। ତାଙ୍କର ଉଦ୍ୟମ ଓ ପ୍ରଚେଷ୍ଟା କାରଣରୁ ୩ଟି ଫାୟାର ରେଂଜ ମୁଖ୍ୟାଳୟ ସମେତ ଉଡାନ ସ୍କିମ ଏୟାରପୋର୍ଟ ଯୋଜନାରେ ଝାରସୁଗୁଡା, ରାଉରକେଲା, ଜୟପୁର ଓ ଉତ୍କେଳାଠାରେ ଅତିରିକ୍ତ ନୂଆ ପୋଷ୍ଟକୁ ସରକାରୀ ମଂଜୁରୀ ମିଳିବା ସହ ରାଜଧାନୀ ଭୁବନେଶ୍ୱରରେ ୩ଟି ନୂଆ ଫାୟାର ଷ୍ଟେସନ ଖୋଲାଯାଇପାରିଛି। ଅବସରଗ୍ରହଣ ସମୟ ପର୍ଯ୍ୟନ୍ତ ସେ ଆଗ୍ରହର ସହ ବିଭାଗୀୟ କାର୍ଯ୍ୟରେ ମନୋନିବେଶ କରିବା ସହ ରାଜଧାନୀ ଭୁବନେଶ୍ୱରରେ ନୂଆ ଫାୟାର ଷ୍ଟେସନ ମଧ୍ୟ ଉଦଘାଟନ କରିଥିଲେ। ଏବେ ରାଜ୍ୟ ରେ ୩୪୫ ଟି ଫାୟାର ଷ୍ଟେସନ କାର୍ଯ୍ୟକରୁଥିବାର ଜଣାପଡିଛି। ରାଜ୍ୟ ପୋଲିସ ବିଭାଗ ସମେତ ସମ୍ପୃକ୍ତ ଅନ୍ୟାନ୍ୟ ବିଭାଗରେ ବିଭିନ୍ନ ପଦପଦବୀରେ କାର୍ଯ୍ୟରତ ଥିବା ବେଳେ ତାଙ୍କର ବିଚକ୍ଷଣ ପ୍ରଶାସନିକ ଦକ୍ଷତା ଓ ଉଲ୍ଲଖନୀୟ କର୍ମତତ୍ପରତା ପାଇଁ ସେ ସର୍ବଦା ଜନସାଧାରଣ, ମିଡିଆ ବନ୍ଧୁ ଓ ବିଭାଗୀୟ ଅଫିସର ଓ କର୍ମଚାରୀ ମହଲରେ ଅତୀବ ପ୍ରଶଂସାଭାଜନ ହୋଇଥିଲେ। ଆଜି ସେ ଅବସର ନେବାପରେ ସରକାରୀ କଟକଣା ଓ ପ୍ରଶାସନିକ ନିୟନ୍ତ୍ରଣରୁ ମୁକ୍ତ ହୋଇଛନ୍ତି ବୋଲି କୁହାଯାଇପାରେ। ଆଜିର ବିଦାୟୀ କାର୍ଯ୍ୟକ୍ରମରେ ବିଭାଗୀୟ ଡିଆଇଜି ଚରଣ ସିଂହ ମୀନା ଙ୍କ ସମେତ ମୁଖ୍ୟ ଫାୟାର ଅଫିସର, ଲ ଅଫିସର ଓ ଅନ୍ୟାନ୍ୟ ଅଫିସର ଓ କର୍ମଚାରୀମାନେ ଉପସ୍ଥିତ ରହି ଶ୍ରୀ ଉପାଧ୍ୟାୟଙ୍କୁ ଆନ୍ତରିକ ମମତାଭରା ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ସହରାଞ୍ଚଳ ଆବାସ ଯୋଜନା ପାଇଁ ଜନଶୁଣାଣୀ



ଚମ୍ପୁଆ, ୩୦/୪(ଶ୍ରୁ.ମି.) : ଚମ୍ପୁଆ ବିଜ୍ଞାପିତ ଅଞ୍ଚଳ ପରିଷଦର ୨ନଂ ୱାର୍ଡ ମୁଣ୍ଡାସାହି ପରିଚୟକ ଗୃହରେ ଆବାସ ଯୋଜନା ନେଇ ହିତାଧିକାରୀମାନଙ୍କ ପାଇଁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ବିଜ୍ଞାପିତ ଅଞ୍ଚଳର ବିଭିନ୍ନ ୱାର୍ଡରୁ ଆସିଥିବା ବାସିନ୍ଦାଙ୍କଠାରୁ ଅଭିଯୋଗ ଗ୍ରହଣ କରିବା ସହିତ ଏହାର କିପରି ସ୍ଥାୟି ସମାଧାନ ହୋଇପାରିବ ସେ ବିଷୟରେ ଲୋକମାନଙ୍କୁ ଅବଗତ କରାଇଥିଲେ। ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଏନ.ଏସିର ମୁଖ୍ୟ କିରାଣୀ ବିଜୟ କୁମାର ମିଶ୍ର ମୁଖ୍ୟଅତିଥି ୱାର୍ଡ କାଉନସିଲର ରଞ୍ଜିତା ନାଏକ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲାବେଳେ ନୋଡାଲ ଅଧିକାରୀ ଅନନ୍ତ ସାହୁ ଏହାର ଉଦ୍ଦେଶ୍ୟ, ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏନ.ଏ.ସି.ର ବିଭିନ୍ନ ଅଧିକାରୀ ଯୋଗଦାନ କରିଥିବାବେଳେ ଶେଷରେ ଗୋଷ୍ଠି ସଂଯୋଜିକା ସ୍ୱର୍ଣ୍ଣପ୍ରଭା ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ପଛୁଆ ଜାତି ଜନଗଣନା ସମ୍ପର୍କରେ ସମୀକ୍ଷା ବୈଠକ

ଜଗତସିଂହପୁର, ୩୦/୪(ଶ୍ରୁ.ମି.) : ପଛୁଆ ଜାତି ଜନଗଣନା ସମ୍ପର୍କରେ ଏକ ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଓସ୍ୱାନ ସମ୍ମିଳନୀ କକ୍ଷରୁ ଭର୍ଚୁଆଲ ମାଧ୍ୟମରେ ଜିଲ୍ଲାପାଳ ପାରୁଲ୍ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହୋଇଯାଇଛି। ଏଥିରେ ଅତିରିକକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ସମେତ ସମସ୍ତ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ତଥା ପୌର ନିର୍ବାହୀ ଅଧିକାରୀମାନେ ଯୋଗଦେଇଥିଲେ। ଏହି ସର୍ବେକ୍ଷଣ ମେ ୧ ତାରିଖରୁ ୨୭ତାରିଖ ପର୍ଯ୍ୟନ୍ତ ଦିନ ୧୦ଟାରୁ ୧୨ଟା ଏବଂ ଅପରାହ୍ନ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସମସ୍ତ ବ୍ଲକ୍ ଓ ପୌରାଞ୍ଚଳରେ ଚାଲୁରହିବ। ଛୁଟିଦିନ ମାନଙ୍କରେ ଏହା ଦିନ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଚାଲୁ ରହିବ। ବିଡ଼ିଓ ଓ ପୌରନିର୍ବାହୀ ଅଧିକାରୀମାନେ ବ୍ୟକ୍ତିଗତ ଭାବେ ସର୍ବେକ୍ଷଣ କେନ୍ଦ୍ର ମାନଙ୍କର ତଦାରଖ କରି ସେଠାରେ ପର୍ଯ୍ୟାପ୍ତ ପାନୀୟ ଜଳ, ବିଦ୍ୟୁତ ଏବଂ ବିଶ୍ରାମ ଗୃହର ସୁବନ୍ଦୋବସ୍ତ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା।





## ପୂର୍ବ ତଟ ରେଳପଥ

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2023016, ତା.18.04.2023ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳାଗଡ଼ ନୂଆ B.G. ରେଳ ଲିଙ୍କ୍ ପ୍ରକଳ୍ପ: ସୁନାଖଣି-ସାମଲ-ପରବିଲ-ଖମାର ବ୍ଲକ୍ ସେକ୍ସନଗୁଡ଼ିକ ମଧ୍ୟସ୍ଥ କି.ମି.21.00 ଠାରୁ କି.ମି.43.50 ମଧ୍ୟରେ ବିବିଧ କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2204.47 ଲକ୍ଷ, EMD (ଟଙ୍କାରେ): 12,52,200/-, କାର୍ଯ୍ୟ ଶେଷ ହେବା ଅବଧି : 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.10.05.2023 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ଭାବେ ପ୍ରେରଣ କରାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବଗୁଡ଼ିକୁ ଫାର୍ମ (Firm)ର ଲେଟର ହେଡ୍ ତଥା ଧାର୍ଯ୍ୟ ସମୟସୀମା ମଧ୍ୟରେ ଦାଖଲ କରାଯାଇଥିଲେ ମଧ୍ୟ ଗ୍ରହଣ କରାଯିବ ନାହିଁ। ସେହି ସବୁ ମାନୁଆଲ ପ୍ରସ୍ତାବଗୁଡ଼ିକୁ ଅବୈଧ ଘୋଷଣା କରାଯିବ ତଥା ତା' ଉପରେ କୌଣସି ବିଚାର କରାନଯାଇ ତତ୍କାଳ ବିଧିବଦ୍ଧ ଭାବେ ନାକଚ କରି ଦିଆଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ୍ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଚାପ୍ଟର 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/
ଭୁବନେଶ୍ୱର

PR-15/CG/23-24

## ନୀତିଶ୍ଳୋକ

**ତତଃ ଶ୍ୱେତୈର୍ହୟୈର୍ଯୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ।
ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ॥**

**ତତ୍‌ପଶ୍ଚାତ୍ ଧବଳ ଅଶ୍ୱଯୁକ୍ତ ମହାନ୍ ରଥ ଉପରେ ବିରାଜମାନ ଲକ୍ଷ୍ମୀପତି ଭଗବାନ ଶ୍ରୀକୃଷ୍ଣ ଓ ପାଣ୍ଡୁପୁତ୍ର ଅର୍ଜୁନ ମଧ୍ୟ ଉଚ୍ଚସ୍ୱରରେ ଦିବ୍ୟ ଶଙ୍ଖ ବାଦନ କଲେ।**

# ‘ଦ କେରଳ ଷ୍ଟୋରୀ’କୁ ବିରୋଧ

ଗତ କିଛି ବର୍ଷ ହେଲା ଭାରତୀୟ ସିନେମାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିଛି । ପୂର୍ବରୁ ବଲିଉଡ ଲୋକପ୍ରିୟତା ନାଁରେ ଅନେକ ସମୟରେ ନଗ୍ନତା, ହିଂସା ଏବଂ ପରୋକ୍ଷଭାବେ ହିନ୍ଦୁ ଧର୍ମ ଓ ସଂସ୍କୃତିକୁ ନ୍ୟୁନ ଦେଖାଇବାରେ ଅଭ୍ୟସ୍ତ ହୋଇପଡିଥିଲା । ଆମ ଦେଶର କିଛି ଧର୍ମନିରପେକ୍ଷବାଦୀମାନେ ହିନ୍ଦୁଧର୍ମ ଦର୍ଶନ ସଂସ୍କୃତିକୁ ବିରୋଧ କରିବାକୁ ନିଜର ଅଭିବ୍ୟକ୍ତିର ଆଜାଦୀ ବୋଲି ଧରି ନେଇଥିଲେ । ମୋଟାମୋଟିଭାବେ ବହୁ ନିର୍ମାତା, ନିର୍ଦ୍ଦେଶକ ଏବଂ ଅଭିନେତା ଅଭିନେତ୍ରୀମାନେ ଏପରି ଏକ ଅବଧାରଣା ସୃଷ୍ଟି କରିଥିଲେ ଯାହା କ୍ରମେ ଦୃଢ ହେବାରେ ଲାଗିଥିଲା । ହିନ୍ଦୁ ଦେବାଦେବୀଙ୍କୁ ସମାଲୋଚନା କରି ଚଳଚ୍ଚିତ୍ରରେ କାହାଣୀ ଲେଖାଯିବା ଧର୍ମନିରପେକ୍ଷତା ଭିତରେ ଆସୁଥିଲା । କିନ୍ତୁ ଗତ କିଛି ବର୍ଷ ହେଲା ଏଭଳି ଚିନ୍ତାଧାରା ଉପରେ ଏକ ବ୍ରେକ ଲାଗିଛି । କୌଣସି ଚଳଚ୍ଚିତ୍ରରେ ଏଭଳି ବିଷୟବସ୍ତୁକୁ ପୃଷ୍ଠପୋଷକତା କରାଯାଉଥିଲେ ସର୍ବସାଧାରଣରେ ତା’ର ତୀବ୍ର ବିରୋଧ କରାଯାଉଛି । ପ୍ରଥମେ ପ୍ରଥମେ ଏଭଳି ପ୍ରତିବାଦକୁ ବଲିଉଡର ନାମୀଦାମୀ ନିର୍ମାତା, ନିର୍ଦ୍ଦେଶକମାନେ ହସରେ ଉଡେଇ ଦେଉଥିଲେ । ସେମାନେ ପ୍ରାୟ ଧରି ନେଇଥିଲେ ଯେ, ଭାରତୀୟ ଦର୍ଶକ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ସମସ୍ତ ଚଳଚ୍ଚିତ୍ରକୁ ଆଦୃତ କରିବେ । କିନ୍ତୁ ଇତିମଧ୍ୟରେ ଏଭଳି ବହୁ ବଡ ବଡ ପ୍ରଯୋଜକଙ୍କ ଦ୍ୱାରା ଶହ ଶହ କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଦେଶରେ ସୁଟିଂ କରାଯାଇଥିବା ଅନେକ ସିନେମାକୁ ଲୋକେ ‘ବୟକଟ’ କରିଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଏହି ବୟକଟ ଶବ୍ଦ ବଲିଉଡରେ କୋକୁଆ ଭୟ ସୃଷ୍ଟି କରିଛି । ଅପରପକ୍ଷରେ ଦକ୍ଷିଣ ଭାରତରେ ପ୍ରସ୍ତୁତ ଭାରତୀୟ ସଂସ୍କୃତି ଆଧାରିତ କେତେକ ଚଳଚ୍ଚିତ୍ର ଲୋକପ୍ରିୟତାର ଶୀର୍ଷରେ ପହଞ୍ଚିଛି । ଏହା ମଧ୍ୟ ବଲିଉଡକୁ ଆତ୍ମସମୀକ୍ଷା ପାଇଁ ବାଧ୍ୟ କରିଛି । ତେବେ ଚଳଚ୍ଚିତ୍ରର ଆଉ ଏକ ଦିଗ ପ୍ରତି ମଧ୍ୟ ବିଚାର କରାଯାଉ । ଭାରତବର୍ଷରେ ଅତୀତରେ ହିନ୍ଦୁମାନଙ୍କ ଉପରେ ଅନେକ ଅନ୍ୟାୟ ଅତ୍ୟାଚାର କରାଯାଇଛି । ବିସ୍ମୟର କଥା କଥାରେ ଧର୍ମନିରପେକ୍ଷତାର ଢୋଲ ପିଟୁଥିବା ବଲିଉଡର ଏହି ତଥାକଥିତ ହସ୍ତୀମାନେ ଏହାକୁ ନେଇ ଚଳଚ୍ଚିତ୍ର ପ୍ରସ୍ତୁତ କରିବା ତ ଦୂରର କଥା ଏଭଳି ଉଦ୍ୟମକୁ ସମସ୍ତ ଶକ୍ତି ଦେଇ ବିରୋଧ କରିଛନ୍ତି । ଗତ ଶତାବ୍ଦୀର ନବେ ଦଶକରେ କାଶ୍ମୀର ପଣ୍ଡିତମାନଙ୍କ ଉପରେ ସାମୁହିକ ଗଣହତ୍ୟା , ଗଣଦୁଷ୍କର୍ମ, ଧର୍ମପରିବର୍ତ୍ତନ, ଲୁଣ୍ଠନ ଓ ଲୁଣ୍ଠନ ପରି ଅନେକ ନୃଶଂସ ଘଟଣା ଘଟିଥିଲା । ବିଡମ୍ବନାର ବିଷୟ ଆମ ଦେଶରେ ଛଦ୍ମ ଧର୍ମନିରପେକ୍ଷବାଦୀମାନେ ଏହି ଘଟଣା ଉପରେ ପ୍ରତିବାଦ କରିବାତ ଦୂରର କଥା ବରଂ ଏହା ଯେପରି ଗଣମାଧ୍ୟମରେ ପ୍ରକାଶିତ ନହୁଏ ସେଥିପାଇଁ ସମସ୍ତ ଉଦ୍ୟମ କରିଥିଲେ । ଅନ୍ୟତ୍ର ଘଟିଥିବା ବ୍ୟକ୍ତିଗତ ମବ ଲିଞ୍ଚିଂକୁ ନେଇ ତୁମ୍ଭି ତୋଫାନ କରୁଥିବା ଗଣମାଧ୍ୟମ ଇତିହାସର ଏହି କଳଙ୍କିତ ଗଣହତ୍ୟାକୁ ଚାପିଦେବାରେ ହିଁ ନିଜର ଧର୍ମନିରପେକ୍ଷତାର ପରାକାଷ୍ଠା ବୋଲି ଦର୍ଶାଇଥିଲେ । ଘଟଣାର ୩୦ ବର୍ଷ ପରେ ନିର୍ଦ୍ଦେଶକ ବିବେକ ଅଗ୍ନିହୋତୀଙ୍କ ଦ୍ୱାରା ନିର୍ମିତ ‘ଦ କାଶ୍ମୀର ଫାଇଲ ’ ଏହି ଘଟଣାର ଏକ ଝଲକ ମାତ୍ର ଥିଲା । କିନ୍ତୁ ସେ ଏହି ଚଳଚ୍ଚିତ୍ର ନିର୍ମାଣ କରିବାକୁ ଆରମ୍ଭ କରିବା ମାତ୍ରେ ଆମ ଦେଶର ଯାବତୀୟ ଛଦ୍ମ ଧର୍ମନିରପେକ୍ଷବାଦୀ, ନିର୍ମାତା, ନିର୍ଦ୍ଦେଶକ, ସାମ୍ବାଦିକ ଓ ତଥାକଥିତ ସମାଜସେବୀମାନେ ଏହାର ବିରୋଧ କରିବା ଆରମ୍ଭ କରିଦେଲେ । ସମସ୍ତ ବିରୋଧ ସତ୍ତ୍ୱେ ଏହି ଚଳଚ୍ଚିତ୍ର ପ୍ରେକ୍ଷାଳୟରେ ପ୍ରଦର୍ଶିତ ହୋଇଥିଲା । କିନ୍ତୁ ପ୍ରଥମ ଦିନରୁ ହିଁ ଏହା ଏଭଳି ଲୋକପ୍ରିୟତା ଅର୍ଜନ କରିଥିଲା ଯେ, ସାରା ଦେଶରେ ଏହାର ଅଧିକ କପି ପ୍ରଦର୍ଶନ କରିବାକୁ ଜୋରଦାର ଦାବି ହେଲା । ମୋଟାମୋଟି ଭାବେ ଏହା ଲୋକପ୍ରିୟତାରେ ଅଭୁତପୂର୍ବ ସଫଳତା ଲାଭ କରିବା ସହ ବିପୁଳ ଅର୍ଥ ଲାଭ କରିଥିଲା । ଏହା ପରଠାରୁ ଭାରତୀୟ ଚଳଚ୍ଚିତ୍ରରେ ଦର୍ଶକମାନଙ୍କ ରୁଚିର ପରିବର୍ତ୍ତନ ହୋଇଛି ବୋଲି ସମସ୍ତେ ସ୍ୱୀକାର କରିବାକୁ ବାଧ୍ୟ ହେଲେ । ଏଥିରେ ଉତ୍ସାହିତ ହୋଇ ନିର୍ମାତା ସୁଦିପ୍ତ ସେନ ଓ ପ୍ରଯୋଜକ ଭିପୁଲ ଅମୃତଲାଲ ସାହ ‘ଦ କେରଳ ଷ୍ଟୋରୀ’ନାମରେ ଏକ ସିନେମା ପ୍ରସ୍ତୁତ କରିଛନ୍ତି । ଏହି ସିନେମାର ଟ୍ରେଲର ପ୍ରଦର୍ଶିତ ହେବା ମାତ୍ରେ ପୁଣିଥରେ ଦେଶର ତଥାକଥିତ ଧର୍ମନିରପେକ୍ଷବାଦୀମାନେ ଚିତ୍କାର କରିବାକୁ ଆରମ୍ଭ କରିଲେଣି । ମେ’ ୫ ତାରିଖ ଦିନ ମୁକ୍ତିଲାଭ କରିବାକୁ ଥିବା ଏହି ସିନେମା ଉପରେ ପ୍ରତିବନ୍ଧ ଲଗାଇବା ସକାଶେ ଏବେ ଜୋରସୋରରେ ଉଦ୍ୟମ ଆରମ୍ଭ ହୋଇଛି ।

ଚଳଚ୍ଚିତ୍ରର କଥାବସ୍ତୁ ଏକ ସତ୍ୟଘଟଣାରୁ ଆରମ୍ଭ ହୋଇଛି । ଏଠାରେ ୪ ଜଣ ଯୁବତୀଙ୍କୁ ଧର୍ମ ପରିବର୍ତ୍ତନ କରାଇବା ସହ କେତେକ ମୁସଲିମ ଯୁବକ ପ୍ରଥମେ ନିକା କରିଛନ୍ତି ଏବଂ ଏହାପରେ ସେମାନ ଆଇଏସଆଇଏସରେ ଯୋଗଦେଇ ବିଭିନ୍ନ ଦେଶରେ ଉଗ୍ର ଆତଙ୍କବାଦୀଭାବେ କାର୍ଯ୍ୟ କରୁଛନ୍ତି । ସମୟକ୍ରମେ ସେମାନେ ଆଫଗାନିସ୍ତାନରେ ବନ୍ଦୀ ହୁଅନ୍ତି । ଏହା ଜାଣିଲା ପରେ ସେମାନଙ୍କର ମାତା ପିତା ଆଫଗାନିସ୍ତାନ ଜେଲରୁ ସେମାନଙ୍କୁ ମୁକୁଳେଇବା ସକାଶେ ଉଦ୍ୟମ ଆରମ୍ଭ କରିଛନ୍ତି । କେରଳରେ ପ୍ରତିବର୍ଷ ପାଖାପାଖି ହଜାରେ ଯୁବତୀଙ୍କୁ ଧର୍ମ ପରିବର୍ତ୍ତନ କରାଯାଉଛି । ଏହା କୌଣସି ହିନ୍ଦୁ ସଂଗଠନର ଅଭିଯୋଗ ନୁହେଁ । ବାମପନ୍ଥୀ ମୁଖ୍ୟମନ୍ତ୍ରୀ ପିନାରି ବିଜୟନଙ୍କ ବିଧାନସଭାରେ ପ୍ରଦତ୍ତ ଏକ ଉତ୍ତର । ରାଜ୍ୟର ବିଭିନ୍ନ ହିନ୍ଦୁ ସଂଗଠନ ଏବଂ ଚର୍ଚ୍ଚର ପ୍ରଚାରକମାନଙ୍କ ଅଭିଯୋଗ ଯେ, ୧୯୮୦ରୁ ଏ ପର୍ଯ୍ୟନ୍ତ ପ୍ରାୟ ୩୨ଜହାର ହିନ୍ଦୁ ତଥା ଖ୍ରୀଷ୍ଟିଆନ ଯୁବତୀଙ୍କୁ ଧର୍ମ ପରିବର୍ତ୍ତନ କରାଯାଇଛି । ଏହାପରେ ଅଧିକାଂଶଙ୍କୁ ବିଭିନ୍ନ ଉଦ୍ଦେଶ୍ୟରେ ମଧ୍ୟପ୍ରାଚ୍ୟ ଦେଶମାନଙ୍କୁ ପଠାଯାଇଛି । ଅନେକଙ୍କ ଅଭିଯୋଗ ଅନୁସାରେ ବିଭିନ୍ନ ଦେଶରେ ଶେଖମାନେ ଏମାନଙ୍କୁ ବହୁ ଉଚ୍ଚା ଦାମରେ କିଣି ନିଜ ହାରେମରେ ରଖିଛନ୍ତି । ଆଉ ଅନେକ ଆଇଏସଆଇଏସରେ ଯୋଗ ଦେଇଛନ୍ତି । ଏଭଳି ଘଟଣା କେବଳ କେରଳରେ ଘଟୁନାହିଁ । ଅନ୍ୟାନ୍ୟ ରାଜ୍ୟରେ ଏହାକୁ ଲଭଜିହାଦର ନାମ ଦେଇ ତା ବିରୋଧରେ ଜନମତ ସୃଷ୍ଟି କରାଯାଉଛି । ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ଭଳି ରାଜ୍ୟରେ ଲଭଜିହାଦ ବିରୋଧରେ କଠୋର ଆଇନ ପ୍ରଣୟନ ମଧ୍ୟ କରାଯାଇଛି । କିନ୍ତୁ କେରଳରେ ଏଭଳି ସମ୍ଭାବନା କ୍ଷୀଣ । ଏହାର ଜନସଂଖ୍ୟାହିଁ ଏଭଳି ପରିସ୍ଥିତି ସୃଷ୍ଟି କରିଛି । ଏହି ରାଜ୍ୟରେ ହିନ୍ଦୁଙ୍କ ଜନସଂଖ୍ୟା ୪୦ ପ୍ରତିଶତ ଥିବା ବେଳେ ଖ୍ରୀଷ୍ଟିଆନ ଓ ମୁସଲମାନଙ୍କ ଜନସଂଖ୍ୟା ପାଖାପାଖି ୩୦ ପ୍ରତିଶତ ଲେଖାଏଁ । ମୁସଲିମ ଓ ଖ୍ରୀଷ୍ଟିଆନଙ୍କ ସମର୍ଥନରେ ଏଠାରେ ଅନେକ ସମୟରେ କଂଗ୍ରେସ ଶାସନ କଲାବେଳେ କିଛି ଖ୍ରୀଷ୍ଟିଆନ ଓ କିଛି ହିନ୍ଦୁଙ୍କ ଭୋଟରେ ବାମପନ୍ଥୀମାନେ ମଧ୍ୟ କ୍ଷମତାକୁ ଆସିଥାନ୍ତି । କେରଳରେ ଆରଏସଏସର ସଂଗଠନ ସୁଦୃଢ ଥିଲେ ମଧ୍ୟ ହିନ୍ଦୁ ଭୋଟ ବିଭାଜିତ ହେଉଥିବାରୁ ଲୋକସଭା ତଥା ବିଧାନସଭାରେ ହିନ୍ଦୁବାଦୀ ସଂଗଠନର ଉପସ୍ଥିତି ନଗଣ୍ୟ । ଏହାର ସୁଯୋଗ ନେଇ ଅତୀତରେ ଏଠାରେ ହିନ୍ଦୁମାନଙ୍କ ଉପରେ ଅନେକ ଅତ୍ୟାଚାର ହୋଇଛି । ଇତିହାସରେ ମାଲବାର ଘଟଣା ଏହାର ଏକ କଳଙ୍କିତ ଉଦାହରଣ । ଏବେ ମଲ୍ଲାପୁରମ ଭଳି ଜିଲ୍ଲାରେ ମୁସଲିମ ଜନସଂଖ୍ୟା ୮୦ ପ୍ରତିଶତରୁ ଅଧିକ । ଭାରତରେ ଦଙ୍ଗା ସୃଷ୍ଟି କରୁଥିବା ପିଏଫଆଇର ଦୃଢ ଭିତ୍ତିଭୂମି କେରଳରେ ରହିଛି । କଙ୍କଡାକୁ ଗୋଳିପାଣି ସୁହାଇଲାଭଳି କେରଳର ବିଭାଜିତ ରାଜନୀତି ଏଭଳି ମୌଳବାଦୀମାନଙ୍କୁ ବେଶ ସୁହାଉଛି । ତଥାପି ଏଭଳି ଧର୍ମ ପରିବର୍ତ୍ତନ ବିରୋଧରେ ସେଠାରେ ଏକ ଜନମତ ସୃଷ୍ଟି ହୋଇଛି । ୨୦୧୨ ମସିହାରେ କଂଗ୍ରେସର ମୁଖ୍ୟମନ୍ତ୍ରୀ ଓମାନ ଚଣ୍ଡି ମଧ୍ୟ ବିଧାନସଭାରେ ସ୍ୱୀକାର କରିଛନ୍ତି ଯେ, ପ୍ରାୟ ୨୫୦୦ ଯୁବତୀ ଧର୍ମ ପରିବର୍ତ୍ତନ କରିଥିବାର ଅଭିଯୋଗ ହୋଇଛି ।

ଯାହା ହେଉ କେରଳରେ ସତ କହୁଥିବା ଲୋକଙ୍କ ଜୀବନ ଉପରେ ଯଥେଷ୍ଟ ବିପଦ ଥାଏ । ତଥାପି ଏହାକୁ ବେଖାତିର କରି ନିର୍ମାତା ସୁଦିପ୍ତ ସେନ ଓ ପ୍ରଯୋଜକ ଭିପୁଲ ଅମୃତଲାଲ ସାହ ‘ଦ କେରଳ ଷ୍ଟୋରୀ’ସିନେମା ମାଧ୍ୟମରେ ରାଜ୍ୟରେ ଘଟୁଥିବା ଧର୍ମପରିବର୍ତ୍ତନର କେଳେଙ୍କାରୀକୁ ଉଜାଗର କରିବାକୁ ଚେଷ୍ଟା କରିଛନ୍ତି ।

# ପଞ୍ଚମୁଖୀ ହନୁମାନ

ପ୍ରଭୁ ହନୁମାନ ରାବଣ ଭାଇ ଅହିରାବଣକୁ ମାରିବା ପାଇଁ ପଞ୍ଚମୁଖୀ ଅବତାର ନେଇଥିଲେ। ହନୁମାନଙ୍କ ପଞ୍ଚମୁଖର ତାତ୍ପର୍ଯ୍ୟ ରହିଛି। ଶ୍ରୀ ହନୁମାନଙ୍କ ପୂର୍ବ ମୁଖ : ଏହା ପବିତ୍ରତା ଓ ସଫଳତାର ପ୍ରତୀକ। ନରସିଂହ ଦକ୍ଷିଣ ମୁଖ : ଏହା ବିଜୟ ଓ ନିର୍ଭୟତାର ପ୍ରତୀକ। ଗରୁଡ଼ ପଶ୍ଚିମ ମୁଖ : କଳା ଯାଦୁ ଓ ବିଷକୁ ହଟାଇବାର ପ୍ରତୀକ। ଉତ୍ତର ବରାହ ମୁଖ : ସମୃଦ୍ଧି ଓ ଧନସଂପତ୍ତିର ପ୍ରତୀକ। ହୟଗ୍ରୀବ ମୁଖ : ଜ୍ଞାନ ଓ ଉତ୍ତମ ସନ୍ତାନ। ପ୍ରଭୁ ଶ୍ରୀରାମ ଏବଂ ରାବଣ ଯୁଦ୍ଧରେ ଅହିରାବଣର ଏକ ମାୟାରେ ସମସ୍ତ ସେନା ଗଭୀର ନିଦ୍ରାରେ ଶୋଇପଡ଼ିଲେ। ନିଦ୍ରାବସ୍ଥାରେ ପ୍ରଭୁ ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ଅହିରାବଣ ଅପହରଣ କରି ପାତାଳପୁରୀକୁ ନେଇଗଲା। ଏହି ସମୟରେ ସମସ୍ତେ ସଙ୍କଟ ମୋଚନ ପ୍ରଭୁ ଶ୍ରୀ ହନୁମାନଙ୍କୁ ସ୍ମରଣ କଲେ। ପ୍ରଭୁ ଶ୍ରୀ ହନୁମାନ ତୁରନ୍ତ ପାତାଳପୁରୀରେ ପହଞ୍ଚିଲେ ଓ ଦ୍ୱାରରେ ଜଗିଥିବା ରକ୍ଷକ ମକରଧ୍ୱଜକୁ ଯୁଦ୍ଧରେ ପରାସ୍ତ କଲେ। ପ୍ରଭୁ ଶ୍ରୀ ହନୁମାନ ଦେଖିଲେ ଚାରି ଦିଗରେ ପାଞ୍ଚଟି ଦୀପ ଜଳୁଛି ଓ ମା ଭବାନୀଙ୍କ ସମ୍ମୁଖରେ ପ୍ରଭୁ ଶ୍ରୀରାମ ଏବଂ ଲକ୍ଷ୍ମଣଙ୍କ ବଳି ପାଇଁ ପୁରାପୁରି ପ୍ରସ୍ତୁତ ହୋଇଛି। ଅହିରାବଣଙ୍କୁ ବଦ୍ଧ କରିବାକୁ ହେଲେ ଏହି ପାଞ୍ଚୋଟି ଦୀପକୁ ଏକା ସମୟରେ ଧ୍ୱଂସ କରିବାକୁ ହେବ ବୋଲି ଜାଣିପାରିଲେ। ଏହାଜାଣି ପାରି ପ୍ରଭୁ ଶ୍ରୀ ହନୁମାନ ପଞ୍ଚମୁଖ ଧାରଣ କଲେ। ଉତ୍ତର ଦିଗରେ ବରାହ ମୁଖ, ଦକ୍ଷିଣରେ ନରସିଂହ ମୁଖ, ପଶ୍ଚିମରେ ଗରୁଡ଼ ମୁଖ, ଆକାଶ ଆଡୁ ହୟଗ୍ରୀବ ମୁଖ ଏବଂ ପୂର୍ବ ଦିଗରେ ହନୁମାନ ମୁଖ ଧାରଣ କଲେ। ସମସ୍ତ ଦୀପକୁ ଧ୍ୱଂସ କରି ଶେଷରେ ଅହିରାବଣଙ୍କୁ ବଦ୍ଧ କଲେ।

**ଗୋପୀନାଥ ଦାଶ**
**କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,**
**ଦୂରଭାଷ : ୮୮୯୫୨୯୬୧୬୭**

# ମାନବ ଜୀବନରେ ଶ୍ରମର ଗୁରୁତ୍ୱ

**ଉମା ଶଙ୍କର ପ୍ରସାଦ**

ଜୀବନ ଗଠନରେ ଶ୍ରମର ଗୁରୁତ୍ୱ କେତେ ଅଧିକ, ତାହା ହୃଦୟଙ୍ଗମ କରିପାରିଲେ ଆମେ ଆମକୁ ପ୍ରକୃତ ମର୍ଯ୍ୟାଦା ଦେଇପାରିବା। ଏ ଧରାବକ୍ଷରେ ଜୀବନନିର୍ବାହ କରିବା ପାଇଁ ଖାଦ୍ୟ, ବସ୍ତ୍ର, ବାସଗୃହ ଏବଂ ଅନ୍ୟାନ୍ୟ ପଦାର୍ଥର ଆବଶ୍ୟକ। ଏହିସବୁ ଜିନିଷ କେବଳ ଶ୍ରମ ଦ୍ୱାରା ପ୍ରାପ୍ତ ହୋଇଥାଏ। କୌଣସି ପ୍ରକାର ଶାରୀରିକ ଶ୍ରମକୁ ଘୃଣା କରିବା ଅନୁଚିତ। “ଶ୍ରମହିଁ ସଫଳତାର ମାପକାଠି”। ପରିଶ୍ରମ ବ୍ୟକ୍ତିକୁ ସୁସ୍ଥସବଳ କରିବା ସଙ୍ଗେ ସଙ୍ଗେ ଆନନ୍ଦ ପ୍ରଦାନ କରିତାଏ। ସଂପୃକ୍ତ ବ୍ୟକ୍ତି ଲାଭ କରିଥାଏ ଶ୍ରମଜନିତ ଆତ୍ମସନ୍ତୋଷ। ଶାନ୍ତିନିକେତନ ଶିକ୍ଷାନୁଷ୍ଠାନ ଆରମ୍ଭ କଲାବେଳେ ରବୀନ୍ଦ୍ରନାଥ ଠାକୁର ପ୍ରତ୍ୟେକ ବିଦ୍ୟାର୍ଥୀକୁ କିଛି କିଛି ଶାରୀରିକ ଶ୍ରମ କରିବାକୁ କହୁଥିଲେ। ସ୍ୱକାର୍ଯ୍ୟ ନିମନ୍ତେ ଶ୍ରମ ସ୍ୱୀକାର କଲେ ଶ୍ରମର ମହତ୍ୱ ବୃଦ୍ଧିପାଇବା ସଙ୍ଗେ ସଙ୍ଗେ ନିଯର ମର୍ଯ୍ୟାଦା ବୃଦ୍ଧି ହୋଇଥାଏ। ଶ୍ରମ ସମ୍ବନ୍ଧରେ ମାନବର ଦୃଷ୍ଟିକୋଣକୁ ପରିବର୍ତ୍ତନ କରିବା ପାଇଁ ସମାଜବାଦୀମାନେ ଉଦ୍ୟମ କରି ଆସିଛନ୍ତି। As per Henry George " for all labour cannot produce without the use of land the denial of the equal right to the use of land, is necessary denial of the right of labour to iys own product." ଶ୍ରମ ଓ ଶ୍ରମିକ ଶ୍ରେଣୀ ଉପରେ ଗୁରୁତ୍ୱ ଆରୋପ କରିବା ସଙ୍ଗେ ସଙ୍ଗେ ଶ୍ରମ ମର୍ଯ୍ୟାଦାକୁ ଉପଲବ୍ଧି କରି କହିଥିଲେ:-" If the Almighty had ever meant a set of man that should do all of the eating and none of the work. He would have made them with mouths only and no hand and if He had meant another class to do all the work and no eating He would have made them with hands only and no mouth."



ଆଜି ଶ୍ରମିକ ଦିବସ। ସେହି ମେହନତି ମଣିଷ ମାନେ ଦିନ ରାତି ନିଜର ଶ୍ରମ ବଳରେ ମର୍ତ୍ତରେ ସ୍ୱର୍ଗ ସୃଷ୍ଟି କରିଥାନ୍ତି ଯେଉଁ ମାନଙ୍କୁ ଯୋଗୁ ସମଗ୍ର ମାନବ ସମାଜ ଖାଦ୍ୟ, ବସ୍ତ୍ର, ଓ ବାସଗୃହ ପାଇଥାଏ ସେହିମାନେ ଆମ ସଂସ୍କୃତିର ପ୍ରବର୍ତ୍ତକ। ସେ ଦିନ ଥିଲା ୧୮୮୬ ମସିହା ମେ ୧ (ଏକ) ତାରିଖ। ଆମେରିକାର ଚିକାଗୋ ସହରରେ ହେମାର୍କେଟ୍ ଚଉମୁଖୀରେ ନିର୍ଯ୍ୟାତିତ ଶ୍ରମିକ ମାନେ ନିଜର ହକ୍ ପାଇଁ ଏକାଠି ହୋଇଥିଲେ। ନିଜର ବଂଚିବାର ଅଧିକାରକୁ ନେଇ ମାଲିକ ମାନଙ୍କ ଦ୍ୱାରା ନିର୍ଯ୍ୟାତିତ,ଅତ୍ୟାଚାରିତ ହୋଇ ସେମାନଙ୍କୁ ମଣିଷ ଭଳି ବଂଚିବାକୁ ଦିଆଯିବା ସହ ଅଠର ଘଂଟା ବଦଳରେ ଆଠଘଂଟା କରାଇବା ସହ ସପ୍ତାହକୁ ଏକ ଦିନ ବିଶ୍ରାମ ପାଇଁ ଅଡି ବସିଥିଲେ। ଧନୀକ ଶ୍ରେଣୀର ଲୋକଙ୍କ ଏଭଳି ନୃଶଂସ ମନୋଭାବକୁ ନେଇ ସାମ୍ୟବାଦର ପ୍ରତିଷ୍ଠାତା କାର୍ଲ ମାର୍କସ ତାଙ୍କର ‘ଦାସ କ୍ୟାପିଟାଲ’ କହିଥିଲେ ଅତିରିକ୍ତ ମୂଲ୍ୟନୀତି ଯେଉଁଥିରେ ସେ ପ୍ରାଞ୍ଜଳ ଭାବରେ ବୁଝାଇ ଥିଲେ ଶ୍ରମିକ ମାନଙ୍କୁ ଦିଆଯାଉଥିବା ପାରିଶ୍ରମିକ ତୁଳନାରେ ତାଙ୍କଠାରୁ ଯେପରି ଅଧିକ ପରିମାଣର କାର୍ଯ୍ୟ ହାସଲ କରାଯାଏ , ସେହି ଅତିରିକ୍ତ ଶ୍ରମଜାତ ଧନରେ ଧନୀକଗୋଷ୍ଠୀର କୌଣସି ଅଧିକାର ନାହିଁ। ସୁତରାଂ ସେ ଧନିକ ଶ୍ରେଣୀ ବିରୁଦ୍ଧରେ ବିପ୍ଳବ ଘୋଷଣା କଲେ ଏବଂ ଶ୍ରମିକ ଶ୍ରେଣିକୁ ଆହ୍ୱାନ ଦେଲେ ‘ଦିନ ଆସିବ ଯେତେବେଳେ ଶୋଷିତଶ୍ରେଣୀ ନିଶ୍ଚୟ ଶୋଷକ ଶ୍ରେଣୀକୁ ଶୋଷଣ କରିବ। ଶ୍ରମିକ ମାନଙ୍କର ଏକଛତ୍ର ଶାସନ ପ୍ରତିଷ୍ଠା ହେବ। ଶ୍ରମିକ ନେତା ସ୍ପାଇନ୍, ଫିସର,ଏଙ୍ଗେଲ, ପିୟର୍ସ ଚାହିଁଥିଲେ ଖଟିଖିଆଙ୍କର ମୁକ୍ତି। ସେମାନେ ବଂଚିବେ, ଖାଇବେ, ସ୍ୱପ୍ନ ଦେଖିବେ। ସେହି ପବିତ୍ର ଦିନରୁ ସୃଷ୍ଟି ହେଲା ପ୍ରସିଦ୍ଧ “ମଇ ଦିବସ”। ଆଜି ସେହି ମହନତି ମଣିଷ ମାନଙ୍କୁ ଏ ଲେଖକର ସଲାମ। ଶ୍ରମିକ ମାନେହିଁ ଆମ ସୃଜନୀର ରୂପକାର, ଇତିହାସର ଐତିହାସିକ। କାର୍ଲ ମାର୍କସ୍ ଙ୍କ ସ୍ଲୋଗାନ ଥିଲା ଶ୍ରମିକ ଏକତା ଜିନ୍ଦାବାଦ- ‘ଲଢେଇ ବିନା ମୁକ୍ତି ନାହିଁ, ପ୍ରତିବାଦ ବିନା ପ୍ରାପ୍ତି ନାହିଁ। ଭାରତୀୟ ଶ୍ରମିକ ସଂଗଠନ ମୁଖ ସୌଧ କହେ ‘ ନ୍ୟାୟର ମଞ୍ଜି ବୁଣ ତା ଦ୍ୱାରା ତୁମେ ଶାନ୍ତି ପାଇବ’।

ତେଣୁ ଶ୍ରମିକ ମାନଙ୍କୁ ଅବହେଳା କରି କୌଣସି ଦେଶ ଅଗ୍ରଗତ କରି ପାରିନାହିଁ। ସେମାନଙ୍କ ଶ୍ରମଦାନରେ ରାଷ୍ଟ୍ର ହୋଇଥାଏ ସମୃଦ୍ଧିଶାଳୀ। ଏ ପ୍ରସଙ୍ଗରେ ମହାମାନବ ମହାତ୍ମାଗାନ୍ଧି କହନ୍ତି “A nation may do without its millionaires and without its capitalist but a Nation can never do without its labours.”ଜାତିର ପ୍ରଗତି ପାଇଁ ଶ୍ରମିକ ଶ୍ରେଣୀ ଯେ ଅପରିହାର୍ଯ୍ୟ ଏକଥା ଏଥିରୁ ସୁସ୍ପଷ୍ଟ। ତେଣୁ ଆମ ଶାସନତନ୍ତ୍ର ଶ୍ରମିକ ମାନଙ୍କୁ ଯଥାମାନ୍ୟ ସମ୍ମାନ ଦେବାସହ ତାଙ୍କର ପ୍ରତ୍ୟେକ ସୁବିଧା ଉପରେ ଦୃଷ୍ଟି ଦେବା ଦରକାର କାରଣ “ଶ୍ରମ ବିନା ସମୃଦ୍ଧି ଅସମ୍ଭବ”।

**ସମ୍ପାଦକ, ମାର୍ଗଦର୍ଶୀ ଖୋର୍ଦ୍ଧା, (୬୩୭୦୬ ୭୫୫୬୨)**

# ପ୍ରକୃତି ଓ ପରିବେଶ ପ୍ରତି ଧ୍ୟାନ ଦିଅ

**ସୌଭାଗ୍ୟ ରଂଜନ ମହାନ୍ତି**

ଉତର ଭାରତ ସମେତ ଦେଶର ୯୦ ଭାଗ ଅଂଚଳରେ ଏବେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଆମ ରାଜ୍ୟରେ ମଧ୍ୟ ଗତ ସପ୍ତାହରେ ଗ୍ରୀଷ୍ମ ପ୍ରବାହର ପ୍ରକୋପ ଏତେ ଅଧିକ ଥିଲା ଯେ, ରାଜ୍ୟର ୨୫ଟିରୁ ଅଧିକ ସହରରେ ତାପମାତ୍ରା ୪୦ଡିଗ୍ରୀ ସେଲସିୟସ୍ ଉପରେ ରହିଥିଲା। କେବଳ ଏତିକି ନୁହେଁ, ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦା ସହର ବିଶ୍ୱରେ କ୍ରମାଗତ ଦୁଇଦିନ ସବୁଠୁ ଉତପ୍ତ ସହରରେ ପରିଣତ ହୋଇଥିଲା। ଏବେ କାଳବୈଶାଖୀ ଏବଂ ପଶ୍ଚିମାଝଡ ପ୍ରଭାବରେ ତାତିରୁ ଆଶ୍ୱସ୍ତି ମିଳିଛି ସତ, ମାତ୍ର କାଳବୈଶାଖୀ ଏବଂ ପଶ୍ଚିମାଝଡ ପ୍ରଭାବରେ ତାତିରୁ ଆଶ୍ୱସ୍ତି ମିଳିଛି ସତ, ମାତ୍ର କାଳବୈଶାଖୀ ଏବଂ ପଶ୍ଚିମାଝଡ ପ୍ରଭାବରେ ରାଜ୍ୟରେ ପନିପରିବା ଠାରୁ ଆରମ୍ଭ କରି ପାଚିଲା ଧାନ କ୍ଷତିଗ୍ରସ୍ତ ହୋଇଛି। ଆଗକୁ ଆଉ ୫ଦିନ କାଳବୈଶାଖୀ ଓ ପଶ୍ଚିମାଝଡ ବର୍ଷାର ପ୍ରଭାବ ସାରା ରାଜ୍ୟରେ ଲାଗି ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି କହିବା ବାହୁଲ୍ୟ ଯେ, ଗତ ମାର୍ଚ୍ଚ ମାସର କ୍ରମାଗତ ୧୫ଦିନରୁ ଉର୍ଦ୍ଧ୍ୱ ସମୟ ଧରି କାଳବୈଶାଖୀ ଓ ପଶ୍ଚିମାଝଡର ପ୍ରଭାବ ସାରା ରାଜ୍ୟରେ ଲାଗି ରହିବା ନେଇ ଭାରତୀୟ ପାଣିପାଗ ବିଭାଗ ପୂର୍ବାନମାନ କରିଛି। କହିବା ବାହୁଲ୍ୟ ଯେ, ଗତ ମାର୍ଚ୍ଚ ମାସରେ କ୍ରମାଗତ ୧୫ଦିନରୁ ଉର୍ଦ୍ଧ୍ୱ ସମୟ ଧରି କାଳବୈଶାଖୀ ଓ ପଶ୍ଚିମାଝଡର ପ୍ରଭାବ ଲାଗି ରହିଥିଲା। ଆହୁରି ମଧ୍ୟ ଏବେ ଗତ କିଛି ବର୍ଷ ଧରି ଗ୍ରୀଷ୍ମ ଋତୁରେ ରାଜ୍ୟ ସାମୁଦ୍ରିକ ବାତ୍ୟାର ସମ୍ମୁଖୀନ ହୋଇଆସୁଛି। କେବଳ ଓଡିଶା ନୁହେଁ କି ଭାରତୀୟ ଉପ-ମହାଦେଶ ନୁହେଁ, ବିଶ୍ୱର ବିଭିନ୍ନ ଭାଗରେ ମଧ୍ୟ ଅସମୟରେ ବର୍ଷା, ବାତ୍ୟା, ଗ୍ରୀଷ୍ମପ୍ରବାହ, ସାମୁଦ୍ରିକ ଝଡର ସମ୍ମୁଖୀନ ହେଉଛି। ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟୁ ପରିବର୍ତନ ଓ ପାରିବେଶିକ ପ୍ରଦୁଷଣ ଯୋଗୁଁ ପ୍ରକୃତିର କୋପ ବଢିବା ସହ ପ୍ରାକୃତିକ ବପର୍ଯ୍ୟାୟମାନ ବଢିବାରେ ଲାଗିଛି। ଏହା ସତ୍ୟ ଯେ, ବିଶ୍ୱ ତାପମାତ୍ରା ବୃଦ୍ଧି, ଜଳବାୟ ପରିବର୍ତନ ଏବଂ ପାରିବେଶିକ ପ୍ରଦୁଷଣ ଏକ ବୈଶ୍ୱିକ ସମସ୍ୟା। ଏହାର ମୁକାବିଲା ପାଇଁ ସମସ୍ତ ଦେଶ ଯଦି ନିଜ ନିଜ କ୍ଷେତ୍ରରେ ପଦକ୍ଷେପ ନନେବେ ଆଗାମୀ ସମୟରେ ସ୍ଥିତି ଆହୁରି ଭୟାନକ ହେବା ସୁନିଶ୍ଚିତ, ଏଥିରେ ସନ୍ଦେହ ନାହିଁ। ଏହାକୁ ସ୍ମରଣ କରାଇ ଦେଇଛି, ନିକଟରେ ୟେଲ ଓ କଲମ୍ବିଆ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଶ୍ୱର ୧୮୦ଟି ଦେଶର ପରିବେଶ ସ୍ଥିତିକୁ ନେଇ ପ୍ରସ୍ତୁତ ହୋଇଥିବା ଅନୁଧ୍ୟାନ ରିପୋର୍ଟ । ଏହି ଅନୁଧ୍ୟାନ ରିପୋର୍ଟରେ ଭାର ଭାରତ ପୂର୍ବାପେକ୍ଷା ଆହୁରି ନିମ୍ନଗାମୀ ହୋଇଛି। ଚୀନ, ଜାପାନ, ଆମେରିକା, ବ୍ରିଟେନ, ୟୁରୋପୀୟ ରାଷ୍ଟ୍ର ସମୁହ ସମେତ ବିଶ୍ୱର ସ୍ଥିତି ମଧ୍ୟ ଅତ୍ୟନ୍ତଜନକ। ବାୟୁମଣ୍ଡଳରରେ ଅଙ୍ଗାରକାମ୍ଳ ଗ୍ୟାସ ବୃଦ୍ଧି ଏହାର ମୁଖ୍ୟକାରଣ ବୋଲି କୁହାଯାଇଛି। ଅଙ୍ଗାରକାମ୍ଳ ନିର୍ଗମନ ୨୦୫୦ ମସିହା ବେଳକୁ ୫୦ ପ୍ରତିଶତ ବନ୍ଦ କରିବାପାଇଁ ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ର ଆନ୍ତର୍ଜାତିକ ପରିବେଶ ସମ୍ମିଳନୀରେ ସଂକଳ୍ପ ଗ୍ରହଣ କରିଥିବାବେଳେ ବାସ୍ତବ କ୍ଷେତ୍ରରେ କୌଣସି ଦେଶ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିଥିବା ମନେହୁଏ ନାହିଁ। ଏଥିରେ ସନ୍ଦେହର ଅବକାଶ ନାହିଁ ଯେ, ବିକାଶଶୀଳ ଦେଶଗୁଡିକ ମଧ୍ୟ ବିକଶିତ ଦେଶ ପରି ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କ୍ଷେତ୍ରରେ ଯେଉଁ ପଦକ୍ଷେପମାନ ନେବା କଥା ନେଉନାହାଁନ୍ତି। ଆହୁରି ମଧ୍ୟ ଆନ୍ତର୍ଜାତିକ ଶିଖର ସମ୍ମିଳନୀଗୁଡିକରେ ଅଙ୍ଗାକାମ୍ଳ ନିର୍ଗମନ ହ୍ରାସ ପାଇଁ ସଂକଳ୍ପ ନେଉଛନ୍ତି ସତ, କିନ୍ତୁ ବାସ୍ତବ କ୍ଷେତ୍ରରେ ସଂକଳ୍ପକୁ କାର୍ଯ୍ୟକାରୀ କରୁନାହାଁନ୍ତି। ଏହାର କାରଣ ଅବଶ୍ୟ କାହାରିକୁ ଅଛପା ନାହିଁ। ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସ କରିବାର ଅର୍ଥ ହେଲା, ଔଦ୍ୟୋଗିକ ଓ ବିକାଶ ସମ୍ବନ୍ଧୀୟ ସମସ୍ତ ଗତିବିଧ ଉପରେ ଅଙ୍କୁଶ ଲଗାଇବା। ଏହା ସତ୍ୟ ଯେ, ନିଜର ସ୍ୱାର୍ଥ ହାନୀ ଦୃଷ୍ଟିରୁ ସଂକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ବିକଶିତ ରାଷ୍ଟ୍ର କୁଣ୍ଠିତ। ଆମେରିକା ପରି ବିକଶିତ ରାଷ୍ଟ୍ର ମଧ୍ୟ କୁଣ୍ଠିତ। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଖୋଲାଖୋଲି ଭାବେ ସଂକଳ୍ପକୁ ବିରୋଧ କରିଥିଲେ। ବର୍ତମାନର ରାଷ୍ଟ୍ରପତି ଜୋ-ବାଇଡେନ ମଧ୍ୟ ସଂକଳ୍ପର କାର୍ଯ୍ୟକାରୀ ସପକ୍ଷରେ ଥିବା ଭଳି ମନେହୁଏ ନାହିଁ। ସେହିପରି ଚୀନ, ଋଷ, ବ୍ରିଟେନ, ୟୁରୋପୀୟ ରାଷ୍ଟ୍ର ସମୁହ ମଧ୍ୟ ନିଜର ଔଦ୍ୟୋଗିକ ବିକାଶ ଉପରେ ନିଜେ କଟକଣା ଲଗାଇବାକୁ ଚାହୁଁନାହାନ୍ତି। ତେବେ ସେ ଯାହା ହେଉ ଅଙ୍ଗାରକାମ୍ଳର ନିର୍ଗମନ ବନ୍ଦ ନହେଲେ, ଜଳବାୟୁ ପରିବର୍ତନ ଓ ପାରିବେଶିକ ପ୍ରଦୁଷଣ ବିଶ୍ୱର ଧ୍ୱଂସର କାରଣ ହେବ ଏଥିରେ ସନ୍ଦେହ ନାହିଁ। ଏବେ ପରିବେଶ ଓ ପ୍ରକୃତିର ସୁରକ୍ଷା ସମସ୍ତ ଦେଶର ଧ୍ୟେୟ ହେଉ।

**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୯୪୩୭୯୯୪୩୭୯**

# ଏ ମାଟିର ବିସ୍ମୟ : ନେତାଜୀ

**ଶ୍ୟାମ ସୁନ୍ଦର ସାମଲ**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଏକ ଭିନ୍ନ ଅଧ୍ୟାୟ। ସାଲିସ୍ ନୁହେଁ, ସଂଗ୍ରାମ ହିଁ ଥିଲା ଜୀବନର ମୂଳମନ୍ତ୍ର। ସମଗ୍ର ଜୀବନ ଦେଶମାତୃକାକୁ ବ୍ରିଟିସ କବଳରୁ ମୁକ୍ତ କରିବାକୁ ତାଙ୍କ ନିରବଚ୍ଛିନ୍ନ ସଂଗ୍ରାମର କାହାଣୀ ଆଜି ମଧ୍ୟ ଆମକୁ ସ୍ତମ୍ଭୀଭୂତ କରେ। ନେତାଜୀଙ୍କ ଜୀବନ ଠାରୁ ଅଧିକ ରୋମାଞ୍ଚକର ତାଙ୍କ ମୃତ୍ୟୁର କାହାଣୀ। ଏହା କେତେ ସତ କେତେ ମିଛ ତାକୁ ନେଇ ବର୍ତ୍ତମାନ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହେଉଛି। ଏପରିକି ନେତାଜୀଙ୍କ ମୃତ୍ୟୁ ଖବରକୁ ତାଙ୍କ ପରିବାର ଲୋକେ ଖଣ୍ଡନ କରୁଛନ୍ତି। ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ନେତାଜୀ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁହାଯାଉଛି, କିନ୍ତୁ ସେତେବେଳକୁ ନେତାଜୀ ସୋଭିଏତ୍ ରୁଷରେ ନଜରବନ୍ଦୀ ଥିବା ତାଙ୍କ ପରିବାର ଲୋକେ କହୁଛନ୍ତି। ନେତାଜୀଙ୍କୁ ମୃତୁ ଘୋଷଣା କରିବାର ଏତେ ବର୍ଷ ପରେ ମଧ୍ୟ ତାଙ୍କ ମୃତ୍ୟୁ ଖବର ରହସ୍ୟାବୃତ ହୋଇ ରହିବା ଏବଂ ସରକାର ତାଙ୍କ ମୃତ୍ୟୁ ସଂପର୍କିତ ଦସ୍ତାବିଜ୍‌କୁ ସାର୍ବଜନୀନ ନକରିବା ଅନେକ ଗୁଡ଼ିଏ ପ୍ରଶ୍ନ ଉତ୍‌ଥାପନ କରୁଛି। ଏପରିକି ଏନେଇ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି ପାଇଁ କଲିକତା ହାଇକୋର୍ଟର ଏକ ସ୍ୱତନ୍ତ୍ର ବେଞ୍ଚ୍ ଗଠନ ହୋଇଛି।

୧୮୯୭ ମସିହା, ଜାନୁଆରୀ ୨୩ ତାରିଖରେ ଓଡ଼ିଶାର କଟକ ଠାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମ ଗ୍ରହଣ କରିଥିଲେ। ପିତା ଜାନକୀନାଥ ବୋଷ ଓ ମାତା ପ୍ରଭାତୀ ଦେବୀଙ୍କ ନବମ ସନ୍ତାନ ଥିଲେ ସୁଭାଷ। କଟକର ପ୍ରୋଟେଷ୍ଟାଣ୍ଟ ୟୁରୋପିଅନ୍ ସ୍କୁଲରୁ ପ୍ରାଥମିକ ଶିକ୍ଷା ଗ୍ରହଣ କରିଥିଲେ ନେତାଜୀ। ତା’ପରେ ରେଭେନ୍ସା କଲିଜିଏଟ୍ ସ୍କୁଲରେ ଉଚ୍ଚଶିକ୍ଷା ଲାଭ କରିଥିଲେ। ମାତ୍ର ପନ୍ଦର ବର୍ଷ ବୟସରେ ନେତାଜୀ ଇଣ୍ଟରମିଡ଼ିଏଟ୍ ପାଶ କରିଥିଲେ। ପରେ କଲିକତା ବିଶ୍ୱବିଦ୍ୟାଳୟ ଅଧୀନରେ ଦର୍ଶନ ଶାସ୍ତ୍ର ସମ୍ମାନରେ ବି.ଏ.ପାଶ କରିଥିଲେ। ୧୯୧୯ ମସିହାରେ ଆଇସିଏସ୍ ପରୀକ୍ଷା ପ୍ରସ୍ତୁତି ପାଇଁ ଇଂଲଣ୍ଡ ଚାଲିଗଲେ। ଆଇସିଏସ୍ ପାଇଲେ ମଧ୍ୟ। ହେଲେ ତାଙ୍କ ଜୀବନର ଅସଲ ଲକ୍ଷ୍ୟ ଭିନ୍ନଥିଲା। ଦେଶରୁ ବ୍ରିଟିସମାନଙ୍କୁ ତଡି ଦେଶକୁ ସ୍ୱାଧୀନ କରିବାର ପଣ ତାଙ୍କୁ ସ୍ୱାଧୀନତା ଆନ୍ଦୋଳନ ଆଡ଼କୁ ଟାଣି ଆଣିଲା। ଏଥିପାଇଁ ସେ କଲିକତାର ସ୍ୱାଧୀନତା ସଂଗ୍ରାମୀ ଦେଶବନ୍ଧୁ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ଅନୁପ୍ରେରିତ ହୋଇଥିଲେ। ନେତାଜୀ ଇଂଲଣ୍ଡରୁ ଦେଶବନ୍ଧୁଙ୍କୁ ଚିଠି ଲେଖି ତାଙ୍କ ସହିତ କାର୍ଯ୍ୟରେ ଯୋଗଦେବାକୁ ଚାହିଁଥିଲେ। ରବୀନ୍ଦ୍ରନାଥ ଟାଗୋରଙ୍କ କଥାରେ ସେ ଭାରତ ଫେରିଲେ ଏବଂ ବମ୍ବେ ଯାଇ ମହାତ୍ମା ଗାନ୍ଧୀଙ୍କୁ ୧୯୨୧ ମସିହାରେ ଭେଟିଥିଲେ। ସେତେବେଳେ ଗାନ୍ଧୀଜୀ ଇଂରେଜମାନଙ୍କ ବିରୋଧରେ ଅସହଯୋଗ ଆନ୍ଦୋଳନ ଦେଶବ୍ୟାପୀ ଚଳାଇଥିଲେ। ବଙ୍ଗରେ ତା’ର ନେତୃତ୍ୱ ନେଉଥିଲେ ଚିତ୍ତରଞ୍ଜନ ଦାସ, ଆଉ ନେତାଜୀ ଗାନ୍ଧୀଜୀଙ୍କ ଉପଦେଶ କ୍ରମେ ଏହି ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ। ଏତିକି ବେଳେ ଚିତ୍ତରଞ୍ଜନ କଂଗ୍ରେସ ସ୍ୱରାଜ ଦଳ ଗଠନ କରି ଇଂରେଜମାନଙ୍କୁ ବିରୋଧ କରିବାକୁ କଲିକତା ମହାପାଳ ନିର୍ବାଚନ ଲଢ଼ିଲେ। ନିଜେ କଲିକତାର ମହାପାଳ ହେବା ସହିତ ସୁଭାଷଙ୍କ ମହାପାଳର ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ କରିଥିଲେ। ତା’ପରେ ନେତାଜୀ କଲିକତାରେ ଇଂରେଜ ମାନଙ୍କ ନାମରେ ନାମିତ ସଡ଼କ ଓ ସ୍ଥାନ ଗୁଡ଼ିକୁ ଭାରତୀୟ ନାମକୁ ପରିବର୍ତ୍ତନ କଲେ। ତା’ଛଡ଼ା ସ୍ୱାଧୀନତା ଆନ୍ଦୋଳନରେ ଯୋଗଦାନ କରୁଥିବା ଲୋକଙ୍କ ପରିବାରର ସଦସ୍ୟଙ୍କୁ ମହାପାଳିକାରେ ବିଭିନ୍ନ ପଦବିରେ ନିଯୁକ୍ତ କରୁଥିଲେ। ଅସଲରେ ଏଇଠୁ ଆରମ୍ଭ ହୋଇଥିଲା ନେତାଜୀଙ୍କ ସଂଗ୍ରାମୀ ଜୀବନ।

୧୯୨୮ ମସିହରେ ସାଇମନ୍ କମିସନଙ୍କୁ ବିରୋଧ କରି ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା କଲିକତାରେ ତା’ର ନେତୃତ୍ୱ ନେଲେ ସୁଭାଷ। ଧୀରେ ଧୀରେ ସୁଭାଷଙ୍କ ଲୋକପ୍ରିୟତା ଦେଶ ମଧ୍ୟରେ ବଢ଼ିଚାଲିଥାଏ। ଏମିତି ବେଳେ ୧୯୩୮ ମସିହାରେ ହରିପୁରା ଠାରେ କଂଗ୍ରେସର ୫୧ତମ ଅଧିବେଶନ ଅବସରରେ ଗାନ୍ଧୀଜୀ ସୁଭାଷଙ୍କୁ କଂଗ୍ରେସର ଅଧ୍ୟକ୍ଷ ଭାବରେ ଚୟନ କରିଥିଲେ। ହେଲେ ପରବର୍ତ୍ତୀ ସମୟରେ ସୁଭାଷଙ୍କ କାର୍ଯ୍ୟଧାରା ଗାନ୍ଧୀଜୀଙ୍କୁ ପସନ୍ଦ ଆସିନଥିଲା ଏବଂ ଦୀର୍ଘଦିନ ଧରି କଂଗ୍ରେସ ଅଧ୍ୟକ୍ଷ ଚୟନ ହୋଇପାରିନଥିଲା। ନେଜାତୀ ୧୯୩୯ରେ ଫରୱାର୍ଡ଼ ବ୍ଲକ ଗଠନ କରିଥିଲେ। ଏହିପରି ଭାବେ ଭାରତର ସ୍ୱାଧୀନତା ଆନ୍ଦୋଳନରେ ନେତାଜୀଙ୍କ ଏକ ଭିନ୍ନ ପରିଚୟ ସୃଷ୍ଟି ହେଉଥିଲା। ବାରମ୍ବାର ବିଶ୍ୱର ବିଭିନ୍ନ ଦେଶକୁ ଯାଇ ଇଂରେଜ ଶାସନ ବିରୋଧରେ ସମର୍ଥନ ଯୋଗାଡ଼ରେ ଲାଗିଥିଲେ ନେତାଜୀ। ଏତିକି ବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରିପ୍ରେକ୍ଷୀରେ ବ୍ରିଟିଶ ସରକାର ବିରୋଧରେ ସେ ଜାପାନ ସହାୟତାରେ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ। ନେତାଜୀଙ୍କ ଜୟହିନ୍ଦ୍ ସ୍ଲୋଗାନ ଭାରତର ଅଗଣିତ ଜନତାଙ୍କ ପାଖରେ ବେଶ୍ ଲୋକପ୍ରିୟ ହୋଇଥିଲା। ସ୍ୱାଧୀନତା ଆନ୍ଦୋଳନ ସମୟରେ ନେତାଜୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ କହିଥିଲେ, ମତେ ତୁମେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି’।

ଐତିହାସିକମାନେ ମତ ଦିଅନ୍ତି ଯେ ନେତାଜୀ ଯେତେବେଳେ ବ୍ରିଟିସ ସରକାର ବିରୋଧରେ ଜର୍ମାନୀ ଓ ଜାପାନର ସହାୟତା ନେଲେ ସେତେବେଳେ ବ୍ରିଟିସ୍‌ମାନେ ନେତାଜୀଙ୍କୁ ହତ୍ୟା କରିବା ପାଇଁ ଗୁଇନ୍ଦା ବିଭାଗକୁ ୧୯୪୧ ମସିହାରେ ନିର୍ଦ୍ଦେଶ ଦେଇଥିଲେ। ନେତାଜୀ ୫ ଜୁଲାଇ ୧୯୪୩ ମସିହାରେ ସିଙ୍ଗାପୁରର ଟାଉନ୍‌ହଲ ଆଗରେ ସୁପ୍ରିମ୍ କମାଣ୍ଡର ଭାବେ ମିଳିତ ସେନାକୁ ଦିଲ୍ଲୀ ଚଲୋ ସ୍ଲୋଗାନ ଦେଇ ସମ୍ବୋଧନ କରିଥିଲେ। ୨୧ ଅକ୍ଟୋବର ୧୯୪୩ ମସିହାରେ ଆଜାଦ୍ ହିନ୍ଦ୍ ଫୌଜ୍‌ର ସର୍ବୋଚ୍ଚ ପଦବି ସେନାପତି ଭାବେ ଭାରତର ଅସ୍ଥାୟୀ ସରକାର ଗଠନ କରିଥିଲେ। ଯାହାକୁ ଜାପାନ, ଜର୍ମାନୀ, ଚୀନ, ଫିଲିପିନ୍‌ସ, କୋରିଆ, ଇଟାଲୀ ଓ ମାନ୍‌ଚୁକା ସମର୍ଥନ କରିଥିଲେ। ସେତେବେଳେ ଜାପାନ ସରକାର ଏହି ଅସ୍ଥାୟୀ ସରକାରଙ୍କୁ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଦେଇଦେଇଥିଲେ। ତା’ପରେ ନେତାଜୀ ସେଠାକୁ ଯାଇ ଦ୍ୱୀପପୁଞ୍ଜର ନୂଆ ନାମକରଣ କରିଥିଲେ। ୧୯୪୪ ମସିହାରେ ଆଜାଦ୍ ହିନ୍ଦ ଫୌଜ ଇଂରେଜମାନଙ୍କ ଉପରେ ଆକ୍ରମଣ କରି ଭାରତର କେତେକ ଅଞ୍ଚଳ ଇଂରେଜ ମାନଙ୍କ କବଳରୁ ମୁକ୍ତ କରିଥିଲେ। ୧୯୪୪ ଏପ୍ରିଲ ୪ ତାରିଖରୁ ୨୨ ଜୁନ୍ ୧୯୪୪ ପର୍ଯ୍ୟନ୍ତ କୋହିମା ଯୁଦ୍ଧରେ ଜାପାନ ସେନାକୁ ପଛକୁ ହଟିବାକୁ ପଡ଼ିଥିଲା ସତ ହେଲେ ଏହି ଯୁଦ୍ଧ ବ୍ରିଟିସମାନଙ୍କ ମନୋବଳକୁ ଭାଙ୍ଗି ଦେଇଥିଲେ। ୬ ଜୁଲାଇ ୧୯୪୪ ମସିହାରେ ନେତାଜୀ ରେଙ୍ଗୁନ୍ ରେଡ଼ିଓରେ ଏକ ସନ୍ଦେଶ ମାଧ୍ୟମରେ ମହାତ୍ମା ଗାନ୍ଧୀଙ୍କ ଠାରୁ ଏହି ଚୂଡ଼ାନ୍ତ ଯୁଦ୍ଧରେ ବିଜୟ ପାଇଁ ଆଶୀର୍ବାଦ ଭିକ୍ଷା କରିଥିଲେ। ନେତାଜୀ ୧୯୪୫ ମସିହା ଅଗଷ୍ଟ ୧୮ ତାରିଖରେ ଏକ ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା କୁହାଗଲା। ତା’ସହିତ ଏକ ସଂଗ୍ରାମଶୀଳ ଇତିହାସର ଯବନିକା ପାତ ହୋଇଥିଲା। ପରିତାପର ବିଷୟ ହେଉଛି, ଯେଉଁ ନେତାଜୀ ନିଜ ଜୀବନକୁ ଦେଶ ମାତୃକା ପାଇଁ ଉତ୍ସର୍ଗ କରିଦେଲେ ଆଜି ତାଙ୍କ ମୃତ୍ୟୁକୁ ନେଇ ଭିନ୍ନ ଭିନ୍ନ ମତ ଓ ମତାନ୍ତର ତାଙ୍କ ପାଇଁ ଅପମାନ ନୁହେଁ କି ତା’ସହିତ ନେତାଜୀଙ୍କ ଭଳି ଜଣେ ଜନନାୟକଙ୍କ ମୃତ୍ୟୁ ସଂପର୍କିତ ଦସ୍ତାବିଜ୍‌କୁ ସାର୍ବଜନୀନ କରି ରହସ୍ୟ ଉନ୍ମୋଚନ କରିବା କ’ଣ ସରକାରଙ୍କର ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟ ନୁହେଁ କି ?

**ବିଡ଼ାନାସୀ ବନ୍ଧଛକ, କଟକ, ଦୂରଭାଷ : ୯୭୭୮୬୩୫୯୨୬**

# ରାମାୟଣର ଦୁଇଟି କାହାଣୀ

ମହାକାବ୍ୟ ରାମାୟଣ ଭାରତୀୟ ଧର୍ମ, ଦର୍ଶନ, ଶାସ୍ତ୍ରର ପ୍ରଥମ ଉତ୍ସ। ଏହା ଭାରତୀୟ ଜନତାଙ୍କ ପାଇଁ ସତେଯେପରି ଏକ ପ୍ରକାଶ ସ୍ତମ୍ଭ। ଅନ୍ଧାରିତ ଓ ଅଭୁତ ଅବସ୍ଥାରେ ହିନ୍ଦୁ ଜାତି ପ୍ରତି ଏହା ଉତ୍ସାହର ସ୍ରୋତ। ରାମାୟଣରେ ବିଭିନ୍ନ ପ୍ରସଙ୍ଗ ଆଲୋକପାତ ହୋଇଛି। ଆସନ୍ତୁ ଆଜିର ଆଲୋଚନାରେ ଦୁଇଟି ପ୍ରସଙ୍ଗ ଏଠାରେ ଉଲ୍ଲେଖ କରିବା।

ଦଶରଥ ଅପୁତ୍ରିକ ହେବାର କାରଣ

କବି ଜଗନ୍ନାଥ ଦାସ ବ୍ରହ୍ମ ଶାପରେ ଦଶରଥ ଅପୁତ୍ରିକ ହୋଇଥିବା ବର୍ଣ୍ଣନା କରିଛନ୍ତି। ବର୍ଣ୍ଣିତ ଅଛି ଦଶରଥଙ୍କ ସୁକର୍ମରେ ସନ୍ତୁଷ୍ଟ ହୋଇ ଦେବରାଜ ଇନ୍ଦ୍ର ତାଙ୍କ ସହିତ ମିତ୍ରତା ସ୍ଥାପନ କରିଥିଲେ। ଫଳରେ ସେ ସ୍ୱଦେହରେ ସ୍ୱର୍ଗ ଦର୍ଶନ ଓ ଦେବ ସଭାରେ ଯୋଗଦାନ କରିବା କେବଳ ଦଶରଥଙ୍କ ଭାଗ୍ୟରେ ହିଁ ଜୁଟିଥିଲା। ତେତିଶ କୋଟି ଦେବତାଙ୍କ ଦ୍ୱାରା ସ୍ୱର୍ଗର ସ୍ୱତନ୍ତ୍ର ଉତ୍ସବରେ ଯୋଗ ଦେବାଲାଗି ଦଶରଥ ସ୍ୱର୍ଗାଭିମୁଖେ ଯାତ୍ରା କରୁଥିବା ସମୟରେ ରାଣୀ କୌଶଲ୍ୟା ସେହିଦିନ ସ୍ୱର୍ଗରୁ ପ୍ରତ୍ୟାବର୍ତ୍ତନ କରିବା ଲାଗି ଅନୁରୋଧ କରିଥିଲେ। ରାଜା ଦଶରଥ ମଧ୍ୟ ସେହିଦିନ ଇନ୍ଦ୍ରଙ୍କ ଠାରୁ ଅନୁମତି ପାଇ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ କପିଳାଦ୍ୱାରା ଅଭିଶାପ ପାଇଥିଲେ ଯେ ପ୍ରଥମ ଗର୍ଭରେ ତୋର କନ୍ୟା ଜାତ ହେବ ଏବଂ ତତପରେ ପୁତ୍ର ଲାଭ ହେବ। କପିଳାର ଏହି ଅଭିଶାପ ଦଶରଥଙ୍କ ଜୀବନରେ ସତ୍ୟରେ ପରିଣତ ହୋଇଥିଲା।

ସୂର୍ପଣଖା ପ୍ରସଙ୍ଗ

ଦଣ୍ଡକାରଣ୍ୟରେ ରାମଲକ୍ଷ୍ମଣ ସୀତା ବନବାସ କରୁଥିବା ସମୟରେ ଲକ୍ଷ୍ମଣ ମୃଗୟା ନିମିତ୍ତ ବନ ମଧ୍ୟରେ ଅନ୍ୱେଷଣରେ ଥିବାବେଳେ ଗୁଳ୍ମଲତା ତଳେ ତପସ୍ୟା କରୁଥିବା ସୂର୍ପଣଖା ପୁତ୍ର ଜପାସୁର ଲକ୍ଷ୍ମଣଙ୍କ ଶରାଘାତରେ ମୃତ୍ୟୁ ବରଣ କରିଛି। ମୃଗ ଭାବି ଦାନବର ମୃତ୍ୟୁ ପରବର୍ତ୍ତୀ କାଳରେ ସୂର୍ପଣଖାର ମାନସିକ ସ୍ତରରେ ପରିବର୍ତ୍ତନ



ଆଣିଛି। ପୁତ୍ର ନିଧନ ପରେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପଞ୍ଚବଟୀରେ ଏକାକୀ ଦେଖି ତାଙ୍କୁ ନିଧନ କରିବା ଲାଗି ଅସୁରୀ ରୂପ ପରିତ୍ୟାଗ କରି ଏକ ସୁନ୍ଦରୀ ନାରୀ ରୂପ ଧାରଣ କରିଛି। ତତପରେ ସତୀ ସୀତାଙ୍କ ନିକଟରେ ଏକ ସ୍ୱାମୀ ପରିତ୍ୟକ୍ତା ନାରୀ ହୃଦୟର ଅଶ୍ରୁଳଭରା ଦୁଃଖ କାହାଣୀ କହି ସୀତାଙ୍କ ମନରେ ସମବେଦନାର ଉଦ୍ରେକ କରାଇଛନ୍ତି। ଯାହାଫଳରେ ସୂର୍ପଣଖାକୁ ଗ୍ରହଣ କରିବା ଲାଗି ସତୀସୀତା ଲକ୍ଷ୍ମଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଲକ୍ଷ୍ମଣ ସୀତାଙ୍କର ଏହି ନିର୍ଦ୍ଦେଶକୁ ମାନିନେଇନାହାନ୍ତି। ସୂର୍ପଣଖାର ଅସଲ ସ୍ୱରୂପ ସେ ଚିହ୍ନିପାରି ଏହା ଏକ ଅସୁରୀର ମାୟା ଭାବି ତାର ନାଶିକା ଓ କର୍ଣ୍ଣ ଛେଦନ କରିଛନ୍ତି।

ବାଲ୍ମିକୀ ତାଙ୍କ ରାମାୟଣରେ ସୂର୍ପଣଖା ପ୍ରସଙ୍ଗରେ ବର୍ଣ୍ଣନା କରିଛନ୍ତି ସୁଗ୍ରୀବ ରାବଣର ଭଗ୍ନ ସୂର୍ପଣଖା, ମାର୍ଯ୍ୟାଦା ପୁରୁଷ ରାମଚନ୍ଦ୍ରଙ୍କୁ ଦେଖି କାମାତୁରା ହୋଇଛି। ରାମଚନ୍ଦ୍ରଙ୍କର ତପସ୍ୱୀ ବେଶର କାରଣ ସହିତ ସତୀ ସୀତାଙ୍କୁ ପରିତ୍ୟାଗ କରି ତାକୁ ସ୍ତ୍ରୀ ରୂପେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କ ନିକଟରେ ବଳିଷ୍ଟ ଯୁକ୍ତି ଉପସ୍ଥାପିତ କରିଛି। କିନ୍ତୁ ରାମଚନ୍ଦ୍ର ତାକୁ ଗ୍ରହଣ ନକରି ଲକ୍ଷ୍ମଣଙ୍କ ନିକଟକୁ ପଠାଇ ଦେଇଛନ୍ତି। ରାମଚନ୍ଦ୍ରଙ୍କ ଆଦେଶ ମୁତାବକ ରାକ୍ଷସୀ ସୂର୍ପଣଖା ଲକ୍ଷ୍ମଣଙ୍କ ନିକଟରେ ଉପସ୍ଥିତ ହୋଇ ନିଜର ଅନ୍ତରର କଥା କହିବା ସଙ୍ଗେ ସଙ୍ଗେ ତାକୁ ବିବାହ କରିବା ଲାଗି ପ୍ରସ୍ତାବ ଦେଇଛି। ସୂର୍ପଣଖାର ଏ ପ୍ରସ୍ତାବକୁ ଗ୍ରହଣ କରିପାରିନାହାନ୍ତି ଲକ୍ଷ୍ମଣ। ସତୀ ସୀତାଙ୍କର କୁତ୍ସିତ ରୂପ ବର୍ଣ୍ଣନା ଶୁଣି ଲକ୍ଷ୍ମଣ ପରିହାସ କରି ସୂର୍ପଣଖାକୁ ରାମଚନ୍ଦ୍ରଙ୍କ ନିକଟକୁ ପଠାଇ ଦେଇଛନ୍ତି। ପୁନରାୟ ଗଭୀର ଆଶା ଓ ଅକାଙ୍କ୍ଷା ଭିତରେ ପ୍ରସ୍ତାବ ଦେଇଛନ୍ତି ରାମଚନ୍ଦ୍ରଙ୍କର କନିଷ୍ଠାପତ୍ନୀ ହୁଅ। ଲକ୍ଷ୍ମଣର ପରିହାସ ସୂର୍ପଣଖା ବୁଝିନପାରି ରାମଚନ୍ଦ୍ରଙ୍କ ସମ୍ମୁଖରେ ସତୀ ସୀତାଙ୍କୁ ଭକ୍ଷଣ କରିବାକୁ ଅଗ୍ରସର ହେବାରୁ ତତକ୍ଷଣାତ ରାମଚନ୍ଦ୍ରଙ୍କ ନିର୍ଦ୍ଦେଶରେ ଲକ୍ଷ୍ମଣ ତାହାକୁ ବିରୂପ କରିଛନ୍ତି। ନାସା ଓ କର୍ଣ୍ଣ ହରାଇ ବର୍ଷାଋତୁର ଘୋର ଗର୍ଜନ ପରି ଭୀଷଣ ଗର୍ଜନ କରି ବନ ମଧ୍ୟରେ ପ୍ରବେଶ କରିଛି ସୂର୍ପଣଖା।

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**
**ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,**
**E-mail : dillip777kumar@gmail.com**

# ଗାନ୍ଧୀ ଅନୁଗାମୀ ସ୍ୱର୍ଗତଃ ହାରାମଣୀ : ଯଶ ଓ କୀର୍ତ୍ତିର ଅଧିକାରିଣୀ

ସେହି ସକଳ ସୁଃଖଦ ଝଲମଲ ହସ ହସ ମଧୁବୋଳା ସ୍ନେହ ଉଚ୍ଚାରଣର ମୁହଁଟି ଅପସରି ଯାଇଛି। ଭୂଗୋଳ ପୋଥିପତ୍ରରେ ଅନାମଧେୟ ପଲ୍ଲୀ ମାଟିର କନ୍ୟା ଯୋଗଜନ୍ମା ସାଧିକା ଭାବେ ଡାଖରାପଦା ଭୂଖଣ୍ଡରେ ସଞ୍ଚରିତ କରିପାରିଥିଲା ନିଜ ବ୍ୟକ୍ତିତ୍ୱକୁ। ଗାଉଁଲୀ କଥା, ଅତି ସାଧାରଣ ବେଶଭୂଷା, ପୋଷାକ ପରିଚ୍ଛଦ, ସୌଜନ୍ୟ ଓ ସଂପ୍ରୀତିରେ ଯିଏ ଜୀବନର ଶେଷ କାଳ ପାର୍ଯ୍ୟନ୍ତ ଛଳନା ଆଉ କପଟତାରେ ବଶବର୍ତ୍ତୀ ହୋଇନଥିଲା, କିଛି ମୁଠା ସ୍ୱର୍ଗଦ୍ୱାରର ମାଟି ନେଇ ମହୋଦଧି କୂଳରେ ଶେଷ ବିଶ୍ରାମ ନେଇଗଲା। ଭଗବାନ ସାଇଙ୍କ ପାଦପଦ୍ମକରେ ବିଲୀନ ହୋଇ ସାଧନା, ସିଦ୍ଧି, ପ୍ରେମର ପରିଧି ଓ ସର୍ବଦା ସେବା ଓ ଭଲପାଇବାର ଜଣେ ନିରଳସ ସାଧିକା ଭାବେ ଆମ ସମସ୍ତଙ୍କ ଗହଣରେ ଅଶ୍ରୁସଜଳ ଇତିହାସର ଜୀବନ୍ତ ସ୍ମୃତିର କୋଣାର୍କ ପାଲଟିଗଲା। ସେ ତେଜଦୀପ୍ତ ମୁହଁ, ନିର୍ଭୀକ ଆଖି ଦୁଇଟିର ଗଭୀର ଆତ୍ମତ୍ୟାଗ ଓ ପ୍ରତ୍ୟୟର ଛାପ କେଉଁ ଆଡ଼େ ଲୁଚିଗଲା ସବୁଦିନ ପାଇଁ ସମସ୍ତଙ୍କ ଦୃଷ୍ଟିର ଆଢୁଆଳରେ।

ଓଡ଼ିଶାର ତତ୍କାଳୀନ ଅନ୍ଧାରୀ ମୂଳକରେ ଶକ୍ତିଶାଳୀ ଇଂରେଜୀ ଗୋରା ଫଉଜଙ୍କ ଜୁଲମ ଦିନକୁ ଦିନ ବଢୁଥିବାବେଳେ ଗାଁ ଗଣ୍ଡାରେ କ୍ରାନ୍ତୀର ମଶାଲ ପ୍ରଜ୍ୱୋଳିତ ହେଉଥିଲା। ଏହିପରି ଏକ ସମୟରେ ଆଜିର ଯାଜପୁର ଜିଲ୍ଲା ଅଞ୍ଚଳରେ ସେ ସମୟର ଜଣେ ଛୋଟ ଝିଅଟି ଗାନ୍ଧିବାଣୀକୁ ଭଲ ପାଇବା ସହ ଗାନ୍ଧୀ ଚେତନାକୁ ନିଜ ଭିତରକୁ ଆହରଣ କରୁଥିଲେ ତାଙ୍କ ପରି କିଶୋରୀ ମାନଙ୍କୁ ଜାଗରିତ କରିବା ପାଇଁ। ପରବର୍ତ୍ତୀ ସମୟରେ ସେ ଆତ୍ମପ୍ରକାଶ କରିଥିଲେ ତାଙ୍କ ପରିଚୟରେ ସେ ଥିଲେ ହାରାମଣୀ ଦେବୀ। ଜଣେ ଗାନ୍ଧୀ ଚିନ୍ତନର ପ୍ରଚାର ପ୍ରସାର ଅନୁରାଗୀ ଓ ତତ୍କାଳୀନ ସମୟରେ ନାରୀ ଶିକ୍ଷାକୁ ପ୍ରେରଣା ଯୋଗାଇବା ସହ ପ୍ରତ୍ୟେୟ ଅସହାୟ ଦୁଃଖିରଙ୍କଙ୍କୁ ସେବା କରିବା ଓ ତାଙ୍କ ଓଠରେ ଟିକେ ହସ ଦେବା ସହ ଗଣ୍ଡାଏ ଖାଦ୍ୟ ମୁଠାଏ ଉପଲବ୍ଧ କରି ନୈତିକ ଶିକ୍ଷା ଦେବା ଥିଲା ତାଙ୍କ ଜୀବନର ଧର୍ମ। ପିଲାଟି ଦିନରୁ ରାମ ଚେତନାକୁ ନିଜ ବ୍ୟକ୍ତିଚେତନାରେ ରୂପାନ୍ତରିତ କରିଥିଲେ। ପ୍ରତ୍ୟେହ ରାମାୟଣ ପାଠ କରି ମର୍ଯ୍ୟାଦାପୁରୁଷୋତ୍ତମଙ୍କୁ ନିଜ ଆରାଧ ଦେବତା ଭାବେ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ଆଶ୍ରିତ ହେବା ସହ ପୁଟ୍ଟପର୍ତ୍ତି ମଧ୍ୟ ଯାତ୍ରା କରିଛନ୍ତି। ତାଙ୍କ ଜୀବନଟି ଥିଲା ଏକ ଖୋଲା ବହି ସଦୃଶ। ପିଲାଟି ଦିନରୁ ନାରୀ ଶିକ୍ଷା ନାରୀ ମାନଙ୍କ ଭିତରେ ଆଧ୍ୟାତ୍ମିକ ଚେତନା ଭରିବା ସହ ସମାଜ ସେବା ଓ ନାରୀ ନୀତିକୁ ସେ ଜୀବନର କେବଳ ବ୍ରତ କରିନଥିଲେ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଥିଲେ।

ହାରାମଣୀ ମହାରଣାଙ୍କ ଅନେଶତ ବର୍ଷ ବୟସରେ ପରଲୋକ ହୋଇଛି। ତାଙ୍କ ଜନ୍ମ ସ୍ଥାନ ଥିଲା ଗଡ଼ଜାତ ଗାଁ କୁହାଯାଉଥିବା ନୂଗାଗଡ଼ମଧୁପୁର ସ୍ଥିତ ଅଣ୍ଟିଆ ଗ୍ରାମ। ସେ ଥିଲେ ଚାରିପିଢ଼ୀର ପ୍ରଥମ ସ୍ରଷ୍ଟା। ରାମାୟଣ ଅନୁଚିନ୍ତନକୁ ଜୀବନକୁ ପାଥେୟ କରିଥିବା ହାରାମଣୀ ଦେବୀ ଥିଲେ ସ୍ୱର୍ଗତଃ ମୂରଲୀଧର ମହାରଣାଙ୍କ ଧର୍ମପତ୍ନୀ। ଦଶମଣିଆ ସନ୍ନିକଟ ଡାଖରାପଦାସ୍ଥିତ ବାସଭବନରେ ଶେଷ ନିଃଶ୍ୱାସ ତ୍ୟାଗ ସମୟରେ ପୁତ୍ର ବାବାଜି ଚରଣ ମହାରଣା, ହରେକୃଷ୍ଣ ମହାରଣା, ପରମାନନ୍ଦ ମହାରଣା, ଧରଣୀଧର ମହାରଣା, ପୁତ୍ରବଧୂ କାଞ୍ଚନ ମହାରଣା, କଣ୍ଢେଇ ମହାରଣା, ପ୍ରେମଲତା ମହାରଣା, ସଞ୍ଜୁ ମହାରଣା, ରଞ୍ଜୁ ମହାରଣା, ଝିଅ କୋଇଲି ଦେବୀ, ଜାମାତ ସୋମନାଥ ମହାରଣାଙ୍କ ସମେତ ନାତିନାତୁଣୀ ସତ୍ୟାନନ୍ଦ, ରଞ୍ଜନ, ଡାକ୍ତର ଦୀଲ୍ଲିପ କୁମାର ମହାରଣା, ଅଜୟ ମହାରଣା, ଚନ୍ଦ୍ରମଣି, ବିପିନ, ବିଜୟ, ରାଜେନ୍ଦ୍ର, ବୁଲୁ, ଗୁଡ୍ଡୁ, ଝାମ୍ପ, ନାତୁଣୀ ରଶ୍ମୀ, ଲକ୍ଷ୍ମୀ, ସରସ୍ୱତୀ, ମଞ୍ଜୁ, ଝୁନୁଲତା ମହାରଣା, ଭାନୁମତୀ, ତୃପ୍ତୀ, ମାଳତୀ, ଜୟନ୍ତୀ, ସାଇଅଂଶୁମାନ, ଆଶୁତୋଷ, ସୋନୁ, ସାଇଶ୍ରୀ, ସୁଜାତା, ରୁନୁଲତା, ସୁଜାତା, ବିବେକାନନ୍ଦ, ପ୍ରତାପ, ବବି, ପପୁ, ଚିନୁ, ସୋନୁ, ପୁପୁନ, ସୁଧା, ଶ୍ରଦ୍ଧା, ଟଇନ, ଜଗା, ସତିଆ, ଯୁଗଳ, ଗେଡ଼, ରିଙ୍କୁ, ବଗୁଲି, ତଟିନୀ, ଟୁଇଙ୍କିଲ, ହଳିଆ ଦାଦା ପ୍ରମୁଖ ଉପସ୍ଥିତ ଥିଲେ। କନିଷ୍ଠ ପୁତ୍ର ଧରଣୀଧର ମୁଖାଗ୍ନି ଦେଇଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଆଧ୍ୟାତ୍ମିକ ଶ୍ରଦ୍ଧାଳୁ, ରାମଭକ୍ତ, ସ୍ଥାନୀୟ ଜନସାଧାରଣ ଓ ଲୋକପ୍ରତିନିଧି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଶ୍ରୀ ସତ୍ୟସାଇ ସେବା ସଙ୍ଗଠନର ପୂର୍ବତନ ଟ୍ରଷ୍ଟ କନଭେନର ଅନ୍ତର୍ଯ୍ୟାମୀ ପଟ୍ଟନାୟକ, କଟକ ସମିତିର ଆବାହକ ସାଧୁଚରଣ ପ୍ରଧାନ, ଡକ୍ଟର ରାଜକିଶୋର ମିଶ୍ର, ପୂର୍ବତନ କେନ୍ଦ୍ରାଞ୍ଚଳ ସଂଯୋଜକ ଶ୍ୟାମ ସୁନ୍ଦର ସାମଲ, ସଞ୍ଜୀବ ରଥ, ସାମ୍ବାଦିକ ସୁଶାନ୍ତ କୁମାର ଭୂୟାଁ, ପାର୍ଥ ସାରଥୀ ନାୟକ, ତ୍ରିନାଥ ଓଝା ପ୍ରମୁଖ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ଶ୍ରଦ୍ଧାମାଲ୍ୟ ଅର୍ପଣ କରିଛନ୍ତି।

ଏ ଅନୀତ୍ୟ ସଂସାରରେ ଦିନେ ଯିବାକୁ ହିଁ ପଡ଼େ। ଯିବାଟା ହିଁ ବାସ୍ତବ ସତ୍ୟ। ତେବେ ଯେଉଁମାନେ ଭଗବତ କୃପାଭିକ୍ଷୁ ଓ ସମାଜ ସେବାରେ ନାରୀ ଚେତନାରେ ଜାଗରଣ ରଖିଥାନ୍ତି ସେମାନେ ଆପଣାର ସ୍ମୃତିର ପଦଚିହ୍ନକୁ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ଆମ ଗହଣରେ ହାରାମଣୀ ଦେବୀ ଆଉ ନାହାଁନ୍ତି ଏକଥା ନିଷ୍ଠୁର ସତ୍ୟ ହେଲେ ବି ବିଶ୍ୱାସ କରିହେଉନି କିନ୍ତୁ ମନୁଷ୍ୟ ତାର କର୍ମ ବଳରେ ସର୍ବଗ୍ରାସୀ କାଳକୁ ମଧ୍ୟ ଜୟ କରିପାରେ। ସେହିପରି ଦେଖିଲେ ଆଧ୍ୟାତ୍ମିକ ସାଧିକା, ନାରୀ ଚେତନା ଓ ଗାନ୍ଧୀ ଅନୁରାଗପୂର୍ଣ୍ଣ ତାଙ୍କ ବ୍ୟକ୍ତିତ୍ୱ କାଳଜୟୀ କହିଲେ ଅତ୍ୟୁକ୍ତି ହେବନାହିଁ। ସେ ଥିଲେ ନିଷ୍କଳଙ୍କ ଓ ଶୁଦ୍ଧ ପବିତ୍ର ସଂକଳ୍ପର ପ୍ରତୀକ। ଶ୍ରୀମଦ୍ ଭାଗବତରେ ନିଜ ଜୀବନ୍ତ ଭଗବାନ ସଦୃଶ ନିଜ ପିତାମାତାଙ୍କ ସେବାକର୍ମ ପ୍ରତି ଉଲ୍ଲେଖ ରହି ଲେଖା ହୋଇଛି – 'ଆଚାର୍ଯ୍ୟ ବ୍ରହ୍ମାର ମୂରତି, ପିତା ପ୍ରତ୍ୟକ୍ଷେ ପ୍ରଜାପତି। ଭ୍ରାତା ଯେ ମୂରତି ଇନ୍ଦ୍ରର, ମାତା ସାକ୍ଷାତ ପୃଥିବୀର। ଅଗ୍ନି ମୂରତି ଅଭ୍ୟାଗତ, ଆତ୍ମାର ମୂର୍ତ୍ତି ସର୍ବଭୂତ। ତାତ ଜନନୀ ଉପକାର, ଶୁଝି କେ ପାରିବ କୁମର। ଗର୍ଭେ ବହନ୍ତି ଦୁଃଖ ସହି, ପୁଣି ପାଳନ୍ତି କ୍ଷୀର ଦେଇ। ସର୍ବ ସମ୍ପଦ ପୁଣି ଦେଇ, ତାହାଙ୍କ ପୋଷଣେ ଜୀଅଇ। ତାହାଙ୍କ ପ୍ରତି ଉପକାରେ, ଶତ ବରଷେ କେହୁ ପାରେ।' ଏହି ଦିବ୍ୟ ବାଣୀର ମହାବ୍ରତକୁ ଜୀବନରେ ପାଳନ କରୁଥିଲେ ହାରାମଣୀ ଦେବୀ। ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ଆଧ୍ୟାତ୍ମିକ ସମାଜ ସେବା ଓ ନାରୀ ଚେତନାକୁ ବ୍ରତ କରିବା ସହ ଗାନ୍ଧିବାଣୀକୁ ସେ ପ୍ରଚାର ପ୍ରସାର କରୁଥିଲେ। ଜାତସ୍ୟ ଧ୍ରୁବମୃତ୍ୟୁଂ ମନୁଷ୍ୟ କ୍ଷଣ ଭଙ୍ଗୁର ଜୀବନରେ ସଂସାରର ରୀତିନୀତି ଅନୁଯାୟୀ ବାହୁଡ଼ିବ ତ ନିଶ୍ଚୟ କିନ୍ତୁ ହାରାମଣୀ ଦେବୀଙ୍କ ପରି ଗାନ୍ଧୀ ଚେତନା ଓ ରାମାୟଣର ମୂଲ୍ୟବୋଧ, ନାରୀ ଶିକ୍ଷା ଏସବୁକୁ ଏକ ବ୍ରତ କରି ଆଗେଇ ଚାଲିଥିବା ସମୟରେ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପୂର୍ବକ ଭାଗବତର ବିଲକ୍ଷଣ ଧାଡ଼ିଟି ସହ ଶେଷ କରୁଛି – 'କେହି ରହିନାହିଁ ରହିବେ ନାହିଁଟି ଭବରଙ୍ଗ ଭୂମି ତଳେ, ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବ କାଳ ବଳେ।'

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**
**ଶିଖରପୁର ଉପରସାହି, କଟକ, ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯,**
**E-mail : dillip777kumar@gmail.com**

# ହାଣ୍ଡିଶାଳରେ ମହଙ୍ଗା ମାଡ

ଏଥିରେ ବୋଧହୁଏ କେହି ଦ୍ୱିମତ ହେବେ ନାହିଁ ଯେ, ମହାମାରୀ କରୋନାର ତାଣ୍ଡବ ପରେ ଦେଶରେ କ୍ରମାଗତ ଭାବେ ବିଭିନ୍ନ ଅତ୍ୟାବଶ୍ୟକୀୟ ଏବଂ ଖାଦ୍ୟ ସାମଗ୍ରୀ ଦର ହୁ ହୁ ହୋଇ ବଢିଚାଲିଥିବା ବେଳେ ହାଣ୍ଡିଶାଳ ଉପରେ ମହଙ୍ଗା ମାଡ ସବୁଠୁ ମହଙ୍ଗା ସାବ୍ୟସ୍ତ ହୋଇଛି। ତେଲ, ଲୁଣ, ଚାଉଳ, ଅଟା, ଡାଲି, ଦୁଗ୍ଧ ଠାରୁ ଆରମ୍ଭ କରି ସମସ୍ତ ଅତ୍ୟାବଶ୍ୟକୀୟ ଖାଦ୍ୟ ପଦାର୍ଥର ମୂଲ୍ୟ ଆକାଶ ଛୁଆଁ ହୋଇଥିବା ସମୟରେ ଏବେ କ୍ରମାଗତ ଭାବେ ରନ୍ଧନ ଗ୍ୟାସର ଦରବୃଦ୍ଧି ଖାଉଟି ଓ ହାଣ୍ଡିଶାଳ ଉପରେ ବେଡି ଉପରେ କୋରଡା ମାଡ ସଦୃଶ ହୋଇଛି ବୋଲି କୁହାଯାଇପାରିବ। ବୁଧବାର ଦିନ ଦେଶର ରାଷ୍ଟ୍ରାୟତ ତୈଳ କମ୍ପାନୀ ଉଭୟ ଘରୋଇ ଓ ବ୍ୟବସାୟିକ ରନ୍ଧନ ଗ୍ୟାସ ଦର ବୃଦ୍ଧି କରିଛନ୍ତି। ଘରୋଇ ରନ୍ଧନ ଗ୍ୟାସ ୧୪.୨ କେଜି ଓଜନ ବିଶିଷ୍ଟ ସିଲିଣ୍ଡର ପିଛା ଦର ୫୦ ଟଙ୍କା ବଢାଇଥିବାବେଳେ ବ୍ୟବସାୟିକ ୧୯.୨ କେଜି ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୬୫୧.୫୦ ପଇସା ବଢାଇଛନ୍ତି। ଘରୋଇ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ରାଜଧାନୀ ଭୁବନେଶ୍ୱରରେ ୧୧୨୯ ଟଙ୍କାରେ ପହଁଚିଥିବାବେଳେ ବ୍ୟବସାୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୨୨୫୨ ଟଙ୍କା ୫୦ପଇସା ହୋଇଛି। ପୂର୍ବରୁ ଏହି ମୂଲ୍ୟ ଯଥାକ୍ରମେ ୧୦୭୬ ଏବଂ ୧୯୦୦ ଟଙ୍କା ୫୦ପଇସା ଥିଲା। ଦୀର୍ଘ ୭ମାସ ଧରି ଘରୋଇ ଗ୍ୟାସ ଦର ସ୍ଥିର ରହିବା ପରେ ତୈଳ କମ୍ପାନୀଗୁଡିକ ଦର ବଢାଇଛନ୍ତି। କେବଳ ଏଥିକ ନୁହେଁ, ୩ଟି ଉତର ପୂର୍ବାଂଚଳ ରାଜ୍ୟ ତ୍ରିପୁରା, ମେଘାଳୟ ଓ ନାଗାଲାଣ୍ଡ ବିଧାନସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଶେଷ ହେବାର ଦିନ ପରେ ତୈଳ କମ୍ପାନୀଗୁଡିକ ଗ୍ୟାସ ଦର ବୃଦ୍ଧି ଘୋଷଣା କରିଛନ୍ତି। ଏଥିପାଇଁ କେନ୍ଦ୍ର ସରକାରଙ୍କର ସମ୍ମତି ରହିଥିବ ନିଶ୍ଚିତ। ଉଲ୍ଲେଖଯୋଗ୍ୟ ଯେ, ହିମାଚଳ ପ୍ରଦେଶରେ ଗୋଟିଏ ଲୋକସଭା ଓ ଦୁଇଟି ବିଧାନସଭା ଆସନ ଉପନିର୍ବାଚନରେ ପରାଜିତ ହେବା ପରେ କେନ୍ଦ୍ର ସରକାର ଦେଶରେ ଦୈନନ୍ଦିନ ତୈଳ ଦର ତଥା ପେଟ୍ରୋଲ ଡିଜେଲର ମୂଲ୍ୟ ବୃଦ୍ଧି ସ୍ଥଗିତ ରଖିଛନ୍ତି। ଦୀର୍ଘ ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଦେଶରେ ତୈଳ



ଦର ବୃଦ୍ଧି ସ୍ଥିର ରହିଛି। ଏବେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୮୦ ଡଲାରରୁ କମ୍ ରହିଥିବାବେଳେ ରନ୍ଧନ ଗ୍ୟାସ ଦର ବୃଦ୍ଧିର କାରଣ ବୁଝାପଡୁନାହିଁ। ଆଶା କରାଯାଉଥିଲା ଯେ,

**ସୌଭାଗ୍ୟ ରଂଜନ ମହାନ୍ତି**

ଆନ୍ତର୍ଜାତିକ ବଜାରରେ ଅଶୋଧିତ ତୈଳର ବ୍ୟାରେଲ୍ ପିଛା ମୂଲ୍ୟ ହ୍ରାସ ପାଇ ଥିବାରୁ ଦେଶରେ ପେଟ୍ରୋଲ, ଡିଜେଲ ଓ ଇନ୍ଧନ ଗ୍ୟାସର ଦର ହ୍ରାସ ପାଇବ। ତିନୋଟି ରାଜ୍ୟର ବିଧାନସଭା ନିର୍ବାଚନ ଶେଷ ହେବାପରେ ଅଚାନକ ଇନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ବିସ୍ମୟ ଜନକ। ଦେଶରେ ପେଟ୍ରୋଲ, ଡିଜେଲ ଓ ପେଟ୍ରୋଲିୟମଜାତ ସାମଗ୍ରୀର ମୂଲ୍ୟ ହ୍ରାସ ନେଇ ଗଣମାଧ୍ୟମରେ ରିପୋର୍ଟମାନ ପ୍ରକାଶ ପାଉଥିବାବେଳେ ହଠାତ୍ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧିରେ ବିସ୍ମିତ ହେବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ଦେଶରେ ଅସହାୟ, ଗରିବ ଗୃହିଣୀମାନଙ୍କୁ ଧୂଆଁରୁ ସୁରକ୍ଷିତ ରଖିବା ଏବଂ ରୋଷେଇ ଶାଳକୁ ଧୂଆଁରୁ ମୁକ୍ତ କରିବା ପାଇଁ କେନ୍ଦ୍ରରେ କ୍ଷମତାସୀନ ବିଜେପି ସରକାର ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଯେଉଁ ଯୋଜନାକୁ କେନ୍ଦ୍ର ସରକାରଙ୍କ ସବୁଠାରୁ ସଫଳ ଯୋଜନା ବୋଲି କୁହାଯାଇଛି। ଏହି ଯୋଜନାରେ ଦେଶର ୫କୋଟିରୁ ଉର୍ଦ୍ଧ୍ୱ ଗରିବ, ଅସହାୟ ମହିଳାଙ୍କୁ ମାଗଣାରେ ଗ୍ୟାସ ସିଲିଣ୍ଡର ସରକାର ଯୋଗାଇ ଦେଇଥିବା ଦାବି କରନ୍ତି। ଏବେ ଯେପରି କ୍ରମାଗତ ଭାବେ ଗ୍ୟାସ ଦର ବଢିଚାଲିଛି, ଆଉ ସେମାନେ ଗ୍ୟାସ କିଣିପାରୁନଥିବା କୁହାଯାଏ। କେବଳ ରୋଷେଇ ଘରେ ଫମ୍ପା ସିଲିଣ୍ଡର ଶୋଭା ପାଉଛି। ପୁଣି ଗରିବ, ଅସହାୟ ଓ ଗାଁ ଗହଳିରେ କାଠ, ଛେଦା, କୁଟାକାଠି ଗ୍ୟାସର ସ୍ଥାନ ନେଇଛି ବୋଲି କହିଲେ, ହୁଏତ ଅତିରଂଜିତ ହେବ ନାହିଁ। ଆହୁରି ମଧ୍ୟ ସରକାର ପୂର୍ବରୁ ରନ୍ଧନ ଗ୍ୟାସରେ ରିହାତି ପ୍ରଦାନ କରୁଥିଲେ। ଯାହାକି ଏବେ ଉଚ୍ଛେଦ କରିଛନ୍ତି। ସିଲିଣ୍ଡର ପିଛା ଖାଉଟିଙ୍କୁ ମାତ୍ର ୧୩ଟଙ୍କା ରିହାତି ମିଳୁଛି। ଏବେ ରନ୍ଧନ ଗ୍ୟାସ ସିଲିଣ୍ଡର ପିଛା ମୂଲ୍ୟ ୧୧୨୯ ଟଙ୍କା ପଡୁଥିବାରୁ ଗରିବ, ମଧ୍ୟବିତଙ୍କ ପକ୍ଷରେ କିଣିବା ଆଉ ସମ୍ଭବ ନୁହେଁ ବୋଲି କୁହାଯାଇପାରେ। ଆହୁରି ମଧ୍ୟ ରନ୍ଧନ ଗ୍ୟାସର ମୂଲ୍ୟ ବୃଦ୍ଧି ଯୋଗୁଁ ଏହାର ପ୍ରଭାବ ହୋଟେଲରେ ପ୍ରସ୍ତୁତ ଖାଦ୍ୟ ସାମଗ୍ରୀ ଏବଂ ସମସ୍ତ ବର୍ଗର ଲୋକ ସାଥୀ ଭାବେ ପରିଚିତ ଚା' ଉପରେ ପଡିଛି। ରନ୍ଧନ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢିବା ସହ ଚା'ର ମୂଲ୍ୟ ମଧ୍ୟ ବଢିବା ସମ୍ଭାବନା ରହିଛି। ତୈଳ ଦର ବୃଦ୍ଧି ଯେପରି ପ୍ରତ୍ୟକ୍ଷ ଭାବେ ବିଭିନ୍ନ ସାମଗ୍ରୀର ମୂଲ୍ୟ ବଢାଇଥାଏ, ସେହିପରି ରନ୍ଧନ ଗ୍ୟାସର ମୂଲ୍ୟ ରନ୍ଧନ ଖାଦ୍ୟ ସାମଗ୍ରୀର ମୂଲ୍ୟ ବଢାଇବ। କିନ୍ତୁ ଏହା ନିଶ୍ଚିତ ଯେ, ରନ୍ଧନ ଗ୍ୟାସ ମୂଲ୍ୟ ବୃଦ୍ଧି କେବଳ ହାଣ୍ଡିଶାଳ ଉପରେ ଚଡକ ନୁହେଁ, ଲୋକଙ୍କ ପେଟରେ ନାତ ସଦୃଶ ହୋଇଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହିପରି ଉଜ୍ଜ୍ୱଳା ଯୋଜନା ଏକ ପ୍ରହସନରେ ପରିଣତରେ ବୋଲି କହିଲେ ହୁଏତ ଅତିରଂଜିତ ହେବ ନାହିଁ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧,**
**ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩,**
**ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୯୪୩୭୯୯୪୩୭୯**

# 'କଷ୍ଟ' 'କଣ୍ଟକ' ହୋଇପାରେ

କଷ୍ଟ କଣ? କଷ୍ଟ ହେଉଛି ସମୟ ଭିତ୍ତିକ ଚୁକ୍ତି। ଚୁକ୍ତି କରାଯାଏ ଦୁଇ ବ୍ୟକ୍ତି ବା ଦୁଇପକ୍ଷ ମଧ୍ୟରେ, ଦୁଇ ବ୍ୟକ୍ତି ମଧ୍ୟରେ ହେଉଥିଲେ ଜଣେ ମହାଜନ ଜଣେ ଖାତକ ଜଣେ ଓକିଲ ଓ ଜଣେ ମହକିଲ, ଜଣେ ସ୍ତ୍ରୀ ତାଙ୍କ ସ୍ୱାମୀ। ସ୍ୱପ୍ନ ଅନେକ ଦେଖନ୍ତି। ସ୍ୱପ୍ନ ସାକାର ପାଇଁ ସମୟ, ଚେଷ୍ଟା, ଉଦଯୋଗ, ଦ୍ରବ୍ୟ ଅର୍ଥର ବଳ ଦରକାର। ପୁଣି ପ୍ରକୃତି ସୁହାଇବା ଦରକାର। ଉଦଯୋଗରେ ଅନ୍ୟର ସାହାଯ ଦରକାର। କେହି ଏକା ଏକା ତା ସ୍ୱପ୍ନକୁ ସାକାର କରିବାକୁ ହେଲେ ତାକୁ ଅନେକ ପରିଶ୍ରମ ଓ ଅନେକ ବ୍ୟକ୍ତିଙ୍କ ସହାୟତା ନିହାତି ଦରକାର।

ପୂର୍ବେ ଥିଲା ଏବେ ବି ଅଛି ହେଲେ ତାହା ସଂସ୍କାରିତ ହୋଇଛି କଷ୍ଟକବାଲା। କବଲା ହେଉଛି ତୃତୀୟ ପକ୍ଷକୁ ସାକ୍ଷୀରେ ରଖି ଏକ ଚୁକ୍ତି ପତ୍ର, ଏ ତୃତୀୟ ପକ୍ଷ ନିଶ୍ଚେ ପ୍ରତିପତ୍ତି ସମ୍ପନ୍ନ ବ୍ୟକ୍ତି ନହେଲେ ସରକାର ବା ରାଜାକାନୁନ। ଟଙ୍କା କାରବାରରେ ଏବେ ଜଣେ ଦୁର୍ଦ୍ଦାନ୍ତ ଶକ୍ତିଶାଳୀ ବ୍ୟକ୍ତି ଜଡ଼ିତ ରହୁଛନ୍ତି। ଜଣେ ଚାଷୀ ତାର ଚାଷରେ ଜୀବିକା ଚଳାଏ କେବେ ବଢ଼ି ବା କେବେ ମରୁଡ଼ି ହେଲେ ଚାଷ ପାଇଁ ଅର୍ଥ ବା ବିହନ ନଥାଏ। ଖାଉ ଖାଉ ବିହନ ରଖିଥିବା ଧାନକୁ ଖାଇ ଦିଅନ୍ତି। ଫଳରେ ଆଗାମୀ ଚାଷ ପାଇଁ ଅର୍ଥ ସଂଗ୍ରହ ଧାନ ସଂଗ୍ରହ କରନ୍ତି। ମାତ୍ର ତାକୁ ଏମିତି ଆଣି ନଥାନ୍ତି ଏହାକୁ ଦେଉ ଥିବା ଲୋକ ପାଖରେ ଏକ ଚୁକ୍ତିବଦ୍ଧ ପତ୍ର ଲେଖି ଦେଇ ଆସନ୍ତି। ଯାହା

**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଫସଲ ଉଠିଗଲେ ଫସଲ ବିକ୍ରୀ କରି ସୁଧମୂଳ ପଇଠ କରିବେ ନଚେତ ଜମିଟିକୁ ହରାଇବେ। ଏ କଷ୍ଟା ସାଜେ।

ଅନେକ ଶ୍ରମ ଅଭାବ କାଳରେ ଖାଦ୍ୟ ଅଭାବରୁ ଗ୍ରାମର ଥିଲାବାଲା ଉଦବୃତ୍ତ ଧାନ ରଖିଥିବା ଚାଷୀ ଠାରୁ ଧାନ କରଜ ଆଣିଥାନ୍ତି ଯାହା ଦେଢ଼ି ଦେଢ଼ଗୁଣା ଫେରାଇବାକୁ ପଡ଼ିଥାଏ ଯାହା ଚାଷ କାମରେ ପୂର୍ବକୁ ଲାଗି ଧାନ ଚାଷରୁ ଅମଳ ପରେ ଧାନ ରୁଣର ଦେଢ଼ଗୁଣ ଶୋଧ କରିଥାନ୍ତି। ଯଦି ଏପରି ଶୋଧ ଠିକ ବେଳେ ନ ହେଲା ମହାଜନ ଚାଷୀ ଋଣଦାତାକୁ ନାନା ହଇରାଣ ଦଣ୍ଡ ଦିଅନ୍ତି। ଜୁଲମ କରି ତାର ରୋଜଗାରର ପଥ ବନ୍ଦ କରିଦିଅନ୍ତି। ବୃଥା ଖଟାନ୍ତି ବେଠି ଭାତିଆ, ଚାକର କରାନ୍ତି। ଝିଅ ବୋହୂଙ୍କୁ ଲୁଟି ବା କେବେ କେବେ ଦେଖାଯାଉଥିଲା ଏ କଷ୍ଟା ସାଜେ। ବର୍ତ୍ତମାନ ପ୍ରଗତିର ପ୍ରଚାରିତ ସମୟ। ଲୋକେ ଅନେକ ସରକାରୀ ନିୟମରେ ବ୍ୟାଙ୍କରୁ ଋଣ ନେଉଛନ୍ତି। ଋଣର ରକମ ଏକ ଆନନ୍ଦମୟ ପାଇବା ବସ୍ତୁ ଭାବି ଚୁକ୍ତି ପତ୍ରରେ ଦସ୍ତଖତ କରିଦିଅନ୍ତି ତହିଁରେ ସବୁ ବଡ଼ ବଡ଼ ଅକ୍ଷରରେ ଲେଖା ୧, ୨, କ୍ରମରେ ଥାଏ ମାତ୍ର ଶେଷ ଆଡ଼କୁ ଏକ ଲମ୍ବାଗାର ତଳେ ବିଶେଷଧ୍ୟାନ ପାଇଁ କଣ୍ଡିସନ ଲେଖାଯାଇଥାଏ ଯାହାକୁ କେହି ଋଣ ନେଲା ବେଳେ ପଢ଼ି ନଥାନ୍ତି। ଯାହାପରେ ଋଣ ଶୋଧ ଖିଲାପରେ ଲାଗିଥାଏ। ଗାଡ଼ିଋଣ ବା ଅତି ସମ୍ଭ୍ରାନ୍ତ ପତି ପଢ଼ାଇ ଦେବା ଅନୁଭବ ହୁଏ ମାତ୍ର ଖିଲାପରେ ସେହି ଲେଖାର କଣ୍ଡିସନ କଷ୍ଟା ହୋଇଯାଏ। ଗାଡ଼ି ପଥରୁ କେହି ବ୍ୟାଙ୍କର ଅନୁମୋଦିତ ଜୁଲମ ଦଳ ଛଡ଼ାଇ ନେଇ ମହାଦୁଃଖ ଦେଉଛନ୍ତି। କିଛି ଲୋକଙ୍କ ଋଣ ବ୍ୟବସାୟ ଶିଳ୍ପ ପାଇଁ ନେଇ ଧନୀ ହେବାର ସ୍ୱପ୍ନ ସାର୍ଥକ ଋଣ ଶୋଧ ନକଲେ ପରେ ପରେ କଣ୍ଡିସନର ଲିଖିତ ଧାରା କଣ୍ଟକ ହୋଇ ଖବର କାଗଜରେ ନିଲାମ ନୋଟିସ ଛପାଯାଇ ସର୍ବଜନ ଜାଣରେ ଲଜ୍ଜିତ କରାଉଛି ଏହା ବି କଣ୍ଟକ।

ପ୍ରେମ ବିବାହ, ରେଜେଷ୍ଟ୍ରୀ ବିବାହ ଏବେ ଅନେକ ଏଥିରେ ଖିଲାପରେ କୋର୍ଟକୁ ଧାଇଁବାକୁ ପଡୁଛି। ମାମଲା ମିଥ୍ୟ ଅଭିଯୋଗ ଲମ୍ବା ଲମ୍ବା। ଏହା ବରକନ୍ୟା ବା ସ୍ୱାମୀ-ସ୍ତ୍ରୀ ଯୋଡ଼ିଙ୍କ ପାଇଁ କେମିତି କଷ୍ଟା ସାଜୁଛନ୍ତି ସେମାନଙ୍କର ଯୌବନ ବିଫଳ ଯାଉଛି ମର୍ମେ ମର୍ମେ ଅନୁଭବ କରୁଥିବେ। ଅନେକ ଘରଭଡ଼ା ଦେଇ ଘର ପାଇଁ ଭଡ଼ା ନେଉଥିବା ବ୍ୟକ୍ତି ସହିତ କଷ୍ଟ ଚୁକ୍ତି କରନ୍ତି। ମାତ୍ର କଷ୍ଟ ପୁରିବା ସମୟକୁ କିଛି ବ୍ୟତିକ୍ରମ ଘରଭଡ଼ା ନେଇଥିବା ବ୍ୟକ୍ତି ଉପରେ ଅସନ୍ତୋଷରୁ ଆସେ ବା ଘରଭଡ଼ା ନେଉଥିବା ଲୋକ କଷ୍ଟ ପରେ ଘରଛାଡ଼ିବା ପାଇଁ ଆଳ ଦେଖାନ୍ତି, ବଳପୂର୍ବା ହୁଅନ୍ତି। ଏଥିରେ କଷ୍ଟା ଦେଖାଯାଉଛି। ଜମି ବିକ୍ରି ଖର୍ଦ୍ଦ ଏବେ ବିଶେଷ କୌଶଳୀଙ୍କ ଦ୍ୱାରା କରାଯାଉଛି। କ୍ରେତା ପ୍ରକୃତ କ୍ରେତାକୁ ଚିହ୍ନେ ନାହିଁ କି ଦେଖାନାହିଁ। ସେ କେତେକର ସମନରେ ଜମି କିଣିଲା ଏ ଜଣାନାହିଁ। ତୃତୀୟ ପକ୍ଷକୁ ମଧ୍ୟସ୍ଥି କରି ଏ ଧନ୍ଦା ଚାଲୁଛି ଯାହା ସେମାନଙ୍କର ଶୁଖିଲାରେ ପୁଅ ଖେଳାଇବା ଧନ୍ଦା। ଏଥିରେ ଜମି ବିକ୍ରୀ ପାଇଁ ଯୋଗାଯୋଗ ଅଧିକାର ଚୁକ୍ତି ଓ ଜମି କଣିବାକୁ ଅଗ୍ରୀମ ଦେଇ ପରେ ସବୁଟଙ୍କା ଦେଇ ଜମି ପ୍ରାପ୍ତି, ଅଧିକାର ଚୁକ୍ତି ଏବେ ବହୁକ୍ଷେତ୍ରରେ କଷ୍ଟା ସାଜୁଛି। କମ୍ପ୍ୟୁଟର ବହୁଳ ବ୍ୟବହାର ଯୁଗରେ ସରକାରୀ ଅନୁମୋଦିତ ପଟ୍ଟାଦାର ସରକାରୀ ଟ୍ୟାକ୍ସ ଖଜଣା ଜଳକର ବିଦ୍ୟୁତ ବିଲ ଆଦାୟ କରୁଛନ୍ତି, ରେଳ ଟିକେଟ ବିକ୍ରୟ କରୁଛନ୍ତି। ଏଥିରେ କିଛି ତ୍ରୁଟି ଯଦି ରହିଯିବ ତାର ହଇରାଣ ଟିକସ ଦାତା ଓ ରେଳ ଟିକେଟ, ଉଡାଜାହାଜ ଟିକେଟ ଧାରୀ ହିଁ ଭୋଗୁଛନ୍ତି ଏହା ହିଁ କଣ୍ଟକ। ସମୟ ଠିକ ସଂସ୍ଥା ଦ୍ୱାରା ଯୋଗ୍ୟ ସ୍ଥାନକୁ କିଣନ୍ତୁ ବା ସରକାରୀ ସଂସ୍ଥାରେ ପଇଠ କରନ୍ତୁ ରେଳ ଷ୍ଟେସନରୁ ଏରୋଡ୍ରମରୁ କିଣନ୍ତୁ ନହେଲେ କଷ୍ଟ ବଦଳରେ କଣ୍ଟକ ଆସିବ। ରାଜନୈତିକ ନେତା ଭୋଟ ବେଳେ ଇସ୍ତାହାର ଛାପି ବାଣ୍ଟନ୍ତି। ସେମାନେ ଶାସନ ଆସିଲେ କଣ କଣ କରିବେ ମାତ୍ର ଖଜଣା ଭଣ୍ଡାର ରାଜ୍ୟ ଅନ୍ୟ ଆୟ ଶାସନ ଅଧିକାର ବେଳେ ହାତକୁ ଆସିଲେ ଇସ୍ତାହାରର କଥା ଏକବାରେ ଓଲଟପାଲଟ ହୁଏ। ଏଇ ଇସ୍ତାହାର ହିଁ କଷ୍ଟ, ପର ନିର୍ବାଚନକୁ ତାହା କଣ୍ଟକ ହୋଇପାରେ।

ପୂର୍ବେ ଆମର କିଛି ପାଟକ ପରମ୍ପରା କନ୍ୟା ଘରୁ ବରଘର ବିବାହ ପର ସମୟରେ କନ୍ୟାକୁ ପୁଆଣି ଦ୍ୱିପୁଆଣି କରି ନେବା ପାଇଁ କଷ୍ଟ ପଠାଉଥିଲେ। ଏଥିରେ ଭାର ବ୍ୟବସ୍ଥା ଥିଲା। ଏମିତି ବରକନ୍ୟାକୁ ବାପ ଘରକୁ ନେବାକୁ କଷ୍ଟ ବ୍ୟବସ୍ଥା ବି ଥିଲା। ଏବେ ପୁଆଣି ଘର ପ୍ରାୟ ବିଲୁପ୍ତ। ଦ୍ୱିରାଗମନ କାର୍ଯ୍ୟ ଅଛି ମାତ୍ର ତାହା ମନମୁଖି। କଷ୍ଟ ମଧ୍ୟରେ କନ୍ୟାର ବରଘର ପ୍ରେରଣ ନହେଲେ ସଭା ବସୁଥିଲା। ଏ ସମୟ ବିବାହ ପରେ କନ୍ୟା ବାପଘରେ ରହି ଶାଶୁଘରୁ ନଗଲେ ଓକିଲ ଚିଠି ହେଉଛି ଯାହା କାହିଁକି ଛାଡ଼ପତ୍ର ନହେବ? ଏହା ବି କଣ୍ଟକ?

**'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,**
**କଟକ, ଦୂରଭାଷ : ୯୪୩୭୦୩୧୨୫୩**

# ଜୀବନର ସଂଜ୍ଞା

ଥରେ ଜଣେ ମାଲିକଙ୍କ ଘରେ ଗୁଡ଼ିଏ ଘୋଡ଼ା ଥିଲେ। ମାଲିକଙ୍କର ଘରେ ବିଭିନ୍ନ ପ୍ରକୋଷ୍ଠରେ ଘଣ୍ଟାମାନ ସୁସଜ୍ଜିତ ହୋଇ ରହିଥିଲା। ଦିନେ ଘୋଡ଼ା ଘର ଭିତରେ ଘଣ୍ଟାକୁ ଦେଖି ଘଣ୍ଟାକୁ କହିଲା ତୋର ଜୀବନ ନାହିଁ ଚେତନ ଶକ୍ତିର ବ୍ୟବହାର କରି ବଞ୍ଚିବା ଆବଶ୍ୟକ। ନଚେତ ପରେ ଲାଗିବ ଆମେ ଜୀବନରେ କିଛି ମୂଲ୍ୟବାନ ହରାଇ ଦେଇଛେ। ଜୀବନ ତୋ ଭଳିଆ ଯନ୍ତ୍ରବତ ହେବା ଉଚିତ ନୁହେଁ। ମଣିଷର ଜୀବନ ଦୌଡୁଥିବା ଏକ ରାସ୍ତା ପରି। ଜୀବନ ଏକ ଚିରାଚରିତ ପ୍ରଥା ନୁହେଁ, ଜୀବନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ।

ଘୋଡ଼ା ଓ ଘଣ୍ଟାର ଏପରି କଥୋପକଥନକୁ ବୁଝି ପାରୁଥିବା ଜଣେ ସାଧୁ ଆସିଲେ। ସେମାନଙ୍କ କଥା ଶୁଣି କହିଲେ ଜୀବନକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା – ସାମାଜିକ ଓ ଆଧ୍ୟାତ୍ମିକ। ଜନ୍ମ ମୃତ୍ୟୁର ମଧ୍ୟଭାଗକୁ ଜୀବନ କୁହାଯାଏ। ଆଧ୍ୟାତ୍ମିକ ଜଗତରେ ଜନ୍ମ ଓ ମୃତ୍ୟୁ କିଛି ନାହିଁ। ଘୋଡ଼ା କହିଲା ଜୀବନ ଯାହା ନିରନ୍ତର ଚାଲିଥାଏ ଶରୀରର ଉତ୍ପତ୍ତିକୁ ଜନ୍ମ ଓ ବିଲୟକୁ ମୃତ୍ୟୁ କୁହାଯାଏ। ପ୍ରାଣ ଚିରନ୍ତନ, ଶାଶ୍ୱତ ଓ ଲକ୍ଷ୍ୟ ସ୍ଥଳକୁ ଏକ ଯାତ୍ରା ହେଲେ ଏ ଘଣ୍ଟାଟା ପ୍ରାଣ ନୁହେଁ କେବଳ ମୁନୀବଙ୍କ ଘରେ ଶୋଭା ପାଉଛି ବୋଲି ତାର କେତେ ବହତା। ସାଧୁ କହିଲେ କାହାରିକୁ କୁସରଟନା କରନାହିଁ। ତୁମେ ମାନବର ଜୀବନକୁ ଦେଖ। ଅନେକଙ୍କର ରାଜନୈତିକ ଲକ୍ଷ୍ୟ ଥାଏ। ସେମାନେ ଉଚ୍ଚପଦବୀ ଚାହାଁନ୍ତି। ଅନେକଙ୍କର ଅର୍ଥନୈତିକ ଲକ୍ଷ୍ୟଥାଏ ଯଥା – ଧନବାନ ହେବା, ଲକ୍ଷ ପତି ହେବା, କୋଟିପତି ହେବା। ଅନେକଙ୍କର ବିଦ୍ୟାଅର୍ଜନ କରିବାର ଲକ୍ଷ୍ୟ ଥାଏ ଯଥା ଡିଗ୍ରୀ ହାସଲ କରିବା ଓ ଜ୍ଞାନ ଆହରଣ

**ଅନୀତା ପଟ୍ଟନାୟକ**
**ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬**

କରିବା ଇତ୍ୟାଦି। ସମସ୍ତଙ୍କର ଏକ ଲକ୍ଷ୍ୟ ଅଛି ଓ ସମସ୍ତେ ସେହି ପଥର ଯାତ୍ରୀ। କିଏ କିଏ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି କେହି କେହି ଅଧାରାସ୍ତାରେ ଦିଗହରା ହୁଅନ୍ତି ଓ କେହି କେହି ଲକ୍ଷ୍ୟ ପରିତ୍ୟାଗ କରନ୍ତି। କାଳର କରାଳରେ କେହି କେହି ଲକ୍ଷ୍ୟ ବିଚ୍ୟୁତ ମଧ୍ୟ ହୁଅନ୍ତି। ସେ ଯାହା ହେଉନା କାହିଁକି ଜୀବନ ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରୁଥିବା ଏକ ଯାତ୍ରା। ଘଣ୍ଟା କାଳର ପ୍ରତୀକ। ତେଣୁ ସେ ମୂଲ୍ୟବାନ ଘୋଡ଼ା କହିଲା ମହାନୁଭବ ମୋ ମତରେ ଜୀବନ ଏକ ଅନୁସନ୍ଧାନ ତେଣୁ ଖୋଜ ରଖିବାକୁ ପଡ଼ିବ ବାହାର କରିବାକୁ ପଡ଼ିବ। ଉଦ୍ୟମ ଜାରି ରଖିବାକୁ ପଡ଼ିବ। ଜଣେ ଚେଷ୍ଟିତ ହେବା ଆବଶ୍ୟକ ଓ ନିଜକୁ ପଚାରି ବୁଝିବା ଦରକାର ସେ ଜୀବନରେ ଚାହେଁ କଣ? ପ୍ରତ୍ୟେକଙ୍କର ଚାହିଦାରେ ଫରକ ଥାଏ। ଆମର ଚାହିଦା ଇଚ୍ଛା ଓ ଶକ୍ତି ମୁତାବକ ଆମେ ଜୀବନରେ ଯାହା ଚାହୁଁଛୁ ତାହା କରିବା ଦରକାର। ଘଣ୍ଟାର ଏସବୁ କିଛି ନାହିଁ।

ସାଧୁ କହିଲେ ଜୀବନ ଏକ ଯୁଦ୍ଧକ୍ଷେତ୍ର। ଯେ ଉତ୍ତମ ସେ ବଞ୍ଚେ। ବଞ୍ଚିବା ପାଇଁ ସଂଘର୍ଷ ଆବଶ୍ୟକ। ଏ ଜଗତରେ ସବଳ ବଞ୍ଚେ ଓ ଦୁର୍ବଳ ପ୍ରାଣ ହରାଏ। ଏହା ଜୀବନର ରୀତି। ସବୁ ମଞ୍ଜି ବଞ୍ଚି ପାରନ୍ତି ନାହିଁ ବା ଦ୍ରୁମରେ ପରିଣତ ହୋଇପାରନ୍ତି ନାହିଁ। ଜନ ବିସ୍ଫୋରଣ ହୋଇଥିବା ସମାଜରେ ଗୋଟିଏ ପଦବୀ ପାଇଁ ଅନେକ ପ୍ରାର୍ଥୀ ଓ ପ୍ରତିଯୋଗିତା ଅଧିକ। ଜୀବନ ଏକ ପ୍ରତିଯୋଗିତା, ସଂଘର୍ଷ ସର୍ବଶ୍ରେଷ୍ଠ ଉତ୍ତମ ହିଁ ବିଜୟୀ ହୁଏ। ବିଦେଶରେ ଦୁର୍ବଳର ସ୍ଥାନ ନାହିଁ ଯୋଗ୍ୟ ବ୍ୟକ୍ତି ଓ ତୁମପରି ଘୋଡ଼ା ଜୀବନରେ ସଂଘର୍ଷ କରି ପ୍ରତିଷ୍ଠିତ ହୁଅନ୍ତି। ଘଣ୍ଟା କହିଲା ହେ ମହାନୁଭବ! ଘୋଡ଼ାକୁ ବୁଝାନ୍ତୁ ଜୀବନ ଘଣ୍ଟାର ପେଣ୍ଡୁଲମ ସଦୃଶ। ଏହା ଏକ ଦିଗରୁ ଅନ୍ୟ ଦିଗକୁ ଝୁଲୁଥାଏ। ପେଣ୍ଡୁଲମ ଝୁଲୁ ନାହିଁ ଘଣ୍ଟା ଖରାପ ଆନନ୍ଦ ଓ ନିରାନନ୍ଦ ମଧ୍ୟରେ ଜୀବନ ଝୁଲୁଥାଏ ତେଣୁ ଦୁଇଟି ଦୁଃଖର ମଧ୍ୟ ସ୍ଥଳକୁ ଆନନ୍ଦ ବା ସୁଖ କୁହାଯାଏ। ଜୀବନରେ ଅନେକ କିଛି ଗ୍ରହଣ କରୁ ଓ ଅନେକ କିଛି ତ୍ୟାଗ କରୁ। ଯାହା ଜୀବନରେ ଆସିଲା ତାହାକୁ ଗ୍ରହଣ କରିପାରିବା ନାହିଁ। ଆମର ଚାହିଦା ଓ ଇଚ୍ଛା ଶକ୍ତି ପ୍ରୟୋଗ କରି ଆମେ ଯାହା ଚାହୁଁଛେ ତାକୁ ଗ୍ରହଣ କରିବା ଉଚିତ।

ଘୋଡ଼ାଟି ଏସବୁ ଶୁଣି ଆଲୋଚନାକୁ ଆଗେଇ ନେଇ କହିଲା ମୁଁ ଦେଖୁଛି ମଣିଷର ଜୀବନ ଉପର ତଳରେ ଭରପୁର। ଜୀବନ ସ୍ଥିର ନୁହେଁ। ପାହାଡ଼ ପରିବେଷ୍ଟନୀ ମଧ୍ୟରେ ଉପତ୍ୟକା ଥାଏ ଏହା ସମତଳ ଭୂମି। କିନ୍ତୁ ପାହାଡ଼ର ଶରୀର ଉପରତଳ ଉଚ୍ଚାନିଚ୍ଚା। ତେଣୁ ଜୀବନ ସିଧା ଖୁଣ୍ଟି ସଦୃଶ ନୁହେଁ। ଉପର ତଳରେ ସୁନ୍ଦରତା ଥାଏ। ଏହି ସତ୍ୟକୁ ଯେତେ ଶୀଘ୍ର ବୁଝିବା ସେତେ ଭଲ। ଉତ୍ତାପରେ ୧୦୦ ଡିଗ୍ରୀ ଅଛି ୦ଡିଗ୍ରୀ ଅଛି। ଘଣ୍ଟା କହିଲା ଦିନ ଅଛି ରାତି ଅଛି କିନ୍ତୁ ଏହା ମିଶିଲେ ସଂପୂର୍ଣ୍ଣ ଦିନ ହୋଇଥାଏ। ଏହି ସୁନ୍ଦରତାକୁ ଆମେ ବୁଝିବା ଦରକାର। ଦୃଷ୍ଟିଶକ୍ତିର ଯେପରି ଏକ ସୀମା ଅଛି ଜୀବନର ମଧ୍ୟ ସେହିପରି ସୀମା ଅଛି। ଏହାକୁ ବୁଝିବାକୁ ଶୃଙ୍ଖଳାର ଆବଶ୍ୟକତା ଥାଏ। ଦୁଇ ଗୋଡ଼ ଶୃଙ୍ଖଳାର ସହ ଚାଲେ। ଦୁଇ ଆଖି ଶୃଙ୍ଖଳାର ସହ ଦେଖେ। ମଣିଷର ଶରୀର ଶୃଙ୍ଖଳାରେ ଗଲେ ଯେଉଁ ଘୋଡ଼ା ଯୁଦ୍ଧ କ୍ଷେତ୍ରରେ ଦୌଡ଼ିପାରେ ନା, ଯେଉଁ ଭଗବାନ ଆମର ନାୟୋଚିତ ଆଶା ପୂରଣ କରିବାରେ ବିଫଳ ଓ ଯେଉଁ ବନ୍ଧୁ ବାନ୍ଧବ ଦରକାର ବେଳେ କର୍ମରେ ଆସନ୍ତି ନାହିଁ, ସେମାନଙ୍କୁ ତ୍ୟାଗ କରିଦେବା ଉଚିତ। ଗୋଟିଏ ସୁନ୍ଦର ନର୍ତ୍ତକୀ ଧ୍ୟାନ ଆକର୍ଷଣ କରିପାରେ ତାର ଅର୍ଥ ନୁହେଁ ସମସ୍ତେ ତା ଆକର୍ଷଣରେ ନାଚିବେ। ଭଗବାନଙ୍କ ନିର୍ଦ୍ଦେଶରେ ଓ ତାଙ୍କ ନିର୍ଦ୍ଦେଶିତ ପଥରେ ନାଚିବା ଭଲ। ମନର ନିର୍ଦ୍ଦେଶରେ ନୁହେଁ।

ସାଧୁ କହିଲେ ଜୀବନ ଅନୁକରଣ ପ୍ରୀୟ ହେଲେ ମଧ୍ୟ ନିଜର ପନ୍ଥା ନିଜକୁ ବାଛିବାକୁ ହେବ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ଯେକୌଣସି ମୁହୂର୍ତ୍ତରେ ଛୋଟ ହୋଇପାରେ। ଜୀବନ ଏକ ଫୁଲପରି; ଦୋଳିରେ ଖେଳୁଥାଏ। ଛୋଟ ଶିଶୁର ହସ ପରି ଓ ଗ୍ରୀଷ୍ମର ଅଣ୍ଡାମଳୟପରି। କିନ୍ତୁ ଦୁଃଖର ବିଷୟ ମନୁଷ୍ୟ ଟଙ୍କାକୁ ଖୁବ ସୁନ୍ଦର ଭାବି ପ୍ରେମ କରୁଛି। ଧନବାନ ଲୋକ ଅସୁରକ୍ଷିତ ଓ ଶଂସୟୀ ହୋଇଥାଏ। ଫୁଲର ସୁଗନ୍ଧ ଅଛି କିନ୍ତୁ ସେ ମଉଳି ଯାଏ, ଝଡ଼ିପଡ଼େ ଠିକ ମନୁଷ୍ୟର ଜୀବନ ପରି।

ହେ ଅଶ୍ୱ ଓ ଘଣ୍ଟା! ସଚେତନର ସହ ବଞ୍ଚିବାକୁ ଜୀବନ କୁହାଯାଏ। ଯେଉଁଠାରୁ ଆସିଛି ସେଠାକୁ ଫେରି ଯିବାକୁ ଜୀବନ କୁହାଯାଏ। ତେଣୁ ମଣିଷର ଆରମ୍ଭ ଓ ଶେଷ ସମାନ। ଶେଷ ଅର୍ଥ ଭଗବାନଙ୍କ ନିକଟକୁ ଫେରିବା। ଆମେ ପୃଥିବୀରେ ରହିବା ପୃଥିବୀ ଆମ ଭିତରେ ନୁହେଁ। ଡଙ୍ଗା ପାଣିରେ ଭାସେ। ପାଣିକୁ ଡଙ୍ଗା ଭିତରେ ପଶିବାକୁ ଦିଏ ନାହିଁ। ମା ପିଲାକୁ ଦୋଳିରେ ଛାଡ଼ି ସମସ୍ତ କାର୍ଯ୍ୟ କରେ। ଅଳସୁଆ ଓ ବିକ୍ଷିପ୍ତ ଚିନ୍ତାଧାରାର ମାନବ ଭଗବାନଙ୍କୁ ପାଇପାରେ ନାହିଁ। ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ କର୍ମ କରିବାକୁ ଜୀବନ କୁହାଯାଏ।

# ବାଲ୍ୟ ବିବାହ, ବାଳ ଶ୍ରମିକ ଓ ଚାଲାଣ ରୋକିବା ନିମନ୍ତେ ଜିଲାସ୍ତରୀୟ ସଚେତନତା ବୈଠକ



ଢେଙ୍କାନାଳ, ୩୦।୪(ଶ୍ରୁ.ମି.) : ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ବାଲ୍ୟ ବିବାହ, ବାଳ ଶ୍ରମିକଙ୍କୁ କାର୍ଯ୍ୟରୁ ନିବୃତ୍ତ କରିବା ଓ ଯୁବତୀ ଚାଲାଣ ଚାଲାଣ ରୋକିବା ଉଦ୍ଦେଶ୍ୟରେ ଏକ ସଚେତନତା ବୈଠକ ଅନୁଷ୍ଠିତ ହୋଇଯାଇଛି। କିଶୋର କିଶୋରୀମାନଙ୍କୁ ସ୍ୱାବଲମ୍ବୀ କରାଇ ସେମାନଙ୍କର ସାମଗ୍ରିକ ବିକାଶ ଦିଗରେ ଯତ୍ନବାନ ହେବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଗରିବ ଓ ଅସହାୟ କିଶୋର କିଶୋରୀ ମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଆଇଟିଆଇ, ପଲିଟେକ୍ନିକ୍ ଏବଂ ସ୍କିଲ ସେଂଟରରେ ମାଗଣାରେ ପାଠ ପଢା ଓ ପ୍ରଶିକ୍ଷଣ ନିମନ୍ତେ ବ୍ୟବସ୍ଥା କରିବାକୁ ସେ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ। ବିବାହ ନିମନ୍ତେ ଯୋଗ୍ୟ ଅନାଥ ଯୁବକ, ଯୁବତୀଙ୍କୁ ଚିହ୍ନଟ କରି ସେମାନଙ୍କର ବିବାହ ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ସେ କହିଥିଲେ। ଏଥି ନିମନ୍ତେ ପ୍ରଶାସନ ପକ୍ଷରୁ ସେମାନଙ୍କ ବିବାହ ଖର୍ଚ୍ଚ ନିମନ୍ତେ ୫୦ ହଜାର ଟଙ୍କା ଆର୍ଥିକ ଅନୁଦାନ ମିଳିବ ବୋଲି ସେ ପ୍ରକାଶ କରିଥିଲେ। ବାଲ୍ୟ ବିବାହ ଓ ବାଳ ଶ୍ରମିକ ନିୟୋଜନକୁ ବନ୍ଦ କରିବା ଓ ଯୁବତୀ ଚାଲାଣ ରୋକିବା ନିମନ୍ତେ ଅଧିକ ଜନସଚେତନତା ସୃଷ୍ଟି ଦିଗରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି। ଆରକ୍ଷୀ ଅଧିକ୍ଷକ ଜ୍ଞାନରଞ୍ଜନ ମହାପାତ୍ର ବୈଠକରେ ଯୋଗଦେଇ କିଶୋର କିଶୋରୀ ମାନେ ନିଜେ ସଚେତନ ହେବା ସହିତ ସାଙ୍ଗ ସାଥୀମାନଙ୍କୁ ମଧ୍ୟ ଏ ସମ୍ପର୍କରେ ସଚେତନ କରାଇବାକୁ ପରାମର୍ଶ ଦେଇଛନ୍ତି। ପ୍ରଚାର-ପ୍ରସାର, ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଏବଂ ବ୍ୟକ୍ତିଗତ ଉଦ୍ୟମରେ ବାଲ୍ୟ ବିବାହ ଓ ବାଳ ଶ୍ରମିକ ନିୟୋଜନକୁ ବନ୍ଦ କରିବା ଓ ଯୁବତୀ ଚାଲାଣ ରୋକିବା ନିମନ୍ତେ ପ୍ରୟାସ କରାଗଲେ ଏହା ସଫଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ବୈଠକରେ ୟୁନିସେଫର ଜିଲା ସଂଯୋଜିକା ଅଙ୍କିତ ମିଶ୍ର ବାଲ୍ୟ ବିବାହ ରୋକାଯିବା ନିମନ୍ତେ ଜିଲାରେ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ଜିଲାରେ ବିଗତ ୪ ବର୍ଷ ମଧ୍ୟରେ ୧୪୩ ଗୋଟି ବାଲ୍ୟ ବିବାହ ରୋକାଯାଇପାରିଛି, ବିଭିନ୍ନ କାର୍ଯ୍ୟକ୍ରମ ଏବଂ ସଚେତନତା ସୃଷ୍ଟି କରାଯାଇ ଜିଲାକୁ ବାଲ୍ୟବିବାହ ମୁକ୍ତ କରାଯିବାକୁ ଉଦ୍ୟମ ଜାରି ରହିଛି ବୋଲି ପ୍ରକାଶ କରିଛନ୍ତି। ବୈଠକରେ ବାଳ ଶ୍ରମିକ ନିୟୋଜନକୁ କିପରି ପ୍ରତିହତ କରାଯାଇ ସେମାନଙ୍କର ପାଠପଢା ବ୍ୟବସ୍ଥା, ଯୁବତୀ ଚାଲାଣକୁ ରୋକି ସେମାନଙ୍କର ଥଇଥାନ, ଅନାଥ ଓ ଗରିବ ପିଲାଙ୍କ ବିବାହ ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। କିଶୋର କିଶୋରୀମାନେ ସହରାଂଚଳ ଓ ଗ୍ରାମାଂଚଳରେ, ସାଙ୍ଗସାଥୀ, ସମ୍ପର୍କୀୟମାନଙ୍କୁ କିପରି ବାଲ୍ୟ ବିବାହ ରୋକିବାରେ ସଚେତନ କରାଉଛନ୍ତି ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ବୈଠକରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର (ରାଜସ୍ୱ), ଚାଇଲ୍ଡ ୱେଲଫେୟାର କମିଟିର ଚେୟାରମ୍ୟାନ୍ ପୁଷ୍ପକ ତ୍ରିପାଠୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୂର୍ଣ୍ଣମାସୀ ସାହୁ, ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଜିଲାର ସମସ୍ତ ବିଡିଓ, ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟର କିଶୋର କିଶୋରୀ ମାନେ ଯୋଗଦେଇଥିଲେ।

# କୁରୁମଟାଙ୍ଗର ଗ୍ରାମରେ ଦନ୍ତାହାତୀ କଚାଡ଼ି ମାରିଲା

## ହାତ ଟେକିଦେଲେ ବନବିଭାଗ କର୍ମଚାରୀ



ଢେଙ୍କାନାଳ, ୩୦।୪(ଶ୍ରୁ.ମି.) : ରାଜ୍ୟ ସରକାର ହାତୀ ସୁରକ୍ଷା ଏବଂ ଜଙ୍ଗଲ ସୁରକ୍ଷା ପାଇଁ ପ୍ରଚୁର ପରିମାଣର ଅର୍ଥ ଖର୍ଚ୍ଚ କରୁଥିବାବେଳେ ବନବିଭାଗ କର୍ମଚାରୀଙ୍କ ହେୟଜ୍ଞାନ ଏବଂ ଅଣଦେଖାକୁ ନେଇ ହାତୀ ଓ ମଣିଷ ମଧ୍ୟରେ କେତେବେଳେ ଯେ, କ'ଣ ଘଟଣା ଘଟୁଛି ତାହା ଆକଳନ କରିହେଉନାହିଁ। ହାତୀ ଜଙ୍ଗଲ ଛାଡି ଜନବସତି ଭିତରେ ପଶି ବ୍ୟାପକ କ୍ଷୟକ୍ଷତି କରିବା ସହିତ ଜୀବନହାନୀ ମଧ୍ୟ ଘଟାଉଛି। ଯାହାକି ପରବର୍ତ୍ତୀ ସମୟରେ ବନବିଭାଗ କର୍ମଚାରୀମାନେ କାଳି ଘଟଣାସ୍ଥଳରେ ପହଁଚିଲା ବେଳକୁ ସବୁ ଶେଷ ହୋଇଯାଉଛି। ଏପରି ଏକ ଦୁଃଖଦ ନିଦର୍ଶନ ଆଜି ଭୋର ସମୟରେ ଘଟିଯାଇ ଜଣେ ବ୍ୟକ୍ତିର ପ୍ରାଣହାନୀ ହୋଇଥିବା ଜଣାପଡିଛି। ପ୍ରକାଶ ଯେ, ସଦର ରେଞ୍ଜର କୁରୁମଟାଙ୍ଗର ଗ୍ରାମର ଶ୍ରୀକାନ୍ତ ପରିଡା (୪୯) ସବୁଦିନ ପରି ଆଜି ଭୋର ସମୟରେ ଗ୍ରାମନିକଟସ୍ଥ ପୋଖରୀ ହୁଡାରେ ଏହି ହାତୀ ପାଇଁ ଧାନଗଛି ବସିଥିବାବେଳେ ଗୋଟିଏ ଦନ୍ତା ହାତୀ ତାଙ୍କୁ ଗୋଡାଇ ଶୁଣ୍ଢରେ ଧରି କଚାଡି ମାରିଦେଇଥିଲା। ସକାଳେ ଗ୍ରାମବାସୀମାନେ ପୋଖରୀକୁ ଗାଧୋଇବାକୁ ଗଲାବେଳେ ଏହି ଘଟଣାକୁ ଦେଖି ବନବିଭାଗକୁ ଜଣାଇଥିଲେ। ପ୍ରକାଶଥାଉକି, ସଂପୃକ୍ତ ଅଂଚଳରେ ଜଙ୍ଗଲି ହାତୀମାନେ ଅନାୟାସରେ ଗାଁ ଭିତରେ ପ୍ରବେଶ କରି ରବି ଫସଲରୁ ଆରମ୍ଭ କରି ଧାନ ଫସଲ ଇତ୍ୟାଦି ନଷ୍ଟ କରିବା ସହିତ ବାଡିରେ ଅନ୍ୟାନ୍ୟ ଗଛଗୁଡିକୁ ମଧ ଭାଙ୍ଗିରୁଜି ଦେଉଛନ୍ତି । ଏ ସଂପର୍କରେ ଗ୍ରାମବାସୀମାନେ ବାରଂବାର ବନବିଭାଗକୁ ଜଣାଇଥିଲେ ମଧ୍ୟ ବନବିଭାଗ ପକ୍ଷରୁ ହାତୀ ଘଉଡାଇବା ଦୂରେ ଥାଉ ବରଂ ଉପରକୁ ହାତ ଟେକିଦେଉଛନ୍ତି। ପୂର୍ବରୁ କୁରୁମଟାଙ୍ଗର ଗ୍ରାମକୁ ବାରମ୍ବାର ହାତୀ ପ୍ରବେଶ କରି ବ୍ୟାପକ କ୍ଷୟକ୍ଷତି କରିଥିଲେ ମଧ୍ୟ ବନବିଭାଗ ପକ୍ଷରୁ ଏଥିପାଇଁ ପ୍ରତିକାର କରାଯାଉନାହିଁ। ଆଜିର ଏହି ଘଟଣା ପରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯିବା ସହିତ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ହାତୀ ଚଳପ୍ରଚଳ ପାଇଁ ବନବିଭାଗ ପକ୍ଷରୁ ପ୍ରଯ୍ୟାପ୍ତ ପରିମାଣରେ ଆଲୋକ ବ୍ୟବସ୍ଥା କରାଯାଇ ତେବେ ଆଗାମୀ ଦିନରେ କୌଣସି କ୍ଷୟକ୍ଷତି ପାଇଁ ବନବିଭାଗ ସଂପୂର୍ଣ୍ଣ ଦାୟୀ ହେବା ସହିତ ଗ୍ରାମବାସୀମାନେ ଜାତୀୟ ରାଜପଥ ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ



ଢେଙ୍କାନାଳ, ୩୦।୪(ଶ୍ରୁ.ମି.) : ସ୍ଥାନୀୟ ଶେୟାର ସଭାଗୃହଠାରେ ଜିଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ୨୦୨୩ ପାଳିତ ହୋଇଯାଇଛି। ଏହି ଉତ୍ସବରେ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡ. ଡମ୍ବରୁଧର ସାମଲ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ରୂପେ ଢେଙ୍କାନାଳ ଜିଲାପାଳ ସରୋଜ କୁମାର ସେଠି ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଜିଲା କୃଷି ଅଧିକାରୀ ଶରତ କୁମାର ତୋଷ, ଉଦ୍ୟାନ କୃଷି ଉପନିର୍ଦ୍ଦେଶିକା ଗୀତାଶ୍ରୀ ପାଢୀ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ସଚିଦାନନ୍ଦ ସ୍ୱାଇଁ, କୃଷି ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲାର ସମସ୍ତ ବ୍ଲକର ପ୍ରାଣୀ ପାଳକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଅଗ୍ରଣୀ ଚାଷୀ, ଉଦ୍ୟୋଗୀ ତଥା ଜିଲାରେ କାର୍ଯ୍ୟ କରୁଥିବା ସମସ୍ତ ଗୋଷ୍ଠୀ ପ୍ରାଣୀ ଚିକିତ୍ସକ, ସହକାରୀ ପ୍ରାଣୀ ଚିକିତ୍ସକ ତଥା ଜିଲାସ୍ତରୀୟ ପ୍ରାଣୀ ଚିକିତ୍ସାଧିକାରୀ, ସମସ୍ତ ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ବୃନ୍ଦ ଯୋଗଦେଇ ଜନ ସାଧାରଣଙ୍କ ମଧ୍ୟରେ ପ୍ରାଣୀ ସ୍ୱାସ୍ଥ୍ୟ, ପ୍ରାଣୀ କଲ୍ୟାଣ ଓ ପ୍ରାଣୀ ପାଳନ ବିଷୟରେ ସଚେତନ କରିଥିଲେ। ଏହା ପୂର୍ବରୁ ସକାଳ ୭ ଟା ସମୟରେ ସ୍କୁଲ ଛାତ୍ରଛାତ୍ରୀ, ଚାଷୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ମାନଙ୍କୁ ନେଇ ଏକ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପ୍ରାଣୀ ପାଳକଙ୍କ ଭିତରେ ରୂପାନ୍ତରିତ, ନିରପେକ୍ଷ ଓ ବିସ୍ତୃତ ପ୍ରାଣୀ ଚିକିତ୍ସା ସେବା ବିଷୟରେ ସେମିନାର ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ପ୍ରାଣୀ ପାଳକ ମାନେ ଅଂଶଗ୍ରହଣ କରି ନିଜର ମତାମତ ଉପସ୍ଥାପନ କରିଥିଲେ। ଶେଷରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ତୁଶାର ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଉପଲକ୍ଷେ ପୂର୍ବତନ ସଦର ବ୍ଲକ ଅନ୍ତର୍ଗତ କାଙ୍କଡପାଳ ଗ୍ରାମରେ ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ସହର ଉପକଣ୍ଠରେ ଅବସ୍ଥିତ ରାଧାଗୋବିନ୍ଦପୁର ଗୋଶାଳା କଣ୍ଟେଇକୋଳିଆ ଠାରେ ଥିବା ୧୬୦ ଟି ଗାଈଗୋରୁଙ୍କୁ ଫଳ, ପନିପରିବା ଓ ଔଷଧ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଶ୍ରୀକାନ୍ତ କୁମାର ପରିଡା ଓ ଡ. ବିଙ୍କା ବୈଜନ୍ତିକା ପରିଚାଳନା କରିଥିଲେ।

# କନିକାରେ ବନକର୍ମଚାରୀଙ୍କ ସରକାରୀ ବାସଗୃହ ଲୋକାର୍ପିତ

ରାଜନଗର, ୩୦।୪(ଶ୍ରୁ.ମି.) : ରାଜନଗର ବ୍ଲକ କନିକା ରେ ପରିସରରେ ବନକର୍ମଚାରୀଙ୍କ ପାଇଁ ନିର୍ମାଣ ହୋଇଥିବା ସରକାରୀ ବାସଗୃହ ଲୋକାର୍ପିତ ହୋଇଯାଇଛି। କନିକା ରେ ଅଫିସର ମାନସ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବନଖଣ୍ଡ ଅଧିକାରୀ ସୁଦର୍ଶନ ଗୋପୀନାଥ ଯାଦବ ଓ ସହକାରୀ ବନସଂରକ୍ଷକ ପୁନମହୀରା ହାଂସଦା ଯୋଗଦେଇ ଦୁଇଟି ଫରେଷ୍ଟର ଓ ତିନୋଟି ଫରେଷ୍ଟ ଗାର୍ଡଙ୍କ ପାଇଁ ନିର୍ମାଣ କରାଯାଇଥିବା ସରକାରୀ ବାସଗୃହକୁ ଲୋକାର୍ପଣ କରିଥିଲେ। ମୁଖ୍ୟତଃ ଏଥିରେ ଖୋଲା ଓ ତାଳଚୁଆ ଫରେଷ୍ଟରଙ୍କର ସରକାରୀ ବାସଭବନ ଥିବା ବେଳେ ମହିଷାମଡା, କୃଷ୍ଣନଗର, ଥାନପତି ଫରେଷ୍ଟଗାର୍ଡଙ୍କ ସରକାରୀ ବାସଭବନ ରହିଛି। ଏହି ସମୟରେ ସମସ୍ତ ବନକର୍ମଚାରୀମାନେ ଉପସ୍ଥିତ ଥିଲେ।

# ମୋଦୀଙ୍କ ମନ୍ କି ବାତ୍ ଅନୁଷ୍ଠିତ



ଢେଙ୍କାନାଳ, ୩୦।୪(ଶ୍ରୁ.ମି.) : ଢେଙ୍କାନାଳ ସହରସ୍ଥିତ ୱାର୍ଡ ନଂ-୧୧, ଲକ୍ଷ୍ମୀବଜାର ଶନିମନ୍ଦିର ପ୍ରାଙ୍ଗଣରେ ୧୧ନଂ ୱାର୍ଡ ତରଫରୁ ଏସ୍‌ସି ମୋର୍ଚ୍ଚା ଜିଲ୍ଲା ସଭାପତି କରୁଣାକର ଦଳେଇଙ୍କ ନେତୃତ୍ୱରେ ମୋଦିଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏଥିରେ ସମାଜସେବୀ ରାମଚନ୍ଦ୍ର ପାତ୍ର, ସନ୍ତୋଷ ମହାଖୁଡ୍, ସନ୍ତୋଷ ବେହେରା, ମିଲନ୍, କନିଷ୍କ, ବାବୁଲିଙ୍କ ସହିତ ୱାର୍ଡର ବାସୀନ୍ଦାମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଛନ୍ତି ।

# ଉତ୍ଫୁନା ପକ୍ଷରୁ ମଧୁ ଜୟନ୍ତୀ ପାଳିତ



ଢେଙ୍କାନାଳ, ୩୦।୪(ଶ୍ରୁ.ମି.) : ସ୍ଥାନୀୟ ରଥଗଡା ସ୍ଥିତ ଉତ୍ଫୁନା କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ଜୟନ୍ତୀ ଉତ୍ଫୁନାର ରାଜ୍ୟ ଅଧ୍ୟକ୍ଷ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ପ୍ରଥମେ ଆଡଭୋକେଟ୍ ମନୋରଞ୍ଜନ ପଟ୍ଟନାୟକ, ଇନେସ୍କୋର ଆଜୀବନ ସଭ୍ୟଭାବେ କବି ବାହାଦୂର ପାଟସାହାଣୀ ପଞ୍ଜିକୃତ ହୋଇଥିବାରୁ ପୂର୍ବତନ ବିଚାରପତି ଭିକାରୀ ଚରଣ ରାଉତ ଓ ସମସ୍ତ ଉପସ୍ଥିତ ଅତିଥିମାନେ ଶ୍ରୀ ପାଟସାହାଣୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ରାଉତ କହିଲେ ବାରିଷ୍ଟର ମଧୁବାବୁ ଓଡ଼ିଶାବାସୀଙ୍କର ଜନମାନସର ସମ୍ରାଟ ଥିଲେ ଏବଂ ମଧୁବାବୁ ଓଡ଼ିଶାର ପ୍ରଥମ ବ୍ୟକ୍ତି ବିଲାତରେ ବାରିଷ୍ଟର ଡିଗ୍ରୀ ହାସଲ କରିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ପ୍ରାକ୍ତନ ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରମୋଦ ନାୟକ କହିଲେ ଯେ, ମଧୁସୁଦନ ଦାଶଙ୍କ ପ୍ରଚେଷ୍ଟାରେ ଓଡ଼ିଶା ଏପ୍ରିଲ ପହିଲାରେ ୧୯୩୬ ମସିହା ଏକ ଭାଷା ଭିତିକ ରାଜ୍ୟରୂପେ ମାନ୍ୟତା ପାଇଥିଲା। ଏଥିରେ ସମସ୍ତ ସମ୍ମାନୀତ ଅତିଥି ମଧୁବାବୁଙ୍କର ବହୁମୂଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ପରିବେଶବିତ ଉପେନ୍ଦ୍ର ରାଉତ, ଇଂ ଡମ୍ବରୁଧର ପଣ୍ଡା, ରବି ନାରାୟଣ ନାୟକ, ଅଧ୍ୟାପକ କ୍ଷୀରୋଦ ଚନ୍ଦ୍ର , ଚନ୍ଦ୍ରମଣୀ ନାୟକ, ଦେବୀ ପ୍ରସାଦ ମିଶ୍ର, ଇଂ ଅବିନାଶ ଦାସ ଓ ଆଡଭୋକେଟ୍ ବର୍ଷା ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ବିଚିତ୍ରାନନ୍ଦ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜନଗର ପୋଲରେ ଅଟୋ-ବାଇକ୍ ଧକ୍କା; ବାଇକ୍ ଚାଳକ ମୃତ

ରାଜନଗର, ୩୦।୪(ଶ୍ରୁ.ମି.) : ରାଜନଗର ବ୍ଲକର ପ୍ରବେଶପଥ ହଂସୁଆ ସେତୁରେ ଅଟୋ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ହୋଇପଡିଥିଲା । ବାଇକ୍ ଚାଳକ ଜଣକ ଅରୁଣ ମଳିକ, ପିତା- ବ୍ରଜସୁନ୍ଦର, ଗ୍ରାମ- ନରସିଂହପୁର, ପୋଷ୍ଟ- ପିକିରଳି, ଥାନା- ପାଟକୁରା ନିଜ ଶଶୁର ଘର ରାଜନଗର ଗ୍ରାମକୁ ଆସିଥିଲେ । ରାଜନଗର ଗ୍ରାମର ବିଜୟ ମଳିକଙ୍କ ଜ୍ୱାଇଁ ରାତି ପ୍ରାୟ ସାଢେ ୮ଟା ସମୟରେ ରାଜନଗରରୁ ନିଜ ଘରକୁ ଫେରୁଥିବା ଅବସ୍ଥାରେ ହଂସୁଆ ସେତୁରେ ଏକ ଡାଲା ଅଟୋ ନଂ- ଓଡି୨୯ବି ୬୧୫୩ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣାସ୍ଥଳରେ ଅରୁଣର ଡାହାଣ ଗୋଡ ଭାଙ୍ଗି ଯିବା ସହିତ ମୁଣ୍ଡ ଫାଟି ଯାଇଥିଲା । ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ । ପ୍ରାଥମିକ ଚିକିତ୍ସା ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। କେନ୍ଦ୍ରାପଡା ନିକଟରେ ତାର ଅବସ୍ଥା ସଂକଟାପନ୍ନ ହେବାରୁ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଅପରପକ୍ଷରେ ଅଟୋ ଚାଳକ ଫେରାର ହୋଇଯାଇଛି। ଏନେଇ ରବିବାର ଦିନ ମୃତ ଅରୁଣର ଶଶୁର ରାଜନଗର ଗ୍ରାମର ବିଜୟ ମଳିକ ରାଜନଗର ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଘଟଣାସ୍ଥଳରୁ ଡାଲା ଅଟୋକୁ ଜବତ କରି ଥାନାକୁ ନେଇଛି । ପୋଲିସ ଏନେଇ ୩୫୬/୨୩ରେ ମାମଲା ରୁଜୁ କରିଛି । ସୂଚନା ଥାଉକି, ପଟ୍ଟାମୁଣ୍ଡାଇ ଅଂଚଳରୁ ପ୍ରତିଦିନ ରାଜନଗର ଅଂଚଳକୁ ଚୋରାରେ ରାତିରେ ଅଣ୍ଡା ବେପାର କରିବାକୁ ଏହି ଅଟୋ ଆସୁଥିବା ଅଭିଯୋଗ ହୋଇ ଆସୁଥିଲା ।

# ଆନ୍ତର୍ଜାତୀୟ ନୃତ୍ୟ ଦିବସ ୨୦୨୩




ଢେଙ୍କାନାଳ, ୩୦।୦୪(ଶ୍ରୁ.ମି.) : ରବିବାର ଅପରାହ୍ନ ଘ.୪.୩୦ମି. ସମୟରେ ସ୍ଥାନୀୟ ପୁରୁଣା ଜିଲ୍ଲା ପରିଷଦ ହଲ୍ ଠାରେ ଆନ୍ତର୍ଜାତୀୟ ନୃତ୍ୟ ଦିବସ ୨୦୨୩ ଅବସରରେ ଅଗ୍ରଣୀ ଅନୁଷ୍ଠାନ ନୀତାନୃତ୍ୟାଙ୍ଗନା ତରଫରୁ ବେଶ୍ ସୁନ୍ଦର ଭାବରେ ପାଳନ କରାଯାଇଛି। ଉତ୍ସବକୁ ଉଦ୍‌ଘାଟନ କହିଲେ ଯେ, ନୃତ୍ୟ କରିବା ଦ୍ୱାରା ସ୍ୱର୍ଗର ଦେବତାମାନେ ମଧ ସନ୍ତୁଷଲାଭ କରି ଆଶୀର୍ବାଦ ପ୍ରଦାନ କରିଥାନ୍ତି । ସଂଧ୍ୟା ଅଧିବେଶନରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଜ୍ଞାନରଞ୍ଜନ ମହାପାତ୍ର ଆଇପିଏସ୍, ସମ୍ମାନିତ ଅତିଥି ଭାବରେ ସୁସଂଧ୍ୟା ମହାନ୍ତି, ଅବସରପ୍ରାପ୍ତ ଅଧକ୍ଷା ଡିଆଇଟି ନାରୀନେତ୍ରୀ ସାଗରିକା ମିଶ୍ର, ନେହୁରୁ ଯୁବକେନ୍ଦ୍ର ଡେପୁଟି ଡାଇରେକ୍ଟର ଅଶୋକ ଦାସ ପ୍ରମୁଖ ଯୋଗଦାନ କରି ନୃତ୍ୟ ଦ୍ୱାରା ସମଗ୍ର ଶରୀର ସୁସ୍ଥ ରହିବା ସହ ପିଲାମାନଙ୍କର ଏକାଗ୍ରତା ସନ୍ତୁଳନ କରି ରଖିବାରେ ସାହାଯ୍ୟ କରେ ବୋଲି ମତବ୍ୟକ୍ତ କରିଥିଲେ। ବରିଷ୍ଠ ନୃତ୍ୟଗୁରୁ କାମାକ୍ଷାନଗରବସୀ ସନ୍ତୋଷ କୁମାର ଦାଶ ଗୁରୁଜୀଙ୍କୁ ଶ୍ରେଷ୍ଠ ନୃତ୍ୟଗୁରୁ ଭାବରେ ତଥା ସୁଶ୍ରୀ ପ୍ରୀତି ନନ୍ଦ, ଅନୁଗୁଳଙ୍କୁ ଶ୍ରେଷ୍ଠ ନୃତ୍ୟ ଶିଳ୍ପୀ ଭାବରେ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଦୁର ତିଗିରିଆରୁ ଆସିଥିବା ନୃତ୍ୟ ଦଳଙ୍କୁ ମେଡାଲ୍ ଓ ସାର୍ଟିଫିକେଟ୍, ତାଳଚେରରୁ ଆସିଥିବା ସଂଜିତ ନନ୍ଦଙ୍କୁ ପ୍ରଶଂସାପତ୍ର ସହ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲଙ୍ଗ୍ ଟାଇମ୍ ଆୱାଡ ନୃତ୍ୟ ଶିଳ୍ପୀ ଦିବ୍ୟାଂଶୁ ଦେବାଶିଷଙ୍କୁ ଦେବାବେଳେ ବେଷ୍ଟ ଷ୍ଟୁଡେଂଟ୍ ଆୱାଡ ଶୁଭଲକ୍ଷ୍ମୀ ନାୟକଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ କରିଥିବା, କେତେକ ଅଭିଭାବକମାନଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ବିଭିନ୍ନ ଶାଖା ବନମାଳି ପ୍ରସାଦ, ମହିଷାପାଟ, ଶ୍ୟାମାଚରଣପୁରରୁ ଛାତ୍ରଛାତ୍ରୀମାନେ ଆସି ସେମାନଙ୍କର ନୃତ୍ୟ ପରିବେଷଣ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ନିର୍ଦ୍ଦେଶକ ଗୁରୁ ଆଶିଷ କୁମାର ପାଲ୍, ବିଦ୍ୟାଳୟ ବିଷୟରେ ବିବରଣୀ ପ୍ରଦାନ କରିଥିବାବେଳେ ଅଧକ୍ଷା ସୁଚିସ୍ମିତା ମାନା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ନୃତ୍ୟ ଦିବସ ଅବସରରେ ଅପରାହ୍ନ ସାଢେ ୪ଟା ସମୟରୁ ରାତ୍ର ୧୦ ଘଟିକା ଯାଏଁ ଶତାଧିକ ନୃତ୍ୟଶିଳ୍ପୀ ତାଙ୍କର ନୃତ୍ୟ ପ୍ରଦର୍ଶନ କରି ଲୋକମାନଙ୍କୁ ଆନନ୍ଦ ପ୍ରଦାନ କରିଥିଲେ।

# ବ୍ୟାସନଗର ଶ୍ମଶାନରେ ବୃକ୍ଷ ରୋପଣ




ବ୍ୟାସନଗର, ୩୦/୪(ଶ୍ରୁ.ମି.) : ବ୍ୟାସନଗର ଗୋଶାଳା ନିକଟସ୍ଥ ଶ୍ମଶାନଠାରେ ଆଜି ଅପରାହ୍ନ ୫ ଘଟିକା ସମୟରେ ସ୍ଥାନୀୟ ସମାଜସେବୀ, ବୁଦ୍ଧିଜୀବୀ, ରାଜନେତା, କ୍ରୀଡାବିତ୍, ସାହିତ୍ୟିକ ଓ ସାମ୍ବାଦିକ ମାନଙ୍କ ଉପସ୍ଥିତିରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଯ୍ୟୋଧନ ରାଉତ ଫାଉଣ୍ଡେସନ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଡଃ ଦୁଷ୍ମନ୍ତ କୁମାର ନାୟକ ପରିଚାଳନା କରିଥିଲେ। ବୃକ୍ଷ ରୋପଣ ସମୟରେ ଚରଣ ପଣ୍ଡିତ ଯୁଗଳ କିଶୋର ମିଶ୍ର ବୈଦିକ ମନ୍ତ୍ର ଉଚ୍ଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, ଶିକ୍ଷାବିତ୍ ଅକ୍ଷୟ କୁମାର ପଣ୍ଡା, ହୃଷିକେଶ ସାହୁ, ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଚନ୍ଦ୍ରମଣି ସାମଲ, ଦାମୋଦର ପଣ୍ଡା, ସାମ୍ବାଦିକ ଜ୍ଞାନରଞ୍ଜନ ରାଉତ, କ୍ରିଡାବିତ୍ ବିଜୟ କୁମାର ନାୟକ, ଅଶୋକ ବୋଷ ଓ ମୁରଲୀଧର ବିଶ୍ୱାଳ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଚାଲୁ ରଖାଯିବ ବୋଲି ଫାଉଣ୍ଡେସନ ତରଫରୁ ଦୁର୍ଯ୍ୟୋଧନ ରାଉତ ପ୍ରକାଶ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ଅଧ୍ୟାପକ ଓ ଛାତ୍ରଛାତ୍ରୀ

ରାଜନଗର,୩୦।୪(ଶ୍ରୁ.ମି.) : ରାଜନଗର ବ୍ଲକର ଏକମାତ୍ର ଡିଗ୍ରୀ ମହାବିଦ୍ୟାଳୟ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟକୁ ୧କୋଟି ୨୫ ଲକ୍ଷ ଟଙ୍କା ଓ +୨ ବିଭାଗକୁ ୧କୋଟି ଟଙ୍କା ପ୍ରଦାନ କରିଥିବା ଘୋଷାଣା କରାଯାଇଛି। ଏନେଇ ମହାବିଦ୍ୟାଳୟର ଅଧକ୍ଷ ଅତୁଲ ବଳଙ୍କ ସହ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି। ଗତ ୨୮ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ତଥା ୫-ଟି ସଚିବ ଭିକେ ପାଣ୍ଡିଆନ ରାଜନଗର ଗସ୍ତ ସାରି ଫେରିବା ପରେ କେନ୍ଦ୍ରାପଡାରେ ଅଧକ୍ଷ ଶ୍ରୀ ବଳଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ଭେଟି ସମସ୍ୟା ଜଣାଇବା ସହ ମାନପତ୍ର ପ୍ରଦାନ କରିଥିଲେ । ରାଜନଗର ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରେ ରାଜନଗରର ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ଏକମାତ୍ର ଡିଗ୍ରୀ ମହାବିଦ୍ୟାଳୟ ୧କୋଟି ୨୫ଲକ୍ଷ ଟଙ୍କା ଘୋଷଣା କରାଯାଇଛି। ଏହାର ଜୁନିୟର କଲେଜ +୨ବିଭାଗକୁ ୧କୋଟି ଟଙ୍କା ଘୋଷଣା କରିଛନ୍ତି।

# ତୁଳସୀକ୍ଷେତ୍ର ହେଲ୍ଥ ଫାଉଣ୍ଡେସନର ବାର୍ଷିକ ଉତ୍ସବରେ ବିଶିଷ୍ଟ ବ୍ୟକ୍ତି ସମ୍ବର୍ଦ୍ଧିତ

ରାଜନଗର, ୩୦।୪(ଶ୍ରୁ.ମି.) : ରାଜନଗର ବ୍ଲକ ମା ମାଟିଆ ମଙ୍ଗଳାଙ୍କ ପୀଠାରେ ଜିଲ୍ଲାର ଅଗ୍ରଣୀ ସମାଜସେବା ସଙ୍ଗଠନ ତୁଳସୀକ୍ଷେତ୍ର ହେଲ୍ଥ ଫାଉଣ୍ଡେସନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୀତିକାର ମାନସ ଦାସ (କୁମାର ଲିଟନ) ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଥମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କନିକା ରାଜା ଶିବେନ୍ଦ୍ରନାରାୟଣ ଭଞ୍ଜଦେଓ, ମୁଖ୍ୟବକ୍ତା ଭାବେ ନାଇଜର ଭୁବନେଶ୍ୱରର ରେଜିଷ୍ଟାର ଡଃ ଅଭୟ ନାୟକ, ସମାମନୀତ ଅତିଥି ଭାବେ ଚଳଚିତ୍ର ସଂଗୀତକାର ଡଃ ରଜନୀରଂଜନ ସିଂ, ଡାକ୍ତର ଅଭୟ ପାତ୍ର, ବରିଷ୍ଠ ସାମ୍ବାଦିକ ଭାସ୍କର ରାଉତରାୟ, ଓଡିଶା ମିରର ସଂପାଦକ ଦିଲ୍ଲୀପକୁମାର ବିଶ୍ୱାଳ, ତମ୍ପକାର ବିଜୟ ଦାସ, ଅଧ୍ୟାପିକା ଭଗବତୀ ରାଉତ, ବାଣିଜ୍ୟକର ଅଧିକାରୀ ଡଃ ପଦ୍ମଲୋଚନ ରାଉତ, ସରପଞ୍ଚ ଚିତରଂଜନ ପଣ୍ଡା, ସମିତି ସଭ୍ୟା ସସ୍ମିତା ସ୍ୱାଇଁ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ସମସ୍ତଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । କୈଳାସଚନ୍ଦ୍ର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଚ୍ଛୁତାନନ୍ଦ ସାମଲ ବରଣୀପାଠ କରିଥିଲେ। ଏହି ଅବସରରେ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ସଙ୍ଗଠନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଅଶ୍ୱିନୀ ପାତ୍ର, ବିଭୁତି ବିଶ୍ୱାଳ, ମାନସ ନାୟକ, ପ୍ରଶାନ୍ତ ନାୟକ, ବିକ୍ରମ ରାଉଳ, ଶୈଳେନ୍ଦ୍ର ପରିଡା, ହିମାଂଶୁ ସାହୁ, ସତ୍ୟଜିତ ରାଉଳ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ରାଜଭବନରେ 'ମନ୍ କି ବାତ୍'ର ୧୦୦ତମ ଅଧ୍ୟାୟର ସ୍ୱତନ୍ତ୍ର ପ୍ରସାରଣ

## ମନ୍ କି ବାତ୍ ଦେଶ ଓ ଦେଶବାସୀଙ୍କ ପ୍ରତି ସମର୍ପିତ ଏକ ଅନନ୍ୟ କାର୍ଯ୍ୟକ୍ରମ : ରାଜ୍ୟପାଳ



ଭୁବନେଶ୍ୱର, ୩୦/୪(ଶ୍ରୁ.ମି.) : ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡ଼ିଓ କାର୍ଯ୍ୟକ୍ରମ 'ମନ୍ କି ବାତ୍' ଏକ ଅନନ୍ୟ କାର୍ଯ୍ୟକ୍ରମ । ଏହା ଦେଶ ଓ ଦେଶବାସୀଙ୍କ ପ୍ରତି ସଂପୂର୍ଣ୍ଣ ସମର୍ପିତ। ଶହେତମ ଅଧ୍ୟାୟରେ ପହଂଚିଥିବା 'ମନ୍ କି ବାତ୍' ଜରିଆରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରର ପ୍ରଧାନ ସେବକ ଭାବେ ନିଜର ବିଚାର, ଚିନ୍ତାଧାରା, ସମଗ୍ର ମାନବ ଜାତିର କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ମନୋଭାବ ନେଇ କୋଟି କୋଟି ଭାରତୀୟଙ୍କ ସହିତ ଯୋଡ଼ି ହୋଇଯାଇଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ରବିବାର ରାଜଭବନର ନ୍ୟୁ ଅଭିଷେକ ହଲ୍ ଠାରେ ପ୍ରସାର ଭାରତୀ, ପତ୍ର ସୂଚନା ବ୍ୟୁରୋ କାର୍ଯ୍ୟାଳୟ ଓ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ମିଳିତ ସହଯୋଗରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମର ଶହେତମ ଅଧ୍ୟାୟ ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ପ୍ରସାରଣ କାର୍ଯ୍ୟକ୍ରମରେ ଯୋଗଦେଇ ରାଜ୍ୟପାଳ କହିଥିଲେ ଯେ ପ୍ରଧାନମନ୍ତ୍ରୀ ସର୍ବଦା ଜନସାଧାରଣଙ୍କଠାରୁ ବିଭିନ୍ନ ବିଷୟ ଉପରେ ପ୍ରସ୍ତାବ, ପରାମର୍ଶ, ମତାମତ ଆଦି ଆହ୍ୱାନ କରିବା ସହ ଯାହା ଗ୍ରହଣଯୋଗ୍ୟ ତାହା ଦେଶବାସୀଙ୍କ ସମ୍ମୁଖରେ ଉପସ୍ଥାପନ କରିଛନ୍ତି। ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ପରିଚୟ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ।

ସ୍ୱାଧୀନତାର ୭୫ ବର୍ଷ ଗର୍ବ ଓ ଆହ୍ୱାନର ସମୟ। ଆଗାମୀ ପଚିଶ ବର୍ଷ ଅମୃତକାଳ ବୋଲି ଅଭିହିତ କରି ଏହା ଅସୀମ ସମ୍ଭାବନା ଓ ପରିବର୍ତ୍ତନର ସମୟ ଏବଂ ଏହାର ସଦୁପଯୋଗ କରି ରାଷ୍ଟ୍ରର ଶତବାର୍ଷିକୀ ପାଳନକୁ ସ୍ମରଣୀୟ କରିବା ପାଇଁ ରାଜ୍ୟପାଳ ଏହି ଅବସରରେ ସମସ୍ତଙ୍କୁ ଆହ୍ୱାନ ଜଣାଇଛନ୍ତି।

'ମନ୍ କି ବାତ୍' କାର୍ଯ୍ୟକ୍ରମରେ ଦେଶର ଅନେକ ପରିବର୍ତ୍ତନକାରୀଙ୍କ ଜୀବନ ଓ କର୍ମର କାହାଣୀ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସମ୍ମୁଖରେ ରଖିଛନ୍ତି। ଏଥିରେ ରାଜ୍ୟର ମଧ୍ୟ ପ୍ରେରଣାଦାୟୀ ବ୍ୟକ୍ତିତ୍ୱ ଅଛନ୍ତି ବୋଲି କହିବା ସହିତ ସେମାନେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ଜନଜାତି ସଂପ୍ରଦାୟର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ଅନେକ କାର୍ଯ୍ୟକ୍ରମ ଓ ଯୋଜନା ଆରମ୍ଭ କରିଛନ୍ତି କହି ଭଗବାନ ବିର୍ସା ମୁଣ୍ଡାଙ୍କ ଜନ୍ମଦିବସକୁ ଜନଜାତୀୟ ଗୌରବ ଦିବସ ଭାବେ ପାଳନ କରାଯିବା ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତାର ପରିଚୟ। ଜନଜାତି ସଂପ୍ରଦାୟ ମଧ୍ୟରୁ ଅନେକଙ୍କୁ ସମ୍ମାନଜନକ ପଦ୍ମ ପୁରସ୍କାରରେ ଅଳଙ୍କୃତ କରାଯିବା ଫଳରେ ଜନଜାତି ସମୁଦାୟଙ୍କ ଗୌରବ ବୃଦ୍ଧି ହୋଇଛି ଏବଂ ଜନଜାତିଙ୍କ ସାମଗ୍ରିକ ବିକାଶ ସରକାରଙ୍କ ଲକ୍ଷ୍ୟ ଓ ପ୍ରୟାସ ବୋଲି ରାଜ୍ୟପାଳ କହିଥିଲେ।

ପ୍ରଧାନମନ୍ତ୍ରୀ 'ମନ୍ କି ବାତ୍' ଜରିଆରେ ବସୁଧୈବ କୁଟୁମ୍ବକମ୍ ଆଧାରରେ ଭାରତୀୟ ଭାବେ ଆମେ ସମସ୍ତଙ୍କୁ ଭଲ ପାଇବା, ଆମେ ଗୋଟିଏ ପରିବାର ଓ ଭାରତୀୟ ସଂସ୍କୃତି ଓ ପରମ୍ପରାର ମହକରେ ସମସ୍ତଙ୍କ ହୃଦୟକୁ ଜିତିବା ବୋଲି ସର୍ବଦା ଗୁରୁତ୍ୱ ଦେଇ ଆସିଛନ୍ତି। ଜନଭାଗୀଦାରି ମଧ୍ୟରେ ରାଷ୍ଟ୍ରଗଠନ 'ମନ୍ କି ବାତ୍' କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି କହିବା ସହ ସମସ୍ତଙ୍କ ସକ୍ରିୟ ସହଯୋଗ ଓ ଅବଦାନରେ ନୂତନ ଭାରତ ଗଢ଼ିବା ପାଇଁ ପ୍ରଧାନମନ୍ତ୍ରୀ ଦେଇଥିବା ଆହ୍ୱାନକୁ ସମସ୍ତେ ଅନୁପାଳନ କରିବାକୁ ରାଜ୍ୟପାଳ କହିଥିଲେ ।

ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ପ୍ରାରମ୍ଭରେ ପିଆଇବି ଓ ସିବିସି, ଭୁବନେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଡ. ଗିରୀଶ ଚନ୍ଦ୍ର ଦାସ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ଦୂରଦର୍ଶନ କେନ୍ଦ୍ର, ଭୁବନେଶ୍ୱରର ଉପମହାନିର୍ଦ୍ଦେଶକ (କାର୍ଯ୍ୟକ୍ରମ) ରିଜ୍‌ୱାନା ଅଖତାର ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମ ମଧ୍ୟରେ 'ମନ୍ କି ବାତ୍' କାର୍ଯ୍ୟକ୍ରମରେ ସ୍ଥାନ ପାଇଥିବା ରାଜ୍ୟର କୁନି ଦେହୁରୀ, ଅମରେଶ ସାମନ୍ତ, ରାହୁଲ ମହାରଣା ଓ ବିଜୟ କୁମାର କବି ନିଜର ଅନୁଭୂତି ଓ ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ପରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କି ବାତ୍' କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିଲା । ଏଥିରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବରିଷ୍ଠ ଅଧିକାରୀଙ୍କ ସମେତ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ, ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଏହି ଉପଲକ୍ଷେ ଆୟୋଜିତ ଏକ ଫଟୋ ପ୍ରଦର୍ଶନୀକୁ ରାଜ୍ୟପାଳ ଉଦ୍‌ଘାଟନ କରିବା ସହ କାର୍ଯ୍ୟକ୍ରମ ପରେ ନିମନ୍ତ୍ରିତ ଅତିଥିମାନଙ୍କ ସହ ଭାବବିନିମୟ କରିଥିଲେ ।

# ସାତଭାୟା ବଗପାଟିଆ ଥଇଥାନ କଲୋନୀ ହେବ ଆଦର୍ଶ କଲୋନୀ

- ଫାଇଭ ଟି ସଚିବଙ୍କ କ୍ଷେତ୍ର ପରିଦର୍ଶନ ପରେ ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ମଞ୍ଜୁର କଲେ ୨୨ କୋଟି ଟଙ୍କା
- ଫାଇଭ ଟି ଉପକ୍ରମ ରେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବ ବିକାଶ କାମ

ଭୁବନେଶ୍ୱର, ୩୦/୪(ଶ୍ରୁ.ମି.) : ସାତଭାୟା ବଗପାଟିଆ ଥଇଥାନ କଲୋନୀ ଆଦର୍ଶ କଲୋନୀ ହେବ। ଫାଇଭ ଟି ସଚିବ ଶ୍ରୀ ଭି କେ ପାଣ୍ଡିଆନ୍ ଙ୍କ ଗସ୍ତର ଚବିଶ ଘଣ୍ଟା ମଧ୍ୟରେ ବାଇଶ କୋଟି ଟଙ୍କା ମଞ୍ଜୁର ହେଲା।

ମୁଖ୍ୟମନ୍ତ୍ରୀ ଙ୍କ ଶ୍ରୀ ନବୀନ ପଟନାୟକ ଙ୍କ ନିର୍ଦ୍ଦେଶ କ୍ରମେ ଗତ ସତେଇଶ ଓ ଅଠେଇଶ ତାରିଖ ଦୁଇ ଦିନ ଧରି ଫାଇଭ ଟି ସଚିବ ଶ୍ରୀ ପାଣ୍ଡିଆନ୍ କେନ୍ଦ୍ରପଡା ଗସ୍ତ କରିଥିଲେ । ଗସ୍ତର ଦ୍ୱିତୀୟ ଦିନରେ ୨୮ ତାରିଖ ଦିନ ସେ ସାତଭାୟା ବଗପାଟିଆ ଅଞ୍ଚଳ ପରିଦର୍ଶନ କରିଥିଲେ । ଏହି ସମୟରେ ଶ୍ରୀ ପାଣ୍ଡିଆନ୍ ବିସ୍ଥାପିତ ଲୋକମାନଙ୍କୁ ଭେଟିଥିଲେ .ସେମାନଙ୍କ ସମସ୍ୟା ବୁଝିଥିଲେ .ସରକାର ଙ୍କ ଯୋଜନା ବିଷୟରେ ଲୋକଙ୍କ ସହ ଆଲୋଚନା କରିଥିଲେ ଏବଂ ସେମାନଙ୍କ ମତାମତ ପଚାରି ବୁଝିଥିଲେ। ପରେ ଭୁବନେଶ୍ୱର ଫେରି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କୁ ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ସମ୍ପର୍କରେ ଅବଗତ କରିଥିଲେ । ଆଲୋଚନା ପରେ ମୁଖ୍ୟମନ୍ତ୍ରୀ ସାତଭାୟା ବଗପାଟିଆ ଆଦର୍ଶ କଲୋନୀ ନିମନ୍ତେ ପ୍ରଥମ ପର୍ଯ୍ୟାୟରେ ତୁରନ୍ତ ବାଇଶ କୋଟି ପଚାଶ ଲକ୍ଷ ଏକସତରୀ ହାଜର ଟଙ୍କା ର ପ୍ୟାକେଜ ମଞ୍ଜୁର କରିଛନ୍ତି ।

ଏହି ଅର୍ଥରେ ସେ ଅଞ୍ଚଳରେ ବନ୍ଧ ବାଡର ସୁଦୃଢ଼ୀକରଣ ସହିତ ହିତାଧିକାରୀଙ୍କ ବାସଗୃହ, ଜୀବିକା କାର୍ଯ୍ୟକ୍ରମ, ରାସ୍ତା, ପିଇବା ପାଣି, ବିଜୁଳି ଓ ପଞ୍ଚାୟତ ଗୃହ ଆଦି ଭିତ୍ତିଭୂମି ର ବିକାଶ କରାଯିବ। ଏହା ସହିତ ଲୋକଙ୍କ ଆବଶ୍ୟକତା ଭିତ୍ତିରେ ସେମାନଙ୍କୁ ଚାଷ ଜମି ମଧ୍ୟ ଯୋଗାଇଦିଆଯିବ।

ସେହିପରି ପ୍ରସିଦ୍ଧ ପଞ୍ଚୁବରାହୀ ପୀଠ ରେ ଭିତ୍ତିଭୂମି ର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ସହ ଲାଇଟ ଏଣ୍ଡ ସାଉଂଡର ବ୍ୟବସ୍ଥା କରାଯାଇ ଏହାକୁ ଏକ ପ୍ରମୁଖ ପର୍ଯ୍ୟଟକ ସ୍ଥାନ ଭବରେ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ପର୍ଯ୍ୟଟନ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ଏ ସମସ୍ତ କାମ ଫାଇଭ ଟି ଉପକ୍ରମ ରେ ତୁରନ୍ତ ହାତକୁ ନେଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନଯୋଗ୍ୟ ଯେ ଜଳବାୟୁ ପରିବର୍ତ୍ତନ ପ୍ରଭାବ ରେ ସାତଭାୟା ଅଞ୍ଚଳ ସମୁଦ୍ର ରେ ଲୀନ ହୋଇଯାଇଥିବାରୁ କ୍ଷତିଗ୍ରସ୍ତ ଲୋକଙ୍କୁ ବଗପାଟିଆ ରେ ଥଇଥାନ କରାଯାଉଛି। ଜଳବାୟୁ ପରିବର୍ତ୍ତନ ଦ୍ୱାର ପ୍ରଭାବିତ ଲୋକଙ୍କ ଥଇଥାନ ପାଇଁ ଏହା ଦେଶର ପ୍ରଥମ କଲୋନୀ ହେବ।

# ଆଜିଠୁ ପଛୁଆବର୍ଗ ସର୍ଭେ

ଭୁବନେଶ୍ୱର, ୩୦/୪(ଶ୍ରୁ.ମି.) : ସାମାଜିକ ଓ ଶିକ୍ଷାଗତ ସ୍ଥିତିକୁ ନେଇ ଆସନ୍ତାକାଲି (ସୋମବାର) ଠାରୁ ରାଜ୍ୟରେ ପଛୁଆ ବର୍ଗଙ୍କ ପାଇଁ ସ୍ୱତନ୍ତ୍ର ସର୍ଭେ ଆରମ୍ଭ ହେବ। ମେ' ପହିଲାରୁ ୨୦ ତାରିଖ ପର୍ଯ୍ୟନ୍ତ ଏହି ସର୍ଭେ ହେବ। ଏହାପରେ ମେ ୨୧ରୁ ୨୭ ଯାଏ ସ୍ପେଶାଲ ଡ୍ରାଇଭ କରାଯିବ। ଉଭୟ ଅନଲାଇନ ଓ ଅଫଲାଇନରେ ସଂଗୃହିତ ତଥ୍ୟକୁ ଡିଜିଟାଲ ଫର୍ମାଟରେ ରଖାଯିବ। ପରେ ଜୁନ୍ ୬ରେ ଡ୍ରାଫ୍ଟ ପବ୍ଲିକେସନ କରି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ। ଜୁଲାଇ ୧୨ରେ ଚୂଡ଼ାନ୍ତ ତଥ୍ୟ ପ୍ରକାଶ ପାଇବ। ଏଥିଲାଗି ସବୁ ଜିଲ୍ଲାରେ ଟ୍ରେନରଙ୍କୁ ତାଲିମ ଦିଆଯାଇଛି । ସର୍ଭେରେ ମୁଖ୍ୟତଃ ଅଙ୍ଗନବାଡି କର୍ମୀ ଓ ଶିକ୍ଷକ ନିୟୋଜିତ ହେବେ।

ସେହିପରି ଭୁବନେଶ୍ୱର ମହାନଗର ନିଗମରେ ମଧ୍ୟ କାଲିଠୁ ସର୍ଭେ ଆରମ୍ଭ ହେବ। ବିଏମସିରେ ମୋଟ ୧୦୧ଟି କେନ୍ଦ୍ର ପ୍ରତିଷ୍ଠା କରାଯିବାକୁ ଥିବା ବେଳେ ୧୩୩ ଜଣ ଏନୁମୁରେଟର ଓ ୧୫ ଜଣ ସୁପରଭାଇଜର ନିୟୋଜିତ ରହିବେ।

# ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ ଉତ୍ସବ ସଂପନ୍ନ



କୋଣାର୍କ, ୩୦/୪(ଶ୍ରୁ.ମି.) : ରବିବାର ଦିବା ୧ ଘଟିକା ସମୟରେ କୋଣାର୍କ ଏନଏସି ଅଧିନସ୍ଥ ୱାର୍ଡନଂ ୧ ସ୍ଥିତ ବେଠିଆଗଦା ମୌଜା ଠାରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ନିମନ୍ତେ ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ଶାଳା କମିଟି ପକ୍ଷରୁ ଭୂମିପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖବରରୁ ପ୍ରକାଶ ଯେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରେ ନିଜ ମା ଙ୍କ ସୂର୍ଯ୍ୟ ପୂଜା ନିମନ୍ତେ ରାଜା ଲାଙ୍ଗୁଳା ନରସିଂହ ଦେବ ସୂର୍ଯ୍ୟ ମନ୍ଦିର ନିର୍ମାଣ କରିଥିଲେ। କାଳକ୍ରମେ ବ୍ରିଟିଶ ଶାସନ ସମୟରେ ଏଠାରେ ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ବନ୍ଦ ରହିଛି। କୋଣାର୍କ ସୂର୍ଯ୍ୟ ଉପାସନାର ଏକ ଧାର୍ମିକ ସ୍ଥଳୀ ଭାବେ ସୁପ୍ରସିଦ୍ଧ। ଦୀର୍ଘବର୍ଷ ଧରି ସୌର କ୍ଷେତ୍ର କୋଣାର୍କ ଠାରେ ସୂର୍ଯ୍ୟ ପୂଜା ପୁନଃ ପ୍ରଚଳନ କରିବା ପାଇଁ କୋଣାର୍କ ସମେତ ଭାରତ ବାହାରର ସୂର୍ଯ୍ୟ ଉପାସକ, ସଂସ୍କୃତି ଓ ଧାର୍ମିକ ବିଶାରଦ ମାନଙ୍କ ମହଲରେ ଦାବି ହୋଇ ଆସୁଥିଲା। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ସ୍ୱର୍ଗତ ଓଃମ ବାବାଙ୍କ ପଟ୍ଟ ଶିଷ୍ୟ ଧାର୍ମିକ ବିଶାରଦ ତଥା ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ଶାଳା କମିଟି ଅଧ୍ୟକ୍ଷ ମୁକେଶ ଜୈନ କୋଣାର୍କ ଠାରେ ଏହାର ବୀଜ ରୋପଣ କରିଛନ୍ତି। ସୂର୍ଯ୍ୟ ନାରାୟଣଙ୍କ ପୂଜାର୍ଚ୍ଚନା ଓ ଏକ ନୂତନ ମନ୍ଦିର ନିର୍ମାଣ କରି ଏଠାରେ ପୁନଃ ସୂର୍ଯ୍ୟ ପୂଜାର୍ଚ୍ଚନା କରିବା ପାଇଁ ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ଶାଳା କମିଟି ପକ୍ଷରୁ ଦୀର୍ଘ ଚାରି ବର୍ଷ ଧରି ପ୍ରୟାସ ଜାରି ରହିଛି। ମାତ୍ର ପ୍ରଶାସନର ସହଯୋଗ ଓ ଧାର୍ମିକ ପରମ୍ପରାକୁ ବଜାୟ ରଖିବା ସହ ପୁନଃ ସୂର୍ଯ୍ୟ ପୂଜା ପ୍ରଚଳନ କରିବା ପାଇଁ କୋଣାର୍କ ଏନଏସି ସ୍ଥିତ ଜଣେଇ ରଣପଡା ଠାରେ କୋଣାର୍କ ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ଶାଳା କମିଟି ପକ୍ଷରୁ ନୂତନ ସୂର୍ଯ୍ୟ ମନ୍ଦିର ନିର୍ମାଣ ନିମନ୍ତେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

# ବାଙ୍ଗାଲୋରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତର ୧୦୦ତମ ଅଧ୍ୟାୟ ଶୁଣିଲେ କେନ୍ଦ୍ରମନ୍ତ୍ରୀ

## ବଣମଲ୍ଲୀଙ୍କୁ ଲୋକଲୋଚନକୁ ଆଣିବାର ବଡ଼ ମାଧ୍ୟମ ହୋଇଛି ମନ୍ କି ବାତ୍ : ଧର୍ମେନ୍ଦ୍ର ପ୍ରଧାନ

### ପ୍ରଧାନମନ୍ତ୍ରୀ ସମାଜସେବୀ ପଦ୍ମଶ୍ରୀ ସ୍ୱର୍ଗତ ଡି. ପ୍ରକାଶ ରାଓଙ୍କ ସ୍ମୃତିଚାରଣ କରି ସଠିକ୍ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି



ବାଙ୍ଗାଲୋର/ଭୁବନେଶ୍ୱର, ୩୦/୪(ଶ୍ରୁ.ମି.) : ମନ୍ କି ବାତ୍ ଜରିଆରେ ଦେଶର ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମଗ୍ର ଭାରତବର୍ଷର ଲୋକ ମାନଙ୍କର ଅଭିବ୍ୟକ୍ତିଙ୍କୁ ଲୋକଲୋଚନକୁ ଆଣୁଛନ୍ତି। ବିଶେଷ ଭାବରେ ମନ୍ କି ବାତ୍ ବଣମଲ୍ଲୀ ମାନଙ୍କୁ ଲୋକଲୋଚନକୁ ଆଣିବାର ବଡ଼ ମାଧ୍ୟମ ହୋଇଛି ବୋଲି ରବିବାର ବାଙ୍ଗାଲୋରରେ ବିଜେପି କାର୍ଯ୍ୟାଳୟରେ ମନ୍ କି ବାତ୍ କାର୍ଯ୍ୟକ୍ରମର ଐତିହାସିକ ୧୦୦ତମ ଅଧ୍ୟାୟ ଦେଖିବା ପରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଶ୍ରୀ ପ୍ରଧାନ ମନ୍ କି ବାତର ଐତିହାସିକ ୧୦୦ତମ ଅଧ୍ୟାୟ ପୂରଣ ହେବା ଅବସରରେ ପ୍ରଧାନମନ୍ତ୍ରୀଙ୍କ ସମେତ ଓଡ଼ିଶା ଏବଂ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଅନେକ ବଣମଲ୍ଲୀଙ୍କୁ ସମାଜରେ ପରିଚିତ କରାଯାଇଛି। ସେହିପରି ଓଡ଼ିଶାର ଅନେକ ଯୁବକ, ଯୁବତୀ ଓ ଅନେକ ଲୋକ ମାନଙ୍କର କଥା କାହାଣୀକୁ ମଧ୍ୟ ମନ କି ବାତରେ ପ୍ରତିଫଳିତ ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ। ଆଜିର ଐତିହାସିକ ଅଧ୍ୟାୟ ସାଧାରଣ ଲୋକଙ୍କ ପ୍ରେରଣାଦାୟୀ କାହାଣୀକୁ ଉତ୍ସବ ଭାବରେ ପାଳନ କରିବାର ଅନ୍ୟତମ ଅବସର। ପ୍ରଧାନମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମ ଜାତୀୟ ଜାଗରଣକୁ ନୂଆ ଦିଶା ଦେବା ସହ ସାମାଜିକ କଲ୍ୟାଣ ପାଇଁ ସମସ୍ତଙ୍କୁ ମିଳିତ କାର୍ଯ୍ୟ କରିବା ପାଇଁ ପ୍ରେରିତ କରୁଛି। ୯୯ତମ ଅଧ୍ୟାୟ ଭଳି ମନ କି ବାତର ୧୦୦ତମ ଅଧ୍ୟାୟ ମଧ୍ୟ ଲୋକଙ୍କୁ ଆହ୍ଲାଦିତ କରିଛି। ଏହି ସ୍ୱତନ୍ତ୍ର ପ୍ଲାଟଫର୍ମ ସାଧାରଣ ନାଗରିକଙ୍କ ମଧ୍ୟରେ ଥିବା ଅସାଧାରଣ କୃତିତ୍ୱକୁ ଚିହ୍ନଟ କରୁଛି। ସମାଜରେ ସକାରାତ୍ମକ ସଚେତନତା ସୃଷ୍ଟି କରିବା ସହ ଦେଶବାସୀଙ୍କୁ ଏକାଠି କରିଛି। ମନ୍ କି ବାତର ଗୌରବମୟ ଅଧ୍ୟାୟରେ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତି, ମାତୃଭାଷା ଏବଂ ଶିକ୍ଷାରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ସହ ସମାଜକୁ ସକାରାତ୍ମକ ବାର୍ତ୍ତା ଦେଉଥିବା ଅନେକ ଅସାଧାରଣ ପ୍ରତିଭାଙ୍କ ବିଷୟରେ ଚର୍ଚ୍ଚା କରିଛନ୍ତି । ପ୍ରଧାନମନ୍ତ୍ରୀ ଓଡ଼ିଶାର ସମାଜସେବୀ ପଦ୍ମଶ୍ରୀ ସ୍ୱର୍ଗତ ଡି. ପ୍ରକାଶ ରାଓଙ୍କ ସ୍ମୃତିଚାରଣ କରି ତାଙ୍କୁ ସଠିକ୍ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି । ସ୍ୱର୍ଗତ ରାଓ ଚା' ବିକି ନିଜର କଷ୍ଟ ଅର୍ଜିତ ଅର୍ଥରେ ଗରିବ ପିଲା ମାନଙ୍କୁ ପାଠ ପଢାଉଥିଲେ । ତାଙ୍କର ସେବା ମନୋଭାବ ସମାଜକୁ ସବୁ ଦିନ ପାଇଁ ଅନୁପ୍ରାଣିତ କରିବ ବୋଲି ସେ ମତବ୍ୟକ୍ତ କରିଛନ୍ତି ।

# ସେଲ ଆରଏସପିର ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର 'ଦୀକ୍ଷା'ରେ ୮୪ ଜଣ ଠିକା ଶ୍ରମିକଙ୍କ ସାମଗ୍ରୀ ପ୍ରବନ୍ଧନ ଓ ୱେଲ୍ଡିଂ ସୁରକ୍ଷା ଉପରେ ତାଲିମ ଗ୍ରହଣ



ରାଉରକେଲା, ୩୦/୪(ଶ୍ରୁ.ମି.) : ସେଲ ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ୮୪ ଜଣ ଠିକା ଶ୍ରମିକ ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ର 'ଦୀକ୍ଷା' ଠାରେ ଅପ୍ରେଲ ୨୭ ଓ ୨୮ ତାରିଖରେ ସାମଗ୍ରୀ ପ୍ରବନ୍ଧନ ଓ ୱେଲ୍ଡିଂ ସୁରକ୍ଷା ତାଲିମ ଗ୍ରହଣ କରିଛନ୍ତି। କାର୍ମିକ ଓ ପ୍ରଶାସନ ବିଭାଗର ସିଜିଏମ, ଶ୍ରୀ ବିରେନ୍ଦ୍ର କୁଲ୍ଲୁ ୱେଲ୍ଡିଂ ସୁରକ୍ଷା ତାଲିମ କାର୍ଯ୍ୟକ୍ରମର ଉଦଯାପନୀ ଅଧିବେଶନରେ ଅଧ୍ୟକ୍ଷତା କରି ପ୍ରଶିକ୍ଷାର୍ଥୀଙ୍କ ସହ ମତବିନିମୟ କରିଥିଲେ। ପ୍ରଥମ ଦିନରେ ଅନୁଷ୍ଠିତ ସାମଗ୍ରୀ ପ୍ରବନ୍ଧନ ପ୍ରଶିକ୍ଷଣର ଉଦଯାପନୀ ଅଧିବେଶନରେ କାର୍ମିକ ବିଭାଗର ଜିଏମ, ଶ୍ରୀ ସଞ୍ଜୟ ମେହରୋତ୍ରା ଅଧ୍ୟକ୍ଷତା କରିଥିଲେ।

ଫାଉଣ୍ଡ୍ରେରୀ, ବ୍ଲାଷ୍ଟ ଫର୍ଣ୍ଣେସ, ହଟ ଷ୍ଟ୍ରିପ ମିଲ ୧ ଓ ୨, ଟ୍ରାଫିକ ଓ କଞ୍ଚାମାଲ ବିଭାଗ, କ୍ରେନ ମରାମତି, ଏସଏମଏସ-୨, ବିଦ୍ୟୁତ ବିତରଣ ଓ ନୂତନ ପ୍ଲେଟ ମିଲରେ ନିୟୋଜିତ ୩୩ ଜଣ ଠିକା ଶ୍ରମିକ ୱେଲ୍ଡିଂ ସୁରକ୍ଷା ତାଲିମରେ ଯୋଗଦେଇଥିଲେ। ଏହାର ବିଭିନ୍ନ ଅଧିବେଶନରେ ସାଧାରଣ ସୁରକ୍ଷା, ୱେଲଡିଂ ମେସିନ୍ ଅପରେସନ୍ ଏବଂ ରକ୍ଷଣାବେକ୍ଷଣ, ୱେଲଡିଂ ମେସିନ୍‌ରେ କାର୍ଯ୍ୟ କରିବା ସମ୍ବନ୍ଧୀୟ ସୁରକ୍ଷା ଦିଗ ଏବଂ କରଣୀୟ ଓ ବର୍ଜ୍ଜନୀୟ ବିଷୟ ଇତ୍ୟାଦି ସୁରକ୍ଷା ଦିଗ ଅନ୍ତର୍ଭୁକ୍ତ କରାଯାଇଥିଲା।

କୋକ୍ ଓଭେନ, ବ୍ଲାଷ୍ଟ ଫର୍ଣ୍ଣେସ୍, କଞ୍ଚାମାଲ ପ୍ରବନ୍ଧନ ବିଭାଗ, ସିଣ୍ଟରିଂ ପ୍ଲାଣ୍ଟ, ନୂତନ ପ୍ଲେଟ୍ ମିଲ୍, ଆରଏସଏମ୍, ବିଦ୍ୟୁତ ବିତରଣ, ଫାଉଣ୍ଡ୍ରେରୀ, କ୍ରେନ ମରାମତି ଏବଂ ଷ୍ଟିଲ୍ ମେଲ୍ଟିଂ ସପ-୨ ବିଭାଗର ୫୧ ଜଣ ଠିକା ଶ୍ରମିକ ସାମଗ୍ରୀ ପ୍ରବନ୍ଧନ ପ୍ରଶିକ୍ଷଣରେ ଯୋଗଦେଇଥିଲେ। ଏହି ଅଧିବେଶନରେ ସାଧାରଣ ସୁରକ୍ଷା, ସାମଗ୍ରୀ ପ୍ରବନ୍ଧନ ସମୟରେ ଅନୁପାଳନୀୟ ସୁରକ୍ଷା ନିୟମାବଳୀ ଏବଂ କରଣୀୟ ଓ ବର୍ଜ୍ଜନୀୟ ବିଷୟ ଇତ୍ୟାଦି ସୁରକ୍ଷା ଦିଗ ଅନ୍ତର୍ଭୁକ୍ତ କରଯାଇଥିଲା।

ଏହି ଅଧିବେଶନଗୁଡିକରେ ୱେଲ୍ଡିଂ ସମ୍ବନ୍ଧୀୟ ଅଧିବେଶନ ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ଅଧୀନସ୍ଥ ଡ଼ିଟିଏନବିଡବ୍ଲୁଇର ଆଞ୍ଚଳିକ ନିର୍ଦ୍ଦେଶାଳୟର ଶ୍ରୀ ଏସ ଏନ ଓଝା ଏବଂ ୱେଲଡିଂ ସୁରକ୍ଷା ଅଧ୍ୟାପକ ଶ୍ରୀ ଆର.ସି ବିଶ୍ୱାଳଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବାବେଳେ ସାମଗ୍ରୀ ପ୍ରବନ୍ଧନ ବିଷୟରେ ତାଲିମ ଆରସିଏମ ବିଭାଗର ମ୍ୟାନେଜର, ଶ୍ରୀ ଆଇପିଲ ଭେଙ୍ଗ୍ରାଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ତାଲିମ ସମାପ୍ତ ହେବା ପରେ, ଅଂଶଗ୍ରହଣକାରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମକୁ କାର୍ମିକ ସିଏଲସି ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଶ୍ରୀ ବିଜ୍ଞାନ ପାତ୍ର, ଶ୍ରମ ନିରିକ୍ଷକ ଶ୍ରୀ ମନୋଜ କୁମାର ପ୍ରଧାନ, ଶ୍ରୀ ସୁରଥ କୁମାର ଲେଙ୍କା, ଶ୍ରୀ ଧ୍ରୁବେଶ କୁମାର ବେହେରା ଏବଂ ଶ୍ରୀ ସ୍ୱେତ କୁମାର ବେହେରା ପରିଚାଳନା କରିଥିଲେ।

# ୪ ଯାଏଁ କାଳବୈଶାଖୀ ସମ୍ଭାବନା

ଭୁବନେଶ୍ୱର, ୩୦/୪(ଶ୍ରୁ.ମି.) : ଆସନ୍ତା ମେ ୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀର ପ୍ରଭାବ ରହିବ। ଏହାର ପ୍ରଭାବରେ ବିଭିନ୍ନ ଜିଲ୍ଲାରେ ଘଡଘଡି , ବିଜୁଳି ସହ ବର୍ଷା ହେବାର ସମ୍ଭାବନା ରହିଛି। ସ୍ଥାନେ ସ୍ଥାନେ ପ୍ରବଳ ବର୍ଷା ସହ ପବନର ବେଗ ୫୦ କିମି ଯାଏଁ ରହିପାରେ ବୋଲି ପାଣିପାଗ ବିଭାଗ ଆକଳନ କରିଛି।

ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ମୟୁରଭଂଜ, କେନ୍ଦୁଝର, ସୁନ୍ଦରଗଡ , ଝାରସୁଗୁଡା, ସମ୍ବଲପୁର, ବଲାଙ୍ଗିର, ନବରଙ୍ଗପୁର , ନୂଆପଡା ଓ କଳାହାଣ୍ଡି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘଡଘଡି , ବିଜୁଳି ସହ ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ଏହାସହ ସମ୍ବଲପୁର, ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ବଲାଙ୍ଗିର, କଳାହାଣ୍ଡି, ନୂଆପଡା ଓ ନବରଙ୍ଗପୁରର କିଛି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ୧୩ ଜିଲ୍ଲାରେ ଘଡଘଡି , ବିଜୁଳି ସହ ୩୦ରୁ ୪୦ କିମି ପବନ ବହିବାର ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ଜିଲ୍ଲାଗୁଡିକ ହେଲା ଦେବଗଡ, ଅନୁଗୁଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, କନ୍ଧମା, ରାୟଗଡା, କୋରାପୁଟ, ମାଲକାନଗିରି, କଟକ, ବାଲେଶ୍ୱର, ଭଦ୍ରକ ଓ ଯାଜପୁର। ସେହିପରି ଆସନ୍ତାକାଲି ପାଇଁ ୨୧ ଟି ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

# ସମ୍ବଲପୁର ସହରରୁ କର୍ଫ୍ୟୁ ହଟିଲା

ସମ୍ବଲପୁର, ୩୦/୪(ଶ୍ରୁ.ମି.) : ସମ୍ବଲପୁର ସହରରୁ ହଟିଲା କର୍ଫ୍ୟୁ। ପ୍ରଶାସନ ପକ୍ଷରୁ ପୂର୍ବରୁ ୪ଟି ଥାନା ଅଂଚଳରୁ କର୍ଫ୍ୟୁ ହଟିଥିବା ବେଳେ ଏବେ ଧନୁପାଲି ଓ ଟାଉନ୍ ଥାନା ଅଂଚଳରୁ କର୍ଫ୍ୟୁ ହଟାଯାଇଥିବା ନେଇ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରୀ ହୋଇଥିବା ବିଜ୍ଞପ୍ତିରୁ ଜଣାପଡିଛି। ତେବେ ପ୍ରଶାସନର ବିନା ଅନୁମତିରେ କୌଣସି ସଭା ସମିତି ବା ଶୋଭାଯାତ୍ରାର ଆୟୋଜନ ହୋଇପାରିବ ନାହିଁ।

ସୂଚନା ଥାଉକି, ଗତ ୧୨ ତାରିଖ ହନୁମାନ ଜୟନ୍ତୀ ବାଇକ୍ ଶୋଭାଯାତ୍ରା ବେଳେ ପଥର ମାଡ଼ ଓ ଏହାର ପରବର୍ତ୍ତି ସମୟରେ ଘଟିଥିବା ହିଂସାକାଣ୍ଡ ଯୋଗୁ ସମ୍ବଲପୁର ସହରର ମୋଟ ୬ଟି ଥାନା ଅଂଚଳରେ କର୍ଫ୍ୟୁ ଲାଗିଥିଲା।

# ଆଜିଠୁ ବନ୍ଦ ରହିବ ଭିତରକନିକା

ଭୁବନେଶ୍ୱର, ୩୦/୪(ଶ୍ରୁ.ମି.) : ଆଜି (ସୋମବାର)ଠାରୁ ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ।

ଆଗାମୀ ଜୁଲାଇ ୩୧ ଯାଏଁ ୩ ମାସ ଧରି ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରହିବ ଭିତରକନିକା। କୁମ୍ଭୀର ପ୍ରଜନନ ଋତୁକୁ ଦୃଷ୍ଟିରେ ରଖି ବନ ବିଭାଗ ଏହି ନିଷ୍ପତି ନେଇଛି।

# କଙ୍କଡାହାଡ଼ ମଣ୍ଡଳରେ ୧୦୦ତମ ମନକିବାତ କାର୍ଯ୍ୟକ୍ରମ



କଙ୍କଡାହାଡ଼, ୩୦/୦୪(ଶ୍ରୁ.ମି.) : କଙ୍କଡାହାଡ଼ ବ୍ଲକ ବାମ ଗ୍ରାମ ଠାରେ ବିଜେପି କଙ୍କଡାହାଡ଼ ମଣ୍ଡଳ ତରଫରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନକୀ ବାତ କାର୍ୟ୍ୟକ୍ରମ ଅନୁଷ୍ଠିତ ହେଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ସନାତନ ସାହୁଙ୍କ ସଭାପତିତ୍ୱରେ ୧୦୦ ତମ ପ୍ରଧାନମନ୍ତ୍ରୀ ମନକୀ ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଜନ ପ୍ରିୟ ଯୋଜନା ଉପରେ ଆଲୋଚନା କରିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରଣୀ ସଦସ୍ୟ ବିଭୁତି ଭୂଷଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ଜନପ୍ରିୟ ଯୋଜନା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କଙ୍କଡାହାଡ଼ ମଣ୍ଡଳ ସଭାପତି ନାଉରି ସିଂହ, ବାମ ସରପଞ୍ଚ ଫକୀର ଚରଣ ମହାନ୍ତ, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ବଳଭଦ୍ର ସାହୁ, ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ଅନୁରୂପ ଭାବେ ମହବିରୋଡ ମଣ୍ଡଳରେ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ସାହୁ, ମନ୍ କି ବାତ୍ ପ୍ରମୁଖ ସରୋଜ ବେହେରାଙ୍କ ନେତୃତ୍ୱରେ ମହବିରୋଡ, କୁଟୁରିଆ, ଦଶିପୁର୍, ପଙ୍ଗତିରୟ, ଚନ୍ଦପୁର, ବୀରିବୋଲେଇ, ଘୟଗରୟ ମୁଣ୍ଡା, ଗଡ଼ପଳାଶୁଣୀର ପ୍ରତ୍ୟେକ ଶକ୍ତିକେନ୍ଦ୍ରରେ କାର୍ଯ୍ୟକ୍ରମ କରାଯାଇଥିଲା।

# ଆଜିଠୁ ବଢ଼ିବ ଛେନା, ପନିର ଦର

ଭୁବନେଶ୍ୱର, ୩୦/୪(ଶ୍ରୁ.ମି.) : ଆସନ୍ତାକାଲି ଅର୍ଥାତ୍ ମେ ପହିଲାରୁ ଛେନା ପନିର ସମେତ ଅନ୍ୟାନ୍ୟ ଦୁଗ୍ଧ ଜାତ ଦ୍ରବ୍ୟର ଦର ବଢିବ। କ୍ଷୀର ଦର ବୃଦ୍ଧି ପାଇଥିବାରୁ ଦୁଗ୍ଧଜାତ ଦ୍ରବ୍ୟର ଦର ବୃଦ୍ଧି କରିବାକୁ ବ୍ୟବସାୟୀ ସଂଘ ନିଷ୍ପତି ନେଇଛି।

ଦୁଗ୍ଧଜାତ ଦ୍ରବ୍ୟ ବ୍ୟବସାୟୀ ସଂଘର ସୂଚନା ଅନୁଯାୟୀ ଛେନା କେଜି ପ୍ରତି ୨୦ ଟଙ୍କା ଏବଂ ପନିର କେଜି ପ୍ରତି ୩୦ ଟଙ୍କା ବୃଦ୍ଧି ପାଇବ। ପୁନଃ ନିର୍ଦ୍ଧାରିତ ଦର କ୍ରମେ ଛେନାର କେଜି ପ୍ରତି ୧୮୦ ଟଙ୍କାରୁ ୨୦୦ ଟଙ୍କା ଏବଂ ପନିର କେଜି ପ୍ରତି ୨୨୦ ଟଙ୍କାରୁ ୨୫୦ ଟଙ୍କାକୁ ବୃଦ୍ଧି ହେବ। ମଇ ମାସ ୧ ତାରିଖ ଠାରୁ ନୂତନ ଦର ଲାଗୁ କରାଯିବ।

# ରଥଖଳା ହାଲଚାଲ୍; ତୁମ୍ବରେ ବିନ୍ଧ ନିର୍ମାଣ କାର୍ଯ୍ୟ ଜାରୀ

ପୁରୀ, ୩୦/୪(ଶ୍ରୁ.ମି.) : ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରା ପାଇଁ ଜୋରସୋରରେ ଆଗେଇ ଚାଲିଛି ରଥ ନିର୍ମାଣ କାର୍ଯ୍ୟ। ଶ୍ରୀନଅର ସମ୍ମୁଖ ରଥଖଳାରେ ବିଶ୍ୱକର୍ମା ମହାରଣା ମାନେ ରଥ ନିର୍ମାଣ କାର୍ଯ୍ୟରେ ଲାଗି ପଡିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଚକ ନିର୍ମାଣ କାର୍ଯ୍ୟ ଚାଲିଛି। ରଥ ନିର୍ମାଣର ସପ୍ତମ ଦିନରେ ଆଜି ତୁମ୍ବରେ ବିନ୍ଧ ନିର୍ମାଣ କାର୍ଯ୍ୟ ଜାରୀ ରହିଛି। ତିନି ରଥ ପାଇଁ ନିର୍ମାଣ ହୋଇଛି ୪୨ଟି ତୁମ୍ବ। ସୂତା ବାଡିଆ ଶେଷ ହେବା ପରେ ଗତକାଲି ଠାରୁ ତୁମ୍ବରେ ବିନ୍ଧ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଗତକାଲି ସଂନ୍ଧ୍ୟା ସୁଦ୍ଧା ୮ ଯୋଡ଼ା ତୁମ୍ବରେ ବିନ୍ଧ କରାଯାଇଛି। କରତି ସେବକଙ୍କ ଦ୍ୱାରା ତିନି ରଥର ଗୋଟିଏ ଲେଖାଏଁ ତୁମ୍ବର ଘେର କଟାଯାଇଛି। ତୁମ୍ବ ଗୁଡିକରେ ବିନ୍ଧ କରାଯିବା ପରେ ଅର ଏବଂ ପହି ସଂଯୋଗ କରାଯିବ। ସେହିପରି ଦୋଳବେଦୀ କୋଣ ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ଲୁହାଛଡ଼ କାଟି ଅର କଂଟା ପ୍ରସ୍ତୁତ କରୁଛନ୍ତି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରଥଖଳାରେ ପାନୀୟ ଜଳ, ପ୍ରାଥମିକ ଚିକିତ୍ସା ଓ ପଙ୍ଖାର ବନ୍ଦୋବସ୍ତ କରାଯାଇଛି।

ଏଠାରେ ଉଲ୍ଲେଖଯୋଗ୍ୟ, ଅକ୍ଷୟ ତୃତୀୟାରେ ରଥ ନିର୍ମାଣର ଅନୁକୂଳ ହୋଇଥିଲା। ରଥ ଅମିନ, ଚିତ୍ରକାର, ରୂପକାର, ଦରଜି ସେବକ, ଓଝା ସେବକ, ଭୋଇ ସେବକ ମାନେ ରଥ ନିର୍ମାଣ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଜୁନ୍ ୨୦ରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ।

## ଦଶପଲ୍ଲା ଉଚ୍ଚବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ



ଦଶପଲ୍ଲା, ୩୦/୪(ଶ୍ରୁ.ମି.) : ଦଶପଲ୍ଲା ଉଚ୍ଚବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ବିଦ୍ୟାଳୟ ପକ୍ଷରୁ ପ୍ଲାଟିନମ୍ ଜୁବିଲି ସମାରୋହ ୨ଦିନ ଧରି ଅନୁଷ୍ଠିତ ହେଉଥିବା ବେଳେ ଆଜି ଉଦଘାଟନୀ ସମାରୋହ ଖୁବ୍ ଧୁମ ଧାମ୍ ସହକାରେ ପାନ କରାଯାଉଛି। ୧୯୪୬ ମସିହାରେ ପ୍ରତିଷ୍ଠିତ ହୋଇଥିବା ଏହି ଉଚ୍ଚବିଦ୍ୟାଳୟ ଅଂଚଳରେ ସର୍ବପୁରାତନ ଉଚ୍ଚବିଦ୍ୟାଳୟ ହୋଇଥିବା ବେଳେ ବହୁ ପୁରାତନ ଛାତ୍ର ଛାତ୍ରୀ ଏଠାରୁ ଅଧ୍ୟୟନ କରି ବହୁ ଉଚ୍ଚ ପଦ ପଦବୀରେ ଅବସ୍ଥାପିତ ଅଛନ୍ତି। ଉଦଘାଟନି ଉତ୍ସବ ପ୍ରାତଃ ସମୟରୁ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଦଶପଲ୍ଲାର ଅଧିଷ୍ଠିତ ମହାବୀରଙ୍କ ମାଜଣା କରାଯାଇ ସମାରୋହର ଆରମ୍ଭ କରାଯାଇଥିବା ବେଳେ ପରେ ପୁରାତନ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ଶୋଭା ଯାତ୍ରା ବାହାରି ଦଶପଲ୍ଲା ଉଚ୍ଚବିଦ୍ୟାଳ ପରିଶରରେ ପହଁଚି ଥିବା ବେଳେ ସେଠାରେ ପ୍ଲାଟିନମ୍ ଜୁବୁଲି ପତାକା ଉତ୍ତଳନ ଓ ଜୁବୁଲି ଫଳକ ଉନ୍ମୋଚନ କରାଯାଇଥିଲା। ପରେ ସଂଧ୍ୟା ସମୟରେ ପୁରାତନ ଛାତ୍ର ଛାତ୍ରୀ ଓ ବହୁ ମାନ୍ୟଗଣ ବ୍ୟକ୍ତିଙ୍କୁ ନେଇ ଏକ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ବିଧାୟକ ରମେଶଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାକାର୍ଯ୍ୟରେ ମୂଖ୍ୟ ଅତିଥି ଭାବେ ପଂଚାୟତ, ଜଙ୍ଗଲ, ସୂଚନା ଓ ପ୍ରସାରଣ ବିଭାଗ ମନ୍ତ୍ରୀ ଶ୍ରୀ ଯୁକ୍ତ ପ୍ରଦିପ କୁମାର ଅମାତ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପଜିଲ୍ଲାପାଳ ଶ୍ରୀଯୁକ୍ତ ଶକ୍ତିକାନ୍ତ ରାୟ , ଦଶପଲ୍ଲା ପଂଚାୟତ ସମିତି ଅଧକ୍ଷା ଶ୍ରୀମତି ସୁନନ୍ଦା ସାହୁ , ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ୍ ପ୍ରଫେସର୍ (ଡ.) ହରେକୃଷ୍ଣ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ୭୫ ବର୍ଷରେ ପଦାର୍ପଣ କରିଥିବା ବେଳେ ବହୁ ଛାତ୍ର ଛାତ୍ରୀ ନିଜ ଭବିଶ୍ୟତ ଏହିଠାରୁ ଆରମ୍ଭ କରି ଆଜି ସାରା ଭାରତବର୍ଷରେ ସୁନାମ ଅର୍ଜନ କରିଛନ୍ତି। ଆଗାମୀ ସମୟରେ ମଧ ବହୁ ମେଧାବୀ ଛାତ୍ର ଛାତ୍ରୀ ଏହି ଶିକ୍ଷାନୁଷ୍ଠାନରୁ ଅଧୟନ କରି ସମାଜର ମଙ୍ଗଳ କାର୍ଯ୍ୟ ତଥା ସ୍ୱାବଲମ୍ବି ହୋଇପାରିବେ ବୋଲି ମୁଖ୍ୟ ଅତିଥି ନିଜ ଅଭିଭାଷଣ ରଖିଥିଲେ। ଏଥିସହିତ ଅନ୍ୟ ଅତିଥି ମାନେ ନିଜ ଅଭିଭାଷଣ ରଖିଥିବା ବେଳେ ବିଦ୍ୟାଳୟ ପକ୍ଷରୁ ଅନୁଷ୍ଠିତ ବାର୍ଷିକ ଉତ୍ସବରେ କୃତି ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଗାଳ୍ପିକ ହାଡିବନ୍ଧୁ ମହାଖୁଡ ଓ କବି ଚନ୍ଦ୍ର ବିଜୟୀ ମିଶ୍ର ମଂଚ ପରିଚାଳନା କରିଥିଲେ। ପରେ ପୁରାତନ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ 'ଲକ୍ଷେହୀରା ' ପରିବେଷଣ କରାଯାଇଥିଲା। ପରିଶେଷରେ ଜୁବୁଲି କମିଟି ପକ୍ଷରୁ ଉପସ୍ଥିତ ସମସ୍ତ ପୁରାତନ ଓ ନୁତନ ଛାତ୍ର ଛାତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା ।

## ସାଧାରଣ ଲୋକଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରକାଶ କରିବାର ଅନ୍ୟତମ ଅବସର ପାଲଟିଛି 'ମନ୍ କି ବାତ୍' କାର୍ଯ୍ୟକ୍ରମ : ମନମୋହନ ସାମଲ

ଭୁବନେଶ୍ୱର, ୩୦/୪(ଶ୍ରୁ.ମି.) : ଦେଶବାସୀଙ୍କ ସହ ସିଧାସଳଖ ଯୋଡି ହେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ମନ୍ କି ବାତ୍' କାର୍ଯ୍ୟକ୍ରମ ଜରିଆରେ ଏକ ଐତିହାସିକ ପ୍ରୟାସ ଆରମ୍ଭ କରିଥିଲେ । ମାସର ପ୍ରତ୍ୟେକ ଶେଷ ରବିବାର ଦିନ ପ୍ରଧାନମନ୍ତ୍ରୀ ରେଡିଓ, ଦୂରଦର୍ଶନ ଜରିଆରେ କଥା ହୋଇଥାନ୍ତି । ଆଜି ଏହି କାର୍ଯ୍ୟକ୍ରମର ୧୦୦ ତମ ସଂସ୍କରଣ ପୂରଣ ହୋଇଛି ଏବଂ ଏହାର ସଫଳତା ପାଇଁ ପ୍ରଧାନମନ୍ତ୍ରୀ ସମଗ୍ର ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାଧାରଣ ଲୋକଙ୍କ ପ୍ରେରଣାର ଉତ୍ସ ହୋଇଥିବା 'ମନ୍ କି ବାତ୍' କାର୍ଯ୍ୟକ୍ରମ ଆଜି ଦେଶବାସୀ, ପ୍ରବାସୀ ଭାରତୀୟ ତଥା ସମଗ୍ର ବିଶ୍ୱବାସୀଙ୍କୁ ଆଦୃତ କରିପାରିଛି । 'ମନ୍ କି ବାତ୍' କାର୍ଯ୍ୟକ୍ରମ ମାଧ୍ୟମରେ ମୋଦିଜୀ ତଳସ୍ତରରେ ଅସାଧାରଣ କାମ କରୁଥିବା ଏବଂ ଲୁକ୍କାୟିତ ପ୍ରତିଭାକୁ ସାମ୍ନାକୁ ଆଣିଛନ୍ତି । ମୋଦିଜୀ ସାମାଜିକ ସମସ୍ୟା ସମ୍ପର୍କରେ ବି ଚର୍ଚ୍ଚା ଆଲୋଚନା କରିବା ସହ ସାରା ଦେଶକୁ ସାଙ୍ଗରେ ନେଇ ଚାଲିବା ହେଉଛି 'ମନ କି ବାତ୍' କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ରାଜ୍ୟର ପ୍ରକାଶ ରାଓ, ଆଇଜାକ ମୁଣ୍ଡା, ନାୟକ ସାର୍ (ସିଲୁ ନାୟକ), ପଟାୟତ ସାହୁ, କମଳା ମହାରଣା, ଭାଗ୍ୟଶ୍ରୀ ସାହୁ, କିନି ଦେହୁରୀ, ଅମରେଶ ସାମାନ୍ତ, ରାହୁଲ ମହାରଣାଙ୍କ ଭଳି ଅନେକ ଲୁକ୍କାୟିତ ପ୍ରତିଭାକୁ ଲୋକଙ୍କ ସାମ୍ନାକୁ ଆଣିବାରେ ସହାୟକ ହୋଇଛି । ସଂପୂର୍ଣ୍ଣ ଅଣରାଜନୈତିକ ଭିତିକ ଏହି କାର୍ଯ୍ୟକ୍ରମକୁ ଶୁଣିବା ପାଇଁ ବିଜେପି ତରଫରୁ ରାଜ୍ୟରେ ୨୦୦୦ ରୁ ଉର୍ଦ୍ଧ୍ୱ ସ୍ଥାନରେ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ସ୍ଥାନୀୟ ବାସିନ୍ଦାଙ୍କ ସହ ଏକାଠି ଶୁଣିଥିଲେ।

ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ରବିବାର ସମ୍ବଲପୁରର ଝାଡୁଆପଡା ସ୍ଥିତ ଯୁବ ଉଦୟନ କ୍ଲବଠାରେ ସ୍ଥାନୀୟ ବାସିନ୍ଦାଙ୍କ ଗହଣରେ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଥିଲେ । ଆଜିର ୧୦୦ ତମ ସଂସ୍କରଣ ସାଧାରଣ ଲୋକଙ୍କ ଲୁକ୍କାୟିତ ପ୍ରତିଭାକୁ ପ୍ରକାଶ କରିବାର ଅନ୍ୟତମ ଅବସର ପାଲଟିଛି । ଆଜିର ଏହି ଐତିହାସିକ ଦିବସକୁ ସ୍ମରଣୀୟ କରିଥିବା ସାଧାରଣ ଜନତା ଓ ବିଭିନ୍ନ ଅନଷ୍ଠାନକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଧନ୍ୟବାଦ ଜଣାଇଛନ୍ତି । ସେହିପରି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ବାରିପଦାର ଦାରୋଗାଡିହି, ରାଷ୍ଟ୍ରୀୟ ଉପସଭାପତି ବୈଜୟନ୍ତ ପଣ୍ଡା କେନ୍ଦ୍ରାପଡାର ବରାଡିଆ (ଆଳି ବିଧାନସଭା), ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର ପୁରୀ ଜିଲ୍ଲା ଦାଣ୍ଡମୁକୁନ୍ଦପୁର, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଝାରସୁଗୁଡାର ବଇଜାପାଲି, ସାଂସଦ ପ୍ରତାପ ଷଡଙ୍ଗୀ ବାଲେଶ୍ୱର ଜିଲ୍ଲା ନୀଳଗିରିର ଗୋପୀନନାଥପୁର, ସାଂସଦ ସୁରେଶ ପୁଜାରୀ ବ୍ରଜରାଜନଗର, ସଂଗୀତା କୁମାରୀ ସିଂହଦେଓ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡର ଗୋବିନ୍ଦ ବିତିକା, ସାଂସଦ ଅପରାଜିତା ଷଡଙ୍ଗୀ ଭୁବନେଶ୍ୱରର ସୁନ୍ଦରପଦା, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଝାରସୁଗୁଡାର ତାଳପଟିଆ, ପୂର୍ବତନ ରାଜ୍ୟ ସଭାପତି ବସନ୍ତ ପଣ୍ଡା ଝାରସୁଗୁଡା ବିଟିଏମ୍ ବାଇବାସ ରୋଡ ୱାଡ ନଂ ୬, କେଭି ସିଂହଦେଓ, ବିଧାୟକ ଆଦିତ୍ୟ ମାଢୀ ମାଲକାନଗିରି, ଝାରସୁଗୁଡା ବିଧାନସଭା ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ଝାରସୁଗୁଡା ମ୍ୟୁନିସିପାଲିଟିର ୱାର୍ଡ-୧୭ରେ 'ମନ୍ କି ବାତ୍' କାର୍ଯ୍ୟକ୍ରମକୁ ଶୁଣିଥିଲେ। ଏଥିସହ ପାର୍ଟିର ସମସ୍ତ ପଦାଧିକାରୀ ଓ କାର୍ଯ୍ୟକର୍ତ୍ତାମାନେ ବିଭିନ୍ନ ବୁଥ୍‌ରେ ଉପସ୍ଥିତ ରହି "ମନ୍ କି ମାତ୍' କାର୍ଯ୍ୟକ୍ରମକୁ ଶୁଣିଥିଲେ ।



## ଜୟପୁରରେ ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମ

ଜୟପୁର, ୩୦/୪(ଶ୍ରୁ.ମି.) : ଜୟପୁର ସ୍ଥିତ ଅଗ୍ରସେନ ଭବନ ଠାରେ ଜୟପୁର ଭାରତୀୟ ଜନତା ପାର୍ଟିର ବୈଦ୍ୟନାଥ ମିଶ୍ର, ଲଳିତ ଅଗ୍ରୱାଲ, ଅମର ଲାଲ ଆହୁଜା, ଅକ୍ଷୟ କୁମାର ସାହୁ ଏବଂ ସୁଜିତ ପାଣିଙ୍କ ନେତୃତ୍ୱରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୦୦ ତମ 'ମନ କି ବାତ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜୟପୁର ଚେମ୍ବର ଅଫ କମର୍ସର ସଭାପତି ଭି. ପ୍ରଭାକର ରାଓ, ଜୟପୁର ଓକିଲ ସଂଘ ସଭାପତି ବିରେଶ ପଟ୍ଟନାୟକ ଏବଂ ସମାଜସେବୀ ହିମାଂଶୁ ମହାପାତ୍ର ପ୍ରମୁଖ ମୁଖ୍ୟ ଅତିଥି ରହିଥିଲେ। ଏହି କାର୍ଯ୍ୟକ୍ରମରେ ଜୟପୁର ସହରର ଅନେକ ବୁଦ୍ଧିଜୀବୀ ଏବଂ ସବୁ ସଂଗଠନର ପ୍ରମୁଖ ବ୍ୟକ୍ତି ବିଶେଷ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ' ଧ୍ୟାନର ସହ ଶୁଣି ଥିଲେ।

ଏଥିରେ ଭାରତୀୟ ଜନତା ପାର୍ଟିର ସମ୍ବିତ ମହାପାତ୍ର, ଶେଖର ପଟ୍ଟନାୟକ, ପ୍ରଫୁଲ୍ଲ ପାଳ, ଅଯୋଧ୍ୟା ରାମ, ଶୁଭେନ୍ଦୁ ବ୍ରହ୍ମା, ସ୍ୱାତି ହୋତା, ବିନୋଦିନୀ ସାନ୍ତା ପାତ୍ର, ଏ. ଦୁର୍ଗା ପ୍ରସାଦ, ଲିଙ୍ଗରାଜ ପାତ୍ର, ପପ୍ପୁ ପାଢ଼ୀ, ସାଗର ପଟ୍ଟନାୟକ, ବିକାଶ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## ଶ୍ରୀ ବଳଦେବଜୀଉ ମଣ୍ଡଳରେ ପ୍ରଧାନମନ୍ତ୍ରୀଙ୍କର ମନ୍ କି ବାତ ପ୍ରସାରଣ

କେନ୍ଦ୍ରାପଡା, ୩୦/୪(ଶ୍ରୁ.ମି.) : ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍‌କି ବାତ୍ କାର୍ଯ୍ୟକ୍ରମ କେନ୍ଦ୍ରାପଡା ବିଜେପି ପକ୍ଷରୁ ଶ୍ରୀ ବଳଦେବଜୀଉ ମଣ୍ଡଳରେ ପ୍ରସାରଣ କରାଯାଇଛି । କେନ୍ଦ୍ରାପଡା ବ୍ଲକ ଅଧିନ ଓସ୍ତପୁର ପଂଚାୟତର ନାଗପୁର ଗ୍ରାମରେ ମଣ୍ଡଳ ସଭାପତି ଉମାକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ୧୦୦ ତମ ସଂସ୍କରଣର ପ୍ରସାରଣ କରାଯାଇଥିଲା । ଏଥିରେ କୃଷକ ମୋର୍ଚ୍ଚା ଉପସଭାପତି ଦୁର୍ଯ୍ୟୋଧନ ସାହୁ, ଗଗନ ବିହାରୀ ସାହୁ, ଜିଲ୍ଲା ସାଧାରଣ ସଂପାଦକ ଅଭିମନ୍ୟୁ ଗୋଚ୍ଛାୟତ ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉପାଦେୟତା ଓ ଆବଶ୍ୟକତା ଉପରେ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦେଶର ଲୁକ୍କାୟିତ ପ୍ରତିଭାମାନଙ୍କୁ ଲୋକ ଲୋଚନକୁ ଅଣାଯିବା ସହ ବହୁ ଜନହିତକର ଯୋଜନା ସଂପର୍କରେ ସୂଚନା ମିଳିପାରୁଛି । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ କର୍ମଚାରୀ ସଂଘର ଜିଲ୍ଲା ସଭାପତି ଡଃ. ଉପେନ୍ଦ୍ର ନାଥ ପ୍ରଧାନଙ୍କ ସମେତ ସାଧୁଚରଣ ବାରିକ ଓ ନୃସିଂହ ଚରଣ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଓସ୍ତପୁର ପଂଚାୟତ ସଭାପତି ଚିତରଂଜନ ସ୍ୱାଇଁ, ଗୌରାଙ୍ଗ ନାୟକ, ବସନ୍ତ ରାଉତ, ଅନ୍ତର୍ଯ୍ୟାମୀ ରାଉତ ଓ କୁନା ପ୍ରଧାନଙ୍କ ସମେତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସେହିଭଳି କଳପଡା, ଟୁଚିହୁଡା, ଯଯାଙ୍ଗ, ଗରାପୁର, ଆୟବା, ପୁରୁଷୋତମପୁର ପ୍ରଭୃତି ପଂଚାୟତ ମାନଙ୍କରେ କାର୍ଯ୍ୟକ୍ରମ ପ୍ରସାରଣ କରାଯାଇଥିବା ଜଣାପଡିଛି ।

## ଅତିରିକ୍ତ ସଚିବ ଗୁହା ପୁନମଙ୍କ ତିନି ଦିନିଆ ବୌଦ୍ଧ ଜିଲ୍ଲା ଗସ୍ତ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ

ବୌଦ୍ଧ, ୩୦/୪(ଶ୍ରୁ.ମି.) : ରାଜ୍ୟ ସରକାରଙ୍କ ଅତିରିକ୍ତ ସଚିବ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଓରମାସ ଏବଂ ପଂଚାୟତିରାଜ ଓ ପାନୀୟଜଳ ବିଭାଗ ଓ ଜିଲ୍ଲା ନୋଡାଲ ଅଫିସର ଗୁହା ପୁନମ ତାପସ କୁମାର ତିନି ଦିନିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହିତ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଗସ୍ତ ସମୟରେ ଶ୍ରୀମତୀ ଗୁହା ପୁନମ ପ୍ରଥମ ଦିବସରେ ବୌଦ୍ଧ ଏନଏସିର ବିଭିନ୍ନ ପ୍ରକଳ୍ପ ବୁଲି ଦେଖିଥିଲେ । ଦ୍ୱିତୀୟ ଦିବସରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ତେତେଲେଙ୍ଗା, ମାଛ ଯାଆଁଳା କେନ୍ଦ୍ର ତେଲିବନ୍ଧ, ବହିରାର ୫-ଟି ବିଦ୍ୟାଳୟ, ବାଉଁଶୁଣୀ ଗୋଷ୍ଠୀ ଚିକିତ୍ସାଳୟ, ବଉଦିଆପଡାର ମଙ୍ଗଳମୟୀ ଉତ୍ପାଦକ ସଂଘ ସହିତ ଆଲୋଚନା, କଂଟାମାଳ ବ୍ଲକର ମନମୁଣ୍ଡା ବାସୁଦେବପାଲିର ନାରୀ ସମୃଦ୍ଧି ପ୍ରଡ୍ୟୁସର ଗ୍ରୁପ(ଧୂପକାଠି କ୍ଲଷ୍ଟର), ଦେଉଳୀର ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ, କୁଲତାଜୋରର ନୁଆପାଲି ଠାରେ ପିଆଜ ସଂରକ୍ଷଣ ବ୍ୟବସ୍ଥା, କୀଟନାଶକ ପ୍ରୟୋଗ ବିନା ଚାଷ ପ୍ରଣାଳୀ, ପଲଶାଗୋରା ପଂଚାୟତରେ ମିଶନ ଶକ୍ତି ଗୃହ, ସୁଲଭ ବିକ୍ରୟ କେନ୍ଦ୍ର ଏବଂ ଐତିହାସିକ ଗନ୍ଧରାଡି ମନ୍ଦିର ପରିଦର୍ଶନ କରିଥିଲେ ।

ସେହିପରି ତୃତୀୟ ଦିବସ ଶନିବାର ଦିନ ବୌଦ୍ଧଠାରେ ୩୦୦ ଶଯ୍ୟା ବିଶିଷ୍ଟ ନିର୍ମାଣାଧିନ ଚିକିତ୍ସାଳୟ, ପୁରୁଣା ଶିକ୍ଷ ତାଲିମକେନ୍ଦ୍ର କୋଠାରେ ଅସ୍ଥାୟୀ କିଡନୀ ଚିକିତ୍ସାଳୟ, ଆଦର୍ଶ କୃଷକ ବଜାର ପରିବା ହାଟ ବୁଲି କୃଷକମାନଙ୍କ ସହିତ ଆଲୋଚନା, ମିଶନ ଶକ୍ତି ଓ ମିଲେଟ ଶକ୍ତି କାଫେରେ ମହିଳା ଗୋଷ୍ଠୀଙ୍କ ସହିତ ଆଲୋଚନା, ଗ୍ରାମ୍ୟପାନୀୟଜଳ ଯୋଗାଣ ବିଭାଗର ଜଳ ପରୀକ୍ଷଣ କେନ୍ଦ୍ର ପରିଦର୍ଶନ କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅଧିକାରୀମାନଙ୍କ ସହିତ ସମୀକ୍ଷା ବୈଠକ କରିଥିଲେ । ଏହି ସମୀକ୍ଷା ବୈଠକରେ ନିର୍ମାଣାଧିନ ପ୍ରକଳ୍ପ ଗୁଡିକର କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ଶ୍ରୀମତୀ ପୁନମ ପରାମର୍ଶ ଦେଇଥିଲେ । ପରେ ଶ୍ରୀମତୀ ପୁନମ ହରଭଙ୍ଗା ବ୍ଲକର ବୀରନରସିଂହପୁର ରାମକୃଷ୍ଣ ବାଳାଶ୍ରମ, ବଡବନ୍ଧ କନ୍ୟାଶ୍ରମରେ ଛାତ୍ରାବାସ, ପରଗଳପୁର ବୁଦ୍ଧ ମନ୍ଦିର, ମହାନଦୀରେ ଧଳପୁର ଠାରେ ହୋଇଥିବା ବ୍ରିଜ, ଭୈରବୀ ମନ୍ଦିର ପରିଦର୍ଶନ କରିଥିଲେ ।

ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ସତ୍ୟରଂଜନ ସାହୁ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ରାଜ ପ୍ରସାଦ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶ୍ୱିନୀ କୁମାର ମେହେର, ତହସିଲଦାର ଦେବୀ ପ୍ରସାଦ ଦାଶ, ରାଜେନ୍ଦ୍ର ନାରାୟଣ ସେନାପତି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଳ କୁମାର ପ୍ରଧାନ, ଓରମାସ ଅଧିକାରୀ ଶିବାଶିଷ ଦାଶଙ୍କ ସମେତ ସମସ୍ତ ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଗୋବରୀ ନଦୀରୁ ମିଳିଲା ନିଖୋଜ ଛାତ୍ରଙ୍କ ଶବ

କେନ୍ଦ୍ରାପଡା, ୩୦/୪(ଶ୍ରୁ.ମି.) : କେନ୍ଦ୍ରାପଡା ସହରର ମହିପାଳସ୍ଥିତ ବାୟାବାବା ମଠ ସଂଲଗ୍ନ ଶନି ମନ୍ଦିରରେ ବାର୍ଷିକ ଉତ୍ସବ ଅବସରରେ ଜଳାଭିଷେକ ପାଇଁ ଯାଇଥିବା ଜଣେ ଛାତ୍ର ଗତକାଲି ନିଖୋଜ ହୋଇଯାଇଥିବା ପରିବାର ପକ୍ଷରୁ ଟାଉନଥାନା ଓ ଅଗ୍ନିଶମ ବିଭାଗରେ ଅଭିଯୋଗ କରାଯାଇଥିଲା । ଆଜି ସକାଳୁ ସେହି ଛାତ୍ରଙ୍କ ମୃତଦେହ ଗୋବରୀ ନଦୀରୁ ଉଦ୍ଧାର ହୋଇଥିବା ଜଣାପଡିଛି । ବାୟାବାବା ମଠ ପଛରେ ଥିବା ଗୋବରୀ ନଦୀ ତୁଠରେ ଜଳ ଉତୋଳନ କରି ଶ୍ରଦ୍ଧାଳୁମାନେ ଅଭିଷେକ କରିଥିଲେ। ସେମାନଙ୍କ ମଧ୍ୟରେ ସେହି ଛାତ୍ର ସୁଦାମ ସାହୁଙ୍କ ପୁଅ ରାମଚନ୍ଦ୍ର ସାହୁ (୧୨) ଘାଟକୁ ଜଳ ପାଇଁ ଯାଇଥିଲେ। ବହୁ ସମୟ ପରେ ଘରକୁ ନ ଫେରିବାରୁ ପରିବାର ପକ୍ଷରୁ ଖୋଜାଖୋଜି ଆରମ୍ଭ ହୋଇ ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା । ବିଭାଗ କର୍ମଚାରୀମାନେ ବହୁ ଖୋଜାଖୋଜି କଲେ ମଧ ଛାତ୍ରଙ୍କ ପତା ପାଇନଥିଲେ। ତେବେ ଆଜି ସକାଳୁ ସେ ଘାଟର ନିକଟବର୍ତୀ ଗୋବରୀ ନଦୀରୁ ଭାସୁଥିବା ଅବସ୍ଥାରେ ଛାତ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି । ତେବେ ଏଭଳି ଅଘଟଣ ଘଟିବା ଆଶଙ୍କା ଥିଲେ ମଧ ପ୍ରଶାସନ ପକ୍ଷରୁ କିମ୍ବା ପରିଚାଳନା କମିଟି ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇନଥିବାରୁ ସାଧାରଣରେ ଆଲୋଚନା ଜୋର୍ ଧରିଛି। ହଜାର ହଜାର ଲୋକଙ୍କ ସମାଗମ ଏବଂ ଏକ ଗଭୀର ଗଣ୍ଡ ଥିବା ଗୋବରୀ ନଦୀରୁ ପାଣି ଉଠାଇବା ପାଇଁ କିଏ ଅନୁମତି ଦେଲା ତାହାକୁ ନେଇ ଚର୍ଚ୍ଚା ଆଲୋଚନା ଚାଲିଛି। ବହୁ ଜନସମାଗମ ସମ୍ଭାବନା ଥିଲେ ମଧ ପୋଲିସ ପ୍ରଶାସନ ବିନା ସୁରକ୍ଷାରେ ନଦୀରୁ ପାଣି ଉଠାଇବା ପାଇଁ କିପରି ଅନୁମତି ଦେଲା ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିଶ୍ୱ ନୃତ୍ୟ ଦିବସ ଓ ଫୁଲବାଣୀ ନଟରାଜ କଳା ମନ୍ଦିର ବାର୍ଷିକ ଉତ୍ସବ ଅନୁଷ୍ଠିତ

କନ୍ଧମାଳ, ୩୦/୪(ହି.ସ.) : ବିଶ୍ୱ ନୃତ୍ୟ ଦିବସ ଅବସରରେ ଶନିବାର ସ୍ଥାନୀୟ ଫୁଲବାଣୀ ସ୍ଥିତ ସଭାଗୃହ ଠାରେ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ନଟରାଜ କଳା ମନ୍ଦିର ଦ୍ୱାରା ନଟରାଜ ନୃତ୍ୟ ସଙ୍ଗୀତ ଉତ୍ସବ ୨୦୨୩ ଅୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ରଦନ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୌରପରିଷଦ ର ଅଧକ୍ଷା ଶ୍ରୀମତୀ ସ୍ମିତାରାଣୀ ମହାନ୍ତି ,ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ନରେଶ ଚନ୍ଦ୍ର ଶବର, ଜିଲ୍ଲା ଯୋଗାଣ ଅଧିକାରୀ ଅନାଥ ଚରଣ ସ୍ୱାଇଁ, ଦୂରଦର୍ଶନ କେନ୍ଦ୍ର ଭୁବନେଶ୍ୱର ର କାର୍ଯ୍ୟକ୍ରମ ମୁଖ୍ୟ ଶ୍ରୀମତୀ ଦୀପ୍ତି ମିଶ୍ର, ଜିଲ୍ଲା ସଂସ୍କୃତି ଅଧିକାରୀ ଅକ୍ଷୟ କୁମାର ସେଠୀ, ବରିଷ୍ଠ ଆଇନଜିବୀ ବିଜୟ କୃଷ୍ଣ ପଟ୍ଟନାୟକ, ହରିଶ୍ଚନ୍ଦ୍ର ମହାରଣା, ଗୁରୁ ବିକ୍ରମ ସାମଲ, ଗୁରୁ ସନାତନ ନାୟକ ପ୍ରଭୃତି ଯୋଗଦାନ କରିଥିଲେ।

ଏହି ଅବସରରେ ପ୍ରଖ୍ୟାତ ଓଡିଶୀ ନୃତ୍ୟାଙ୍ଗନା ଡ ସୁଜାତା ମହାପାତ୍ର, ଓଡିଶୀ କଣ୍ଠ ସଙ୍ଗୀତ ଗୁରୁ ସୁକାନ୍ତ କୁମାର କୁଣ୍ଡୁ, ମର୍ଦ୍ଦଳ ଗୁରୁ ସଚ୍ଚିଦାନନ୍ଦ ଦାସଙ୍କୁ ନଟରାଜ କଳା ମନ୍ଦିର ସମ୍ମାନ ପ୍ରଦାନ କରାଜାଇଥିଲା। ସଙ୍ଗୀତ ସାଧନା ପାଇଁ ଲକ୍ଷ୍ମୀନାରାୟଣ ପୁରୋହିତ, ସମାଜ ସେବା ପାଇଁ ଏ ସାଇରାମ୍ ପାତ୍ର, ଭି ଲୋକନାଥ ରାଜୁ, ସୁକାନ୍ତ କୁମାର ବେହେରା, ସାହିତ୍ୟ କ୍ଷେତ୍ର ରେ ଉଲ୍ଲେଖନୀୟ କୃତିତ୍ୱ ପାଇଁ ବୈଜୟନ୍ତୀମାଳା ମହାପାତ୍ର, ନାଟକ ପାଇଁ ବିଜୟକୃଷ୍ଣ ପଟ୍ଟନାୟକ ଙ୍କୁ ନଟରାଜ କଳା ମନ୍ଦିର ସମ୍ମାନ ପ୍ରଦାନ କରଯାଇଥିଲା। ଏହି ଅବସରରେ ପ୍ରତିଷ୍ଠିତ ଗୁରୁ ମାନଙ୍କ ଦ୍ୱାରା ଏକକ ମର୍ଦ୍ଦଳ ବାଦନ, ଓଡିଶୀ କଣ୍ଠ ସଙ୍ଗୀତ ଏବଂ ଓଡିଶୀ ନୃତ୍ୟ ସହ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ଓଡିଶୀ, ଭଜନ, ସମ୍ବଲପୁରୀ ଓ ଆଧୁନିକ ନୃତ୍ୟ ଓ ଚିତ୍ର ପ୍ରଦର୍ଶିତ ହୋଇଥିଲା। ପ୍ରେକ୍ଷାଳୟ ଭରପୁର ଦର୍ଶକ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଶୋକ କୁମାର ମହାନ୍ତି ସଂଯୋଜନା କରିଥିବା ବେଳେ ଅନୁଷ୍ଠାନ ର ନିର୍ଦ୍ଦେଶକ ବିନୋଦ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ଦଶପଲ୍ଲା ବିଧାୟକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଡାକରା



ଦଶପଲ୍ଲା୩୦/୪(ଶ୍ରମି); ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପାଇଁ ବହୁ ରାଜନୈତିକ ଚଳଚଂଚଳତା ଦେଖାଦେଇଥିବା ବେଳେ ବହୁ ଆଶାୟୀ ଦଳିୟ ଟିକେଟ ପାଇଁ କସରତ୍ ଆରମ୍ଭ କରିଦେଇଛନ୍ତି । ଦଶପଲ୍ଲା ନିର୍ବାଚନ ମଣ୍ଡଳି ନୟାଗଡ ଜିଲ୍ଲାର ଏକ ପ୍ରମୁଖ ଓ ବୃହତ ନିର୍ବାଚନ ମଣ୍ଡଳି ହୋଇଥିବା ବେଳେ ପ୍ରତିନିର୍ବାଚନରେ ଏକ ନୂତନ ଚେହେରା ଦେଖିବାକୁ ମିଳିଥାଏ ମାତ୍ର ଏଥର ରାଜନୈତିକପାଣିପାଗ ନୂତନ ମୋଡ ନେବାକୁ ଯାଉଥିବା ବେଳେ ଦଶପଲ୍ଲାର ଯୁବ ବିଧାୟକ ଶ୍ରୀ ରମେଶ ଚନ୍ଦ୍ର ବେହେରାଙ୍କୁ ମୂଖ୍ୟମନ୍ତ୍ରୀଙ୍କ ଡାକରା ମିଳିଛି । ଦଶପଲ୍ଲା ଅଂଚଳରେ ବହୁ ଉନ୍ନତି ମୂଳକ କାର୍ଯ୍ୟ ବିଧାୟକ ଶ୍ରୀ ବେହେରାଙ୍କ ଅକ୍ଲାନ୍ତ ପରିଶ୍ରମ ମାଧ୍ୟମରେ ହୋଇପାରିଥିବା ବେଳେ ନିର୍ବାଚନ ମଣ୍ଡଳୀର ୩ଟି ବ୍ଲକରେ ତାଙ୍କର ବେଶ୍ ସୁନାମ ହୋଇପାରିଛି। ପାଂଚ ବର୍ଷ ମଧ୍ୟରେ ନିଜ ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ନିଜର ଭାବି ନିଶ୍ୱାର୍ଥପର ଭାବେ ରାତିଦିନ ଏକ କରି ସାଧାରଣ ନାଗରିଙ୍କ ଦୁଃଖ ସୁଖରେ ଛିଡା ହୋଇଛନ୍ତି । ଯାଦ୍ୱାର ଶ୍ରୀ ବେହେରା ନିର୍ବାଚନ ମଣ୍ଡଳୀର ସମସ୍ତଙ୍କ ଆଶା ବିଶ୍ୱାସ ଓ ଭରସା ପାଲଟିଛନ୍ତି । ଯାହାର ଫଳ ସ୍ୱରୂପ ପୂନର୍ବାର ଜନସାଧାରଣଙ୍କ ସେବା କରିବାକୁ ବିଜେଡିର ପ୍ରମୁଖ ମାନ୍ୟବର ମୂଖ୍ୟମନ୍ତ୍ରୀ ଶ୍ରୀ ଯୁକ୍ତ ନବିନ ପଟ୍ଟନାୟକ ତାଙ୍କୁ ପୁଣିଥରେ ସୁଯୋଗ ଦେବାକୁ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ଜଣାପଡିଛି । ଯାହାକୁ ନେଇ ଦଶପଲ୍ଲା ନିର୍ବାଚନୀ ମଣ୍ଡଳୀର ସମସ୍ତ ବିଜେଡି କର୍ମୀ , ପୁରୁଖା ନେତା , ଯୁବ ବିଜେଡି ନେତା ଏବଂ ବିଜେଡି ମହିଳା ନେତ୍ରୀ ମାନେ ବେଶ ଉତ୍ସାହିତ ହୋଇପଡିଥିବା ଦେଖିବାକୁ ମିଳିଛି ।

## ବାହାଘର ଭୋଜି ପରଷୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଜଣେ ମୃତ

ବଲାଙ୍ଗିର, ୩୦/୪(ଶ୍ରୁ.ମି.) : ବାହାଘର ଭୋଜି ପରଷୁଥିବା ସମୟରେ ବିଦ୍ୟୁତ ଆଘାତରେ ଜଣକର ମୃତ୍ୟୁ ଘଟିଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ବଲାଙ୍ଗିର ସହର ଖରସେଲପଡାରେ।

ଗତ ରାତିରେ କ୍ଷମା ସାହୁଙ୍କ ଝିଅଙ୍କ ବାହାଘର ଥିଲା। ଅନ୍ୟ ବନ୍ଧୁବାନ୍ଧବଙ୍କ ସହିତ ନିଜ ସମ୍ପର୍କୀୟ ଘରକୁ ବାହାଭୋଜି ଖାଇବା ପାଇଁ ଆସିଥିଲେ ଦେଓଗାଁ ବ୍ଲକ ବହଲି ଗାଁ ର ଗୋକୁଳ ସାହୁ। ବାହାଘର ଭୋଜି ପରଷୁଥିବା ସମୟରେ ଏକ ଲୁହା ଖମ୍ବକୁ ସେ ହାତରେ ଧରି ଦେଇଥିଲେ। ସଙ୍ଗେ ସଙ୍ଗେ କରେଂଟ ଲାଗି ଗୋକୁଳଙ୍କ ଜୀବନ ଚାଲିଯାଇଥିଲା। ଲୁହା ଖୁଂଟରେ ଏକ ହେଲୋଜେନ ଲାଇଟ ଲଗାଯାଇଥିଲା। ସେହି ଲାଇଟରୁ ସର୍ଟସର୍କିଟ ହୋଇ କରେଂଟ ଲାଗିଥିବା ଅନୁମାନ କରାଯାଉଛି। ଟାଉନ ପୋଲିସ ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଅଧିକ ତଦନ୍ତ ଜାରୀ ରଖିଛି। ଘଟଣା ପରେ ମୃତକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି। ମୃତ ଗୋକୁଳ ଜଣେ ପାଇପ ମିସ୍ତ୍ରୀ ଥିଲେ।

## ପଞ୍ଜାବ ବ୍ୟାଙ୍କ ଏଟିଏମ ଲୁଟ୍ ଉଦ୍ୟମ ପଣ୍ଡ

ମାଲକାନଗିରି, ୩୦/୪(ଶ୍ରୁ.ମି.) : ମାଲକାନଗିରି ସଦର ଆଦର୍ଶ ଥାନା ଠାରୁ ମାତ୍ର ୧୦୦ ମିଟର ଦୂରରେ ୩୨୬ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ପଞ୍ଜାବ ବ୍ୟାଙ୍କ ନିକଟରେ ଥିବା ଏଟିଏମ ଲୁଟ୍ ଉଦ୍ୟମ କରୁଥିବା ବେଳେ ପୁଲିସକୁ ଦେଖି ଦୁର୍ବୃତ ମାନେ ଫେରାର ହୋଇଯାଇଛନ୍ତି। ଫଳରେ ଏଟିଏମ ଲୁଟ୍ ଉଦ୍ୟମ ପଣ୍ଡ ହୋଇଛି।

ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ସାଢ଼େ ୩ଟା ବେଳେ ୨ ଜଣ ଦୁର୍ବୃତ ଏଟିଏମ୍ ଲୁଟ କରିବା ପାଇଁ ଚେଷ୍ଟା କରୁଥିଲେ। ତାଲା ଭାଙ୍ଗିବା ପାଇଁ ଚେଷ୍ଟା କରୁଥିବା ବେଳେ ସାଇରନ ବାଜିଥିଲା। ଏହାପରେ କମ୍ପାନୀ ପକ୍ଷରୁ ତୁରନ୍ତ ମାଲକାନଗିରି ଥାନାକୁ ଖବର ଦିଆଯାଇଥିଲା। ମାଲକାନଗିରି ପୁଲିସର ପାଟ୍ରୋଲିଂ ଗାଡ଼ି କିଛି ମିନିଟ ଭିତରେ ସେଠାରେ ପହଂଚି ଯାଇଥିଲା। ପୁଲିସ ଗାଡ଼ିର ଶବ୍ଦ ଶୁଣି ଦୁଇ ଜଣ ଦୁର୍ବୃତ୍ତ ସେଠାରୁ ଦୌଡ଼ି ପଳାଇଥିଲେ। ପୁଲିସ ପହଂଚିବା ଯୋଗୁଁ ବଡ଼ ଧରଣର ଲୁଟ ଉଦ୍ୟମ ପଣ୍ଡ ହୋଇଛି।

## ଏଚ୍‌ପିସିଏଲ୍ ପକ୍ଷରୁ ସଂରକ୍ଷଣ କ୍ଷମତା ମହୋତ୍ସବ ପାଳିତ



ତାଳଚେର, ୩୦/୪(ଶ୍ରୁ.ମି.) : ଭାରତବର୍ଷରେ ଦିନକୁ ଦିନ ପେଟ୍ରୋଲ୍, ଡିଜେଲ୍ ଓ ରନ୍ଧନ ଗ୍ୟାସ୍‌ର ଆମଦାନୀରେ ଅଭାବିକରଣ ଅନୁଭୂତ ହେବା ଦ୍ୱାରା ଏହାର ମୂଲ୍ୟ ବଢ଼ିବାରେ ଲାଗିଛି । ଏହାକୁ ଆଦାର କରି ବେଶ୍ କିଛି ବର୍ଷ ହେଲା ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କଂପାନୀ ପକ୍ଷରୁ ଓଡିଶାର ସଂରକ୍ଷଣ କ୍ଷମତା ମହୋତ୍ସବ ପାଳନ କରି ଶକ୍ତି ସଂରକ୍ଷଣ ସମ୍ବନ୍ଧରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରି ଆସୁଛନ୍ତି । ଏହି ଅବସରରେ ତାଳଚେର ଠାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ, ସ୍ଥାନୀୟ ଅଂଚଳର ବୁଦ୍ଧିଯିବି, ପରିବେଶବିତ୍, ସାମଜସେବୀ ଓ ସାମ୍ବାଦିକ ମାନଙ୍କୁ ନେଇ ଏକ ସାଇକେଲ ର୍‍ୟାଲିର ଆୟୋଜନ କରାଯାଇଥିଲା । ସାଇକେଲ୍ ଆରୋହୀମାନେ ଶକ୍ତି ସଂରକ୍ଷଣ ସଂପର୍କରେ ସ୍ଲୋଗାନମାନ ଦେଇ ସହର ପରିକ୍ରମା କରିବା ପରେ ସ୍ଥାନୀୟ ପଂଚାୟତ ସମିତି ସଭାଘର ଠାରେ ପହଂଚିଥିଲେ । ସେଠାରେ ଏକ ଶକ୍ତି ସଂରକ୍ଷଣ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ମୁଖ୍ୟଅତିଥି ଭାବରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନଶିକ୍ଷକ ମାୟାଧର ସାହୁ, ରୋଗୀ କଲ୍ୟାଣ ସମିତିର ସଭ୍ୟ ସଂଜୀବ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ଧୀରମୋହନ ରାୟ, ସର୍ବୋପରି ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ ର କ୍ଷେତ୍ର ପ୍ରବନ୍ଧକ ଅଭିଶେକ୍ ଅନୁପ କାଉର, ବରିଷ୍ଠ ବିତ ପ୍ରବନ୍ଧକ ବିଶ୍ୱଜିତ୍ ପାତ୍ର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଶକ୍ତି ସଂରକ୍ଷଣ ର ବିଭିନ୍ନ ଦିଗ ସଂପର୍କରେ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ଏରିଆ ଖବର ନିୟୁଜ୍ ର ସଂପାଦକ ସୌଭାଗ୍ୟ ଚନ୍ଦ୍ର ନାୟକ ପରିଚାଳନା କରିବା ସହିତ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ।

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-752101, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ:ସର୍ବେଶ୍ୱର ମିଶ୍ର